

ତୀରନ୍ଦାଜ ପାୟଲ୍‌ଙ୍କୁ ଡବଲ୍ ପଦକ

▶ପୃଷ୍ଠା ୧୨ ଦେଖନ୍ତୁ...


◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-219 ◆WEDNESDAY ◆4 FEBRUARY 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୨୧୯ ◆ବୁଧବାର ◆୪ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ମେଟାକୁ 'ସୁପ୍ରିମ' ଛାଟ: ନିୟମ ନ ମାନିଲେ ଦେଶ ଛାଡ଼

■ ନୂଆଦିଲ୍ଲୀ, ୩।୨ (ଏଜେନ୍ସି): ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ମେଟାକୁ ଲାଗିଛି ସୁପ୍ରିମ ଛାଟ। ହ୍ୱାଟ୍ସଆପ୍ ପଲିସିକୁ ନେଇ ବର୍ଷିଛନ୍ତି ସୁପ୍ରିମକୋର୍ଟ। ଡାଟା ଗୋପନୀୟତା ଏବଂ ବ୍ୟବହାରକାରୀଙ୍କ ଅଧିକାର ଉପରେ ସୁପ୍ରିମକୋର୍ଟ ମେଟା ଏବଂ ହ୍ୱାଟ୍ସଆପ୍‌କୁ କଡ଼ା ଭର୍ତ୍ସନା କରିଛନ୍ତି। କୋର୍ଟ ସ୍ପଷ୍ଟ ଭାବରେ ନିର୍ଦ୍ଦେଶ ଦେଇଛନ୍ତି ଯେ ସେମାନେ ବ୍ୟବହାରକାରୀଙ୍କ ଡାଟା ସେୟାର କରିବେ ନାହିଁ ବୋଲି ଲିଖିତ ଶପଥପତ୍ର ଦାଖଲ କରନ୍ତୁ। ଡାଟା ସେୟାରିଂ ସମ୍ପର୍କରେ ସୁପ୍ରିମକୋର୍ଟ ହ୍ୱାଟ୍ସଆପ୍ ଏବଂ ମେଟାଠାରୁ ଏକ ସ୍ପଷ୍ଟ ସତ୍ୟପାଠ ମାଗିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ବ୍ୟବହାରକାରୀଙ୍କ ଗୋପନୀୟତା ସର୍ବୋପରି। ସେ ମେଟାର ନୀତିକୁ ଦ୍ୱନ୍ଦ୍ୱପୂର୍ଣ୍ଣ ଏବଂ ସାଧାରଣ ଲୋକଙ୍କ ପାଇଁ ବୁଝିବା କଷ୍ଟକର ବୋଲି ବର୍ଣ୍ଣନା କରିଛନ୍ତି। ଖଣ୍ଡପୀଠ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଯଦି କମ୍ପାନୀଗୁଡ଼ିକ ଏହି ସମ୍ପର୍କରେ ସ୍ପଷ୍ଟ ଏବଂ ଲିଖିତ ପ୍ରତିଶ୍ରୁତି ପ୍ରଦାନ କରିବାରୁ ନିବୃତ୍ତ ରଖନ୍ତି, ତେବେ ସେମାନଙ୍କର ଆବେଦନ ଖାରଜ ହୋଇପାରେ। କୋର୍ଟଙ୍କ ମତ ଦର୍ଶାଉଛି ଯେ ଡାଟା ସୁରକ୍ଷା ଏବଂ ଡିଜିଟାଲ୍ ଗୋପନୀୟତାକୁ ଏବେ ମୌଳିକ ଅଧିକାର ଭାବରେ ଦେଖାଯାଉଛି। ଯଦି କମ୍ପାନୀ ଭାରତୀୟ ସମ୍ବିଧାନର ନିୟମ ଅନୁପାଳନ କରୁନାହିଁ, ତେବେ ଭାରତ ଛାଡିଦେଉ।



ଲୋକଙ୍କ ଗୋପନୀୟତା ସହ ଖେଳିପାରିବନି

## ସମସ୍ତଙ୍କ ପାଇଁ ଖୋଲିଲା ହିମାଳୟର ୮୩ ଶିଖର

**ପ୍ରଥମ ଘଟଣା**

■ ଡେରାଡୁନ, ୩।୨ (ଏଜେନ୍ସି): ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବା ପାଇଁ ଉତ୍ତରାଖଣ୍ଡ ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ପ୍ରଥମ ଥର ପାଇଁ ହିମାଳୟର ୮୩ ଶିଖରକୁ ପର୍ଯ୍ୟଟକଙ୍କ ପାଇଁ ଖୋଲା ଯାଇଛି। ଏହି ସବୁ ଶିଖର ଗଢ଼ୱାଲ ଏବଂ କୁମାଓରେ ରହିଛି। ଖାଲି ସେତିକି ନୁହେଁ, ଏହି ଶିଖରରେ ଚଢ଼ିବାକୁ ଚାହୁଁଥିବା ସମସ୍ତ ପ୍ରକାରର ଦେୟକୁ ବି ଛାଡ଼ କରିଦେଇଛନ୍ତି। ଏବେ ପର୍ବତାରୋହଣ ପୂର୍ବାପେକ୍ଷା ଅଧିକ ସହଜ ଏବଂ ଶସ୍ତା ହେବ। ଉତ୍ତରାଖଣ୍ଡର ଆଡଭେଞ୍ଚର ଅଫିସର କହିଛନ୍ତି ଯେ ଶୁଳ୍କ ଛାଡ଼ ହେବାର ଅର୍ଥ ବିପଦ ନାହିଁ ବୋଲି କୁହାଯାଇପାରିବ ନାହିଁ। ପର୍ବତାରୋହଣ ପାଇଁ ଯାଉଥିବା ପ୍ରତ୍ୟେକ ଟିମ୍ ସହିତ ଜଣେ ମାର୍ଗଦର୍ଶକଙ୍କୁ ନେଇ ଯିବାକୁ ହେବ। ଏହା ସହିତ ବୀମା ମଧ୍ୟ ▶ପୃଷ୍ଠା-୭



## ଲୋକସଭାରେ ନର୍‌ବାଣେ ଝଡ଼

### ବାଚସ୍ପତିଙ୍କ ଚେୟାର୍‌କୁ କାଗଜ ଫିଙ୍ଗି ୮ ବିରୋଧୀ ସାଂସଦ ନିଲମ୍ବିତ

- ଦୁଇ ଦିନ ଧରି ଲୋକସଭା ଅଚଳ
- ରାହୁଲଙ୍କୁ କହିବାକୁ ଦିଆଗଲା ନାହିଁ
- ବାଚସ୍ପତିଙ୍କୁ ଚିଠି ଲେଖିଲେ ରାହୁଲ





■ ନୂଆଦିଲ୍ଲୀ, ୩।୨ (ଏଜେନ୍ସି): ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କୁ ନେଇ ଲୋକସଭା ଆଜି ଦ୍ୱିତୀୟ ଦିନ ଧରି ଅଚଳ ରହିଛି। ଭାରତ-ଚୀନ ସଂଘର୍ଷ ସଂପର୍କରେ ଜେନେରାଲ ନର୍‌ବାଣେଙ୍କ ଲେଖା ପଢ଼ିବା ଲାଗି ରାହୁଲଙ୍କୁ ବାଚସ୍ପତି ଅନୁମତି ନଦେବାରୁ କଂଗ୍ରେସ ସମେତ ବିରୋଧୀ ଦଳର ସଭ୍ୟମାନେ ଏହାର ଦୃଢ଼ ପ୍ରତିବାଦ କରିଥିଲେ। ସେମାନେ ହଟ୍ଟଗୋଳ କରିବା ସହିତ କାଗଜ ଚିରି ବାଚସ୍ପତିଙ୍କ ଚେୟାର ଆଡ଼କୁ ଫିଙ୍ଗିଥିଲେ। ଏଭଳି ଆଚରଣ ପାଇଁ ୮ ଜଣ ବିରୋଧୀ ସାଂସଦଙ୍କୁ ଚଳିତ ଅଧିବେଶନର ଅବଶିଷ୍ଟ ସମୟ ପାଇଁ ନିଲମ୍ବିତ କରାଯାଇଛି। ସେମାନଙ୍କ ମଧ୍ୟରେ ସାତ ଜଣ କଂଗ୍ରେସ ସାଂସଦ ଥିବା ବେଳେ ଜଣେ ହେଉଛନ୍ତି ସିପିଏମ୍ ସାଂସଦ। ସେମାନଙ୍କୁ ନିଲମ୍ବିତକରିବା ଲାଗି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ପ୍ରସ୍ତାବ ଆଗତ କରିଥିଲେ ଏବଂ ଏହା ବାଚନିକ ଭୋଟରେ ଗୃହୀତ ହୋଇଯାଇଥିଲା। ଏଭଳି କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ବିରୋଧୀ ଦଳ ସଂସଦ ବାହାରେ ପ୍ରତିବାଦ ଜଣାଇଛନ୍ତି। ▶ପୃଷ୍ଠା-୭

**ବାଣିଜ୍ୟ ଚୁକ୍ତି**

## ଆମେରିକା ୧୮, ଭାରତ ଶୂନ

### ଭାରତୀୟ ସାମଗ୍ରୀ ଉପରୁ ଆମେରିକା ନେବ ୧୮ ପ୍ରତିଶତ ଟାରିଫ୍

■ ନୂଆଦିଲ୍ଲୀ, ୩।୨ (ଏଜେନ୍ସି): ଶେଷରେ ସ୍ୱାକ୍ଷରିତ ହୋଇଛି ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି। ଏହାପରେ ଭାରତ ଉପରେ ଆମେରିକା ଦ୍ୱାରା ଲାଗୁ କରାଯାଇଥବା ଟାରିଫ୍ ହ୍ରାସ ପାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏ ସଂକ୍ରାନ୍ତରେ ବିଧିବଦ୍ଧ ଘୋଷଣା କରିଛନ୍ତି। ନୂତନ ବ୍ୟବସ୍ଥାରେ ଆମେରିକା ପକ୍ଷରୁ ଭାରତ ଉପରେ ଲାଗୁ କରାଯାଇଥବା ବାଣିଜ୍ୟ ଶୁଳ୍କ ବା ଟାରିଫ୍ ୧୮%କୁ ହ୍ରାସ ହୋଇଛି। ରୁଷରୁ ତେଲ କିଣୁଥିବା ଯୋଗୁଁ ଭାରତ ଉପରେ ଲାଗୁ ହୋଇଥିବା ୨୫% ଶୁଳ୍କକୁ ମଧ୍ୟ ହଟାଇ ଦିଆଯାଇଛି। ତେଣୁ ଏବେ କେବଳ ୧୮% ଆମେରିକା ଟାରିଫ୍‌ର ସମ୍ମୁଖୀନ ହେବ ବୋଲି କୁହାଯାଉଛି। ହେଲେ ଟ୍ରମ୍ପ୍ ତାଙ୍କ ସୋସିଆଲ ମିଡିଆ ପୋଷ୍ଟରେ ଭାରତ ସହିତ ବାଣିଜ୍ୟ ଚୁକ୍ତି ସମ୍ପର୍କରେ ଦେଇଥିବା ସୂଚନାକୁ ନେଇ ଭାରତ ସରକାରଙ୍କ ପକ୍ଷରୁ ଏ ସମ୍ପର୍କରେଏ ଯାଏ କିଛି ସ୍ପଷ୍ଟତା ଆସିନାହିଁ। ତେଣୁ ବାଣିଜ୍ୟ ଚୁକ୍ତିରେ ଭାରତ ଆମେରିକାଠାରୁ ପଛରେ ପଡ଼ିଯାଇଥିବା ମନେହେଉଛି। ଭାରତୀୟ ସାମଗ୍ରୀ ଉପରେ ଆମେରିକା ୧୮% ଶୁଳ୍କ ଲାଗୁ କରିବ, ମାତ୍ର ଆମେରିକାରୁ ଆମଦାନୀ ହେଉଥିବା ସାମଗ୍ରୀକୁ ବିନା ଶୁଳ୍କରେ ଭାରତ ନିଜ ଦେଶରେ ବିକ୍ରି ପାଇଁ ଅନୁମତି ଦେବ। ସୂଚନା ଅନୁସାରେ ପ୍ରତିବର୍ଷ ▶ପୃଷ୍ଠା-୭



- ୧୩.୫%ରୁ ଶୂନକୁ ଖସିଲା ଆମେରିକା ସାମଗ୍ରୀରୁ ଆମଦାନୀ ଟିକସ
- ଦେଶରୁ ବଢ଼ିବ ରପ୍ତାନୀ, ଭାରତରେ ଶସ୍ତା ହେବ ଆମେରିକୀୟ ଉତ୍ପାଦ
- ସୁରକ୍ଷିତ ରହିବ କୃଷି, ଦୁଗ୍ଧ ଓ ସମ୍ବେଦନଶୀଳ କ୍ଷେତ୍ର: ବାଣିଜ୍ୟ ମନ୍ତ୍ରୀ

## ବନ ବିଭାଗକୁ ବଦହଜମ ପୁଲିସ ନାଲିଆଖି

**ଖାକି-ଖାକି ମୁହାଁମୁହିଁ**

- କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କୁ ସଂଘର ଫେରାଦ
- ଆଇଜିଙ୍କୁ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ବନ ବିଭାଗର ଚିଠି
- ରେଞ୍ଜ କାର୍ଯ୍ୟାଳୟରେ ତଦନ୍ତ ଆରମ୍ଭ କଲେ ଅତିରିକ୍ତ ଏସପି

■ ରାଜନଗର/ଭୁବନେଶ୍ୱର, ୩।୨ (ସମିସ): ବନ ବିଭାଗ କାର୍ଯ୍ୟାଳୟରେ ପଶି ଜଣେ ମହିଳା ପୁଲିସ ଅଧିକାରୀ ଧମକ ଚମକ ଦେବା ଘଟଣା ଏବେ ତାଙ୍କ ପାଇଁ ବୁମେରାଂ ହେବାକୁ ଯାଉଛି। ଜଙ୍ଗଲ ବିଭାଗର ଗେଜେଟେଡ୍ ଅଧିକାରୀଙ୍କୁ ଏସ୍‌ଆଇ ପାହ୍ୟାର ପୁଲିସ କର୍ମଚାରୀଙ୍କ ନାଲି ଆଖି ବନ ବିଭାଗ ଅଧିକାରୀମାନେ ବରଦାସ୍ତ କରିପାରୁ ନାହାନ୍ତି। ଓଡ଼ିଶା ବନ ସେବା ସଂଘ ଏହି ଘଟଣାକୁ ନେଇ ଖଡ଼୍‌ଗହସ୍ତ। କାହିଁକି ଜଣେ କର୍ତ୍ତବ୍ୟରତ ବନ ବିଭାଗ ଅଧିକାରୀଙ୍କୁ କାର୍ଯ୍ୟରେ ବାଧା ଦିଆଗଲା ଓ ତାଙ୍କୁ ଦୁର୍ବ୍ୟବହାର କରାଗଲା ତାହାର ଉତ୍ତର ଦେବାକୁ ବନ ଅଧିକାରୀ ସଂଘ ପକ୍ଷରୁ ପୁଲିସ ଅଧିକାରୀଙ୍କ ନିକଟରେ ଅଡ଼ି ବସିଛି। ଏପରିକି ୩ ଦିନ ମଧ୍ୟରେ ସମ୍ପୃକ୍ତ ମହିଳା ପୁଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ବନ ସେବା ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

ଅଭିଯୋଗ ଅନୁସାରେ ବଜ୍ରକାପ୍ତା କାଠି ଚୋରାଚାଲାଣ ମାମଲାରେ ବନ ବିଭାଗ ୩ ଜଣ ଅଭିଯୁକ୍ତମାନଙ୍କୁ ପଟାମୁଣ୍ଡାଇ ଅଞ୍ଚଳରୁ ଉଠାଇ ଆଣିଥିଲା। ଏହାପରେ ଗତ ୨୧ ତାରିଖରେ କେନ୍ଦ୍ରାପଡା ଜିଲ୍ଲା ପଟାମୁଣ୍ଡାଇ ଥାନା ଆଇଆଇସି ବନ୍ଦନା ପାତ୍ର ବନବିଭାଗର ରେଞ୍ଜ କାର୍ଯ୍ୟାଳୟରେ ପଶି ଏସିଏଫ ଗଗନ ବିହାରୀ ମଲ୍ଲିକଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିଲେ। ତାଙ୍କ ଅଞ୍ଚଳରୁ କାହିଁକି ବଜ୍ରକାପ୍ତା କାରବାର କରୁଥିବା ଲୋକଙ୍କୁ ଉଠାଇ ଅଣାଗଲା ବୋଲି ▶ପୃଷ୍ଠା-୭

**ବେଆଇନ ଅନୁପ୍ରବେଶ**

## ୯ ବାଂଲାଦେଶୀଙ୍କୁ ୨ବର୍ଷ ସଜା

■ ଭୁବନେଶ୍ୱର, ୩।୨ (ସମିସ): ବୈଧ ପାସପୋର୍ଟ, ଭିସା ବା ଆନୁଷଙ୍ଗିକ କାଗଜପତ୍ର ନ ଥାଇ ଓଡ଼ିଶାରେ ଧରା ପଡ଼ିଥିବା ୯ ବାଂଲାଦେଶୀଙ୍କୁ ୨ ବର୍ଷ ଲେଖାଏଁ ସଜା ଓ ୧୦ ହଜାର ଟଙ୍କା ଲେଖାଏଁ ଜୋରିମାନାରେ ଦଣ୍ଡରେ ଦଣ୍ଡିତ କରିଛନ୍ତି ଭୁବନେଶ୍ୱର ସବ୍‌ଡ଼ିଭିଜନାଲ ଜୁଡ଼ିସିଆଲ ମାଜିଷ୍ଟ୍ରେଟ। ଜରିମାନା ଅନାଦେୟ ଅଧିକ ୩ମାସ ଜେଲ୍ ଦଣ୍ଡ ଭୋଗିବାକୁ ହେବ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ଫରେନର୍ସ ଆକ୍ଟ ୧୯୪୬ ଅନୁଯାୟୀ ଏମାନଙ୍କୁ ସଜା ଶୁଣାଯାଇଛି।

ଏସ୍‌ଟିଏଫ୍ ସୂଚନା ଅନୁସାରେ ମାର୍ଚ୍ଚର୍ ମାସ ୨୦୨୫ ମସିହାରେ ଏସଟିଏଫ୍ ବିଶ୍ୱସ୍ଥ ସୂତ୍ରରୁ ଖବର ପାଇ ବାଂଲାଦେଶୀ ନାଗରିକ ମହମ୍ମଦ ହସିମ୍, ସଜିମ୍ ଖାନ୍, ଆଲମ୍ ଶେଖ୍, ମହମ୍ମଦ ଅଜିମ୍, ଦିଲେର୍ ଶେଖ୍, ମହମ୍ମଦ ସୋହା ତାଲୁକ୍‌ଦାର, କରିମା ବେଗମ୍, ମୋନିରା ବେଗମ୍ ଓ ସାହାନା ବେଗମ୍‌ଙ୍କୁ ଭୁବନେଶ୍ୱର ରେଳ ଷ୍ଟେସନ ପରିସରରୁ ଗିରଫ କରିଥିଲା। ପଚରାଉଚରା ବେଳେ ଏମାନେ କୌଣସି ବୈଧ ପାସ୍‌ପୋର୍ଟ କିମ୍ବା ଭିସା କିମ୍ବା ତତ୍‌ସମ୍ବନ୍ଧୀୟ କାଗଜପତ୍ର ପ୍ରଦାନ କରିପାରି ନଥିଲେ। ଏସ୍‌ଟିଏଫ୍ ଇନ୍‌ସ୍ପେକ୍ଟର ମନୋଜ କୁମାର ସେଠୀ ମାମଲାର ତଦନ୍ତ କରୁଥିଲେ ଓ ସ୍ୱତନ୍ତ୍ର ପିପି ରଶ୍ମୀରଞ୍ଜନ ବ୍ରହ୍ମା କୋର୍ଟରେ ଏହି ମାମଲା ପରିଚାଳନା କରିଥିଲେ।

## ବିଜୁଳି ଶୁଳ୍କ ବୃଦ୍ଧି ପାଇଁ ଓପିଟିସିଏଲ୍‌ର ଯୁକ୍ତି

- ଶୁଣାଣିରେ ଦରବୃଦ୍ଧି ଆବେଦନକୁ ତୀବ୍ର ବିରୋଧ
- ସରକାରୀ ପୁଞ୍ଜିନିବେଶର ହେବ ଆଉଟ୍‌କମ୍ ଅଡିଟ୍: ଓଇଆରସି

■ ଭୁବନେଶ୍ୱର, ୩।୨ (ସମିସ): ମଙ୍ଗଳବାର ଦ୍ୱିତୀୟ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି)ରେ ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚରଣ ନିଗମ ଲିମିଟେଡ (ଓପିଟିସିଏଲ)ର ବାର୍ଷିକ ରାଜସ୍ୱ ଆବଶ୍ୟକତା ଏବଂ ଦରବୃଦ୍ଧି ସମ୍ପର୍କିତ ଶୁଣାଣି ହୋଇଛି। ଏହି ଅବସରରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବିଦ୍ୟୁତ୍ ସଞ୍ଚରଣ ବାବଦକୁ ଅଧିକ ୧୦ ପଇସା ଦାବି କରିଛି। ଓପିଟିସିଏଲର ଏହି ଦରବୃଦ୍ଧି ଆବେଦନକୁ ଦୃଢ଼ ବିରୋଧ କରିଛନ୍ତି ଶକ୍ତି ସମୀକ୍ଷକ। ସେମାନଙ୍କ ଯୁକ୍ତି ଅନୁଯାୟୀ ଚଳିତ ଶତାବ୍ଦୀରେ ଓଡ଼ିଶା ବିଦ୍ୟୁତ ସଞ୍ଚାରଣ ଓ ବିତରଣ ଭିତ୍ତିଭୂମିକୁ ମଜଭୁତ ଓ ବୃଦ୍ଧି କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟସରକାର ପ୍ରାୟ ୩୦ ହଜାର କୋଟି ଟଙ୍କା ପୁଞ୍ଜିନିବେଶ କରିଥିଲେବି ଫଳାଫଳ ଆଶାନୁରୂପ ହୋଇନାହିଁ। ବିତରଣ ଓ ସଞ୍ଚରଣ କମ୍ପାନୀମାନଙ୍କ ଖାତାରେ ସମ ପରିମାଣର ସମ୍ପତ୍ତି ନାହି। ଓଡ଼ିଶାର ବିଦ୍ୟୁତ ସଞ୍ଚାରଣ ଯୋଜନା ଅନ୍ୟ ରାଜ୍ୟ ତୁଳନାରେ ଦୁର୍ବଳ ଅଛି। ଏପରି ଗୁରୁତର ଅସଙ୍ଗତିକୁ ଠିକ କରିବା ପାଇଁ ଆଜି ଦ୍ୱିତୀୟ ଦିନ ଜନଶୁଣାଣୀରେ ଓଇଆରସି ଅଧ୍ୟକ୍ଷ ପ୍ରଦୀପ କୁମାର ଜେନା ସରକାରୀ ପୁଞ୍ଜିନିବେଶର ଆଉଟକମ ଅଡିଟ କରିବା ସହ ଏନପିଟିଆଇ ଶୈଳୀରେ ଏକ ବିଦ୍ୟୁତ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିବା ସୂଚନା ମିଳିଛି। ମଙ୍ଗଳବାର ଓପିଟିସିଏଲ ଅଧ୍ୟକ୍ଷ ତଥା ▶ପୃଷ୍ଠା-୭

## ନବମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ

**ବଲାଙ୍ଗୀରରେ ଚାଞ୍ଚଲ୍ୟ**

- ଭିଡିଓ ଭାଇରାଲ ପରେ ପୁଲିସର କାର୍ଯ୍ୟାନୁଷ୍ଠାନ

■ କଣ୍ଟାବାଞ୍ଜି, ୩।୨ (ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ନବମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକାକୁ ତା'ର କିଛି ସହପାଠୀ ଗଣଦୁଷ୍କର୍ମ କରିଛନ୍ତି। ଖାଲି ସେତିକି ନୁହେଁ, ଦୁଷ୍କର୍ମ ବେଳର ଏକ ଭିଡିଓ କରି ତାକୁ ଭାଇରାଲ୍ କରିଦେଇଛନ୍ତି। ତୁରେକେଲା ଥାନା ପୁଲିସ ହାତରେ ଆଜି ଏହି ଭିଡିଓ ଲାଗିବା ପରେ ପୁଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ ଏକାଧିକ ନାବାଳକଙ୍କୁ ▶ପୃଷ୍ଠା-୭



# ମଣିପୁରର ନୂଆ ମୁଖ୍ୟମନ୍ତ୍ରୀ ହେବେ ଖେମଚନ୍ଦ ସିଂହ



ନୂଆଦିଲ୍ଲୀ, ୩।୨ (ଏଜେନ୍ସି): ହିଂସାଗ୍ରସ୍ତ ମଣିପୁରରେ ପୁଣି ସରକାର ଗଠନ କରିବା ପାଇଁ ବିଜେପି ଜୋରସୋରରେ ଉଦ୍ୟମ କରୁଛି। ଏହି କ୍ରମରେ ମଙ୍ଗଳବାର ବିଜେପି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୟୁମାନ ଖେମଚନ୍ଦ ସିଂହଙ୍କୁ ବିଧାୟକ ଦଳ ନେତା ନିର୍ବାଚନ ହୋଇଛନ୍ତି। ସେ ମଣିପୁରର ୧୩ତମ ମୁଖ୍ୟମନ୍ତ୍ରୀ ହେବେ। ସେ ଏବେ ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଉପସ୍ଥାପନ କରିବେ। ଏବେ ମଣିପୁରରେ ରାଷ୍ଟ୍ରପତି ଶାସନ ଜାରି ରହିଛି। ଏହାର ଅବଧି ଆସନ୍ତା ୧୨ ତାରିଖରେ ଶେଷ ହେଉଛି। ମିଳିଥିବା ସୂଚନା ଅନୁଯାୟୀ, କୁକି-ଜୋ ସମ୍ପ୍ରଦାୟକୁ ସନ୍ତୁଷ୍ଟ କରିବା ପାଇଁ ୧୦ ବିଧାୟକଙ୍କ ମଧ୍ୟରୁ ଜଣଙ୍କୁ ଉପ-ମୁଖ୍ୟମନ୍ତ୍ରୀ କରାଯିବ। ଏନ୍‌ଡିଏର ପ୍ରାୟ ୨୦ ବିଧାୟକ ରବିବାର ରାତିରେ ଦିଲ୍ଲୀରେ ପହଞ୍ଚିଥିଲେ। ସେହିପରି କେନ୍ଦ୍ରୀୟ ନେତୃତ୍ୱଙ୍କ ନିର୍ଦ୍ଦେଶରେ ଅନ୍ୟ ବିଧାୟକ ସୋମବାର ରାଜଧାନୀ ଆସିଥିଲେ। ଗତ ବର୍ଷ ଫେବୃଆରୀ ୯ରେ ବୀରେନ ସିଂହ ଇସ୍ତଫା ଦେଇଥିଲେ। ଏହାପରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିଲା। ୬୦ ସଭ୍ୟ ବିଶିଷ୍ଟ ରାଜ୍ୟ ବିଧାନସଭାରେ ବିଜେପିର ମୋଟ ୩୭ ବିଧାୟକ ଅଛନ୍ତି।

# ଆମେରିକା ରାଜିନାମା ନେଇ ଆପତ୍ତି ଉଠାଇଲେ ରାହୁଲ

ନୂଆଦିଲ୍ଲୀ, ୩।୨: ଭାରତ-ଆମେରିକା ବାଣିଜ୍ୟ ରାଜିନାମା ନେଇ ଆପତ୍ତି ଉଠାଇଛନ୍ତି ଲୋକସଭାରେ ବିରୋଧୀ ଦଳର ନେତାର ରାହୁଲ ଗାନ୍ଧୀ। ସେ ଅଭିଯୋଗ କରିଛନ୍ତି ଯେ ଆ।।ମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଚାପରେ ପ୍ରଧାନମନ୍ତ୍ରୀ ମୋଦୀ ଦେଶର ସ୍ୱାର୍ଥକୁ ବଳି ପକାଇଛନ୍ତି। ସେ କହିଛନ୍ତି ଯେ ଏହି ରାଜିନାମା ଯୋଗୁଁ ଭାରତ ସର୍ବାଧିକ କ୍ଷତିଗ୍ରସ୍ତ ହେବ। ଆମେରିକାରୁ ଆସୁଥିବା ସାମଗ୍ରୀ ଉପରେ ଶୂନ ଶୁଳ୍କ ଯୋଗୁଁ ଭାରତୀୟ ଚାଷୀ ବରବାଦ ହୋଇଯିବେ। ଏହି କଥାକୁ ଭାରତ ପୂର୍ବରୁ ଦୃଢ଼ ବିରୋଧ କରିଆସୁଥିଲା। କିନ୍ତୁ ଟ୍ରମ୍ପଙ୍କ ଚାପରେ ମୋଦୀ ଭାରତୀୟ ଚାଷୀଙ୍କ ସ୍ୱାର୍ଥକୁ ବିପଦେରେ ପକାଇଛନ୍ତି। ସଂସଦ ବାହାରେ ଆଜି ସାମ୍ବାଦିକମାନଙ୍କ ସହ ଆଲୋଚନା ବେଳେ ରାହୁଲ ଅଭିଯୋଗ କରିଛନ୍ତି ଯେ ଆଦାନୀ ଏବଂ ଏପଷ୍ଟିନ ଫାଇଲକୁ ନେଇ ମୋଦୀ ଚାପରେ ଅଛନ୍ତି। ତେବେ ରାହୁଲ ଯେଉଁ ଏପଷ୍ଟିନ୍ ଫାଇଲ କଥା କହୁଛନ୍ତି, ତାହାକୁ ଭାରତ ସରକାର ଖଣ୍ଡନ କରିସାରିଛନ୍ତି। ଭାରତ ପକ୍ଷରୁ କୁହାଯାଇଛି ଯେ ୨୦୧୭ରେ ପ୍ରଧାନମନ୍ତ୍ରୀ ମୋଦୀ ଇସ୍ରାଏଲ ଯାଇଥିଲେ। କିନ୍ତୁ ଏପଷ୍ଟିନ ଫାଇଲରେ ଆଉସବୁ ଯାହା କୁହାଯାଇଛି, ତାହା ସଂପୂର୍ଣ୍ଣ ରୂପେ ମିଛ। ଜଣେ କୁଖ୍ୟାତ ଯୌନ ଅପରାଧୀ ଏବଂ ନାବାଳିକା ଚାଲାଣକାରୀ ଏପଷ୍ଟିନକୁ ବିଶ୍ୱାସ କରାଯିବା ଉଚିତ ନୁହେଁ ବୋଲି ବୈଦେଶିକ ବିଭାଗ ମୁଖପାତ୍ର କହିଥିଲେ।

# ବ୍ୟବସାୟୀଙ୍କୁ ହେଲ୍‌ମେଟ୍‌ରେ ପିଟି ହତ୍ୟା କଲେ ତିନି ଏଜେଣ୍ଟ

ନୂଆଦିଲ୍ଲୀ, ୩।୨ (ଏଜେନ୍ସି): ରାଜଧାନୀ ଦିଲ୍ଲୀରୁ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ ଘଟିଛି। କେନ୍ଦ୍ରୀୟ ଦିଲ୍ଲୀର କନଟ୍ ପ୍ଲେସରେ ରାତିରେ ଏକ ପାର୍ଟିକୁ ଯାଇଥିବା ଜଣେ ୩୬ ବର୍ଷୀୟ ବ୍ୟବସାୟୀଙ୍କୁ ତିନି ଜଣ ଡେଲିଭରି ଏଜେଣ୍ଟ ହେଲ୍‌ମେଟରେ ପିଟି ପିଟି ହତ୍ୟା କରିଛନ୍ତି। ଜାନୁଆରୀ ତିନି ତାରିଖ ରାତିରେ ଏହି ଘଟଣା ଘଟିଥିବାବେଳେ ମଙ୍ଗଳବାର ତାହା ସାମ୍ନାକୁ ଆସିଛି। ଏହି ବ୍ୟବସାୟୀ ଶିବମ୍ ଗୁପ୍ତା ଦୁଇ ସପ୍ତାହରୁ ଅଧିକ ସମୟ ଧରି ଏକ ହସ୍ପିଟାଲରେ ଜୀବନ ମରଣ ସହ ଲଢ଼େଇ କରୁଥିଲେ। ଗତ ୧୯ ତାରିଖରେ ସେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇ ଥିଲେ। ଏବେ ପୁଲିସ ମାମଲା ରୁଜୁ କରି ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି। ଫରେନସିକ୍ କାର୍ଯ୍ୟ ପାଇଁ ଗୁପ୍ତାଙ୍କ ରକ୍ତ ଲଗା ପୋଷାକ ନେଇଛି। ପୁଲିସ କହିଛି ଯେ ତିନି ଜଣ ଆକ୍ରମଣକାରୀ ଗୁପ୍ତାଙ୍କ ଉପରେ ଆକ୍ରମଣ ପାଇଁ ହେଲମେଟ୍ ବ୍ୟବହାର କରିଥିଲେ। ଯୁକ୍ତିତର୍କ ପରେ ତାଙ୍କୁ ଆଘାତ କରିଥିଲେ। ପରେ ଫୁଟପାଥ୍ ଉପରେ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଛାଡି ପଳାଇ ଥିଲେ।

# ୨୦ ଶିଶୁଙ୍କୁ ବଞ୍ଚାଇ ନିଜ ଜୀବନ ହାରିଲେ ମହିଳା

ଭୋପାଳ, ୩।୨ (ଏଜେନ୍ସି): ମଧ୍ୟପ୍ରଦେଶ ନିମଚ ଜିଲ୍ଲା ରାନପୁର ଗ୍ରାମର ଅଙ୍ଗନବାଡି କେନ୍ଦ୍ରର ୨୦ ଶିଶୁଙ୍କୁ ବଞ୍ଚାଇବା ପାଇଁ ଜଣେ ମହିଳା ନିଜ ଜୀବନକୁ ବାଜି ଲଗାଇ ଦେଇଛନ୍ତି। ଏହି



ମହିଳାଙ୍କ ନାମ କଞ୍ଚନ ବାଇ ମେଘୱାଲ। ଏବେ ସାରା ଅଞ୍ଚଳରେ ତାଙ୍କର ଚର୍ଚ୍ଚା ହେଉଛି। ସେ ପ୍ରାଣ ହରାଇ ଥିଲେ ବି ଶିଶୁଙ୍କୁ ବଞ୍ଚାଇ ଅମର ହୋଇ ଯାଇଛନ୍ତି। ସୂଚନା ଅନୁଯାୟୀ, ଅଚନାକ ଅଙ୍ଗନବାଡ଼ି କେନ୍ଦ୍ର ଉପରେ ମହୁମାଛି ଆକ୍ରମଣ କରି ଦେଇଥିଲେ। ଏହା ଦେଖି ରୋଷେଇ କରୁଥିବା ଅଙ୍ଗନବାଡ଼ି ସହାୟିକା ମହୁମାଛିଙ୍କ ଆଗରେ ଛିଡ଼ା ହୋଇ ଯାଇଥିଲେ। ସେ ନିଜ ଜୀବନ କଥା ଚିନ୍ତା ନ କରି ପାଖରେ ଥିବା ଜରି ଆଣି ସବୁ ପିଲାଙ୍କୁ ଘୋଡ଼ାଇ ଦେଇଥିଲେ। ପରେ ରୁମ୍ ଭିତରକୁ ନେଇ ଯାଇଥିଲେ। ଏହି ସମୟ ମଧ୍ୟରେ କଞ୍ଚନ ବାଇଙ୍କୁ ମହୁମାଛି କାମୁଡ଼ି ଦେଇଥିଲେ। ଗ୍ରାମବାସୀ ସୁରକ୍ଷା ଦେବା ପାଇଁ ଆସିବା ପୂର୍ବରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇ ଯାଇଥିଲା। କଞ୍ଚନଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସୋମବାର ଦ୍ୱିପହରେ ଏହି ଘଟଣା ଘଟିଥିବାବେଳେ ଆଜି ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

# ୮୫ ଲକ୍ଷର ଗହଣା ଦେଇ ମୋମୋ ଖାଇଦେଲା ସପ୍ତମ ଶ୍ରେଣୀ ଛାତ୍ର

ଲକ୍ଷ୍ନୌ, ୩।୨ (ଏଜେନ୍ସି): ଉତ୍ତର ପ୍ରଦେଶ ଦେଓରିଆ ରାମାପୁର କାରଖାନା ଅଞ୍ଚଳରୁ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଯାଇଛି। ସପ୍ତମ ଶ୍ରେଣୀର ଜଣେ ଛାତ୍ର (୧୪) ୮୦ ଟଙ୍କାକି ୮୦୦ ନୁହେଁ, ୮୫ ଲକ୍ଷ ଟଙ୍କାର ମୋମୋ ଖାଇ ଦେଇଛି। ଏହି ୧୪ ବର୍ଷୀୟ ବାଳକର ମୋମୋ ନିଶା ପାଇଁ ଏକ ପରିବାର ସର୍ବସ୍ୱାନ୍ତ ହୋଇଯାଇଛି। ଘରେ କଳା କନା ବୁଲାଇ ପୁଅ ଦୋକାନୀକୁ ପୋଶିଛି। ପରିବାରର ଅର୍ଜିତ ସମ୍ପତ୍ତିକୁ ଦୋକାନୀ ହାତରେ ଟେକି ଦେଇଛି।

**ଘରୁ ସୁନା, ଗହଣା ଚୋରି କରି ଦୋକାନୀଙ୍କୁ ଦେଉଥିଲା**

ସୂଚନା ଅନୁଯାୟୀ, ସେ ମୋମୋ ଖାଇବା ପାଇଁ ତିନି ମାସ ହେଲା ଘରୁ ଚୋରି କରୁଥିଲା। ପ୍ରତ୍ୟେକ ଦିନ ଆଲମାରୀରୁ ଗୋଟିଏ ଲେଖାଏଁ ଅଳଙ୍କାର ବାହାର କରି ଦୋକାନୀକୁ ଦେଉଥିଲା। ଏହା ବଦଳରେ ଦୋକାନୀ ତାକୁ ମୋମୋ ଖୁଆଉ ଥିଲା। ଏହି ନିଶା ପାଇଁ ପୁଅ ସୁନା ହାର, ମୁଦି, ଅଣ୍ଟା ବିଛା, କାନ ଝୁମକା ଆଦି ତିନି



ଦୋକାନୀଙ୍କୁ ଦେଇଥିଲା। ଗତ ରବିବାର ପରିବାର ଲୋକେ ଘରର ଆଲମାରୀ ଖୋଲିବାରୁ ଅଳଙ୍କାର ନ ଥିବା ଦେଖି ଚକିତ ହୋଇ ଯାଇଥିଲେ। ପରେ ପୁଅକୁ ପଚାରିବାରୁ ସେ ସବୁ କଥା କହିଥିଲା। ଏହାକୁ ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ।

ସୋମବାର ସନ୍ଧ୍ୟାରେ ପୁଲିସ ନାବାଳକ ଏବଂ ତିନି ଅଭିଯୁକ୍ତଙ୍କ ବିରୋଧରେ ଏତଲା ରୁଜୁ କରିଥିଲା। ଜଣେ ଅଭିଯୁକ୍ତକୁ ମଧ୍ୟ ଗିରଫ କରାଯାଇଛି। ଭଗବାନପୁର ତିୱାରୀ ଗ୍ରାମର ବିମଲେଶ ମିଶ୍ରଙ୍କ ପୁଅ ରାମାୟଣ ମିଶ୍ର ବାରାଣସୀର ଏକ ମନ୍ଦିରରେ ପୂଜାରୀ ଅଛନ୍ତି। ଗାଁରେ ଥିବା ତାଙ୍କ ପୁଅ ଏଭଳି କାଣ୍ଡ ଘଟାଇଛି। ମୋମୋ ପ୍ରତି ଥିବା ତାର ଦୁର୍ବଳତାର ଲାଭ ଉଠାଇ ତିନି ଦୋକାନୀ ତାକୁ ଠକି ନେଇଥିଲେ। ଏହି ଅଳଙ୍କାରରେ ଏକ ଯୋଡ଼ା ସୁନାର ହାର, ୯ଟି ସୁନା ମୁଦି, ଦୁଇଟି ସିନ୍ଥି, ଦୁଇ ଯୋଡ଼ା କଙ୍କଣ, ୧୩ଟି ରୁପା ପାଉଁଜି, ୨୨ଟି ନାକର ନୋଥ, ଚାରୋଟି ରୁପାର ଗୋଡ଼ ମୁଦି, ଆଉ ୫ଟି ସୁନା ମୁଦି, ୪ ଯୋଡ଼ା କାନ ଫୁଲ ସାମିଲ ଥିଲା। ସେହିପରି ଯାହା ଅଳଙ୍କାର ନେଇଥିଲୁ ତାହା ଫେରାଇ ଦେଇଛୁ ବୋଲି ଅଭିଯୁକ୍ତ କହିଛି। ମାତ୍ର ପରିବାର ଲୋକେ ଅଧିକ ଥିବା ଦାବି କରୁଛନ୍ତି। ତାଙ୍କ ପୁଅ ଏ ବିଷୟରେ ମୁହଁ ଖୋଲୁନାହିଁ।

# ଆମେରିକା-ଚୀନ୍ ମଧ୍ୟରେ ଫସିଲା ଭାରତ

ନୂଆଦିଲ୍ଲୀ, ୩।୨ (ଏଜେନ୍ସି): ବିଶ୍ୱରେ ଭୂରାଜନୈତିକ ସ୍ଥିତି ଦ୍ରୁତଗତିରେ ବଦଳିବାରେ ଲାଗିଛି। ଆମରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ପାଇଁ ଅନେକ ଦେଶ ନିଜ ନୀତି ବଦଳାଇ ଦେଇଛନ୍ତି। ବନ୍ଧୁ ରାଷ୍ଟ୍ର ଆମେରିକାଠାରୁ ଦୂରେଇ ଯାଇଛନ୍ତି। ଆଉ କିଛି ରାଷ୍ଟ୍ରଙ୍କୁ ଟ୍ରମ୍ପ ନିଜର ବିରୋଧୀ କରି ଦେଇଛନ୍ତି। ଭାରତ ଏହି ଦେଶ ମଧ୍ୟରେ ସାମିଲ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଟ୍ରମ୍ପ ନିଜର ଉତ୍ତମ ବନ୍ଧୁ କହି ବଡ଼ ଝଟ୍‌କା ଦେଇଛନ୍ତି। ଶୁଳ୍କ ହେଉ ଅବା ଭାରତ-ପାକିସ୍ତାନ ଯୁଦ୍ଧ ବନ୍ଦ ନେଇ ଦାବି ସବୁଥିରେ ଟ୍ରମ୍ପ ଆଗରେ ଚାଲିଛନ୍ତି। ଆମେରିକା ଶୁଳ୍କ ପ୍ରହାରରୁ ତ୍ରାହି ପାଇଁ ଭାରତ ପୂର୍ବ ଶତ୍ରୁତାକୁ ଭୁଲି ଚୀନ୍ ସହ ବନ୍ଧୁତା ବଢ଼ାଇ ଥିଲା। ଏକଚାଟିଆ ନୀତି ଚାଲିବ ନାହିଁ ବୋଲି ବାର୍ତ୍ତା ଦେବାକୁ ପ୍ରୟାସ କରିଥିଲା। ବ୍ରିକ୍ସ ସମ୍ମିଳନୀ ପାଇଁ ମୋଦୀ ଚୀନ୍ ଗସ୍ତ କରି ଡ୍ରାଗନ ସହ ସହିତ ସମ୍ପର୍କ ବଢ଼ାଇବାକୁ ପ୍ରୟାସ କରିଥିଲେ। ମାତ୍ର ପରେ ସ୍ଥିତି ବଦଳି ଯାଇଥିଲା। ଚୀନ୍ ଆଡ଼କୁ ଭାରତ ଢଳୁ ଥିବା ଦେଖି ଟ୍ରମ୍ପ ନରମ ଆଭିମୁଖ୍ୟ ଗ୍ରହଣ କରିଥିଲେ। ଅନେକ ଥର ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ମଧ୍ୟ ପ୍ରଶଂସା କରିଥିଲେ। ବିଭିନ୍ନ ରିପୋର୍ଟ ଜାରି କରି ଭାରତକୁ ଚୀନ୍ ଆକ୍ରାମକତାର ଧମକ ଦେଇଥିଲେ। ଆଉ ଏବେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ମଧ୍ୟ ଘୋଷଣା ହୋଇଯାଇଛି। ଏପରି ସ୍ଥିତିରେ ଭାରତ ଏବେ ଆମେରିକା ଏବଂ ଚୀନ୍ ମଧ୍ୟରେ ଫସି ଯାଇଛି। ଭାରତ ଏବେ ଉଭୟ ପଟୁ ଚାପର ସମ୍ମୁଖୀନ ହେଉଛି। ଗୋଟିଏ ପଟେ ଆମେରିକାର ପରିବର୍ତ୍ତିତ ନୀତି ଥିବାବେଳେ ଅନ୍ୟପଟେ ଚୀନ୍‌ର ଆକ୍ରାମକ ଆଭିମୁଖ୍ୟ ରହିଛି। ତେଣୁ ଭାରତ ଏବେ ପାରମ୍ପରିକ ସହଯୋଗୀଙ୍କଠାରୁ ଆଗକୁ ବଢ଼ି ବିଶ୍ୱର ଅନ୍ୟ ଭାଗରେ ନୂଆ ବନ୍ଧୁଙ୍କ ସନ୍ଧାନ କରୁଛି।

ସପ୍ତାହେ ତଳେ ପ୍ରଧାନମନ୍ତ୍ରୀ ମୋଦୀ ନୂଆଦିଲ୍ଲୀରେ ୟୁରୋପୀୟ ସଂଘ (ଇୟୁ) ନେତା ଉର୍ସୁଲା ଭାନ୍ ଡେର୍ ଲେନଙ୍କ ସହ ୧୮ ବର୍ଷ ଧରି



ଅଟକି ରହିଥିବା ଏକ ପ୍ରମୁଖ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିଥିଲେ। ଏହାକୁ 'ସମସ୍ତ ଚୁକ୍ତିର ଜନନୀ' ତଥା 'ମଦର ଅଫ ଅଲ ଡିଲ୍ସ' କୁହାଯାଇଥିଲା।

ଏହି ଚୁକ୍ତି ପ୍ରାୟ ୨ ବିଲିୟନ ଲୋକଙ୍କ ଏକ ବଜାର ସୃଷ୍ଟି କରିବ। ଏହା କେବଳ ବାଣିଜ୍ୟ ନୁହେଁ, ବରଂ ଏକ ନୂତନ ଅନ୍ତର୍ଜାତୀୟ ବ୍ୟବସ୍ଥାର ଏକ ଅଂଶ। ଏଥିରେ ଆମେରିକାର ଭୂମିକା ଦୁର୍ବଳ ହେବା ପରେ ଅନ୍ୟ ଦେଶମାନେ ଏକ ନୂତନ ଢାଞ୍ଚା ପ୍ରସ୍ତୁତି ପାଇଁ ଏକାଠି କାମ କରୁଛନ୍ତି। ଏବେ ଭାରତ ବିଶ୍ୱ ରାଜନୀତିକୁ ପ୍ରଭାବିତ କରିବା ଆରମ୍ଭ କରିଛି। ବିଶ୍ୱରେ ଭାରତରେ ସର୍ବାଧିକ ଜନସଂଖ୍ୟା ରହିଛି। ଜାପାନ ଏବଂ ଜର୍ମାନୀ ସହିତ ଭାରତର ଅର୍ଥନୀତି ମଧ୍ୟ ବିଶ୍ୱର ଶ୍ରେଷ୍ଠ ୫ ଦେଶ ମଧ୍ୟରେ ସାମିଲ ରହିଛି। ମାତ୍ର ମୁଣ୍ଡପିଛା ଆୟ ଏହି ଦେଶଗୁଡ଼ିକ ତୁଳନାରେ ବହୁତ କମ୍ ରହିଛି।

ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆତ୍ମନିର୍ଭରଶୀଳ ଭାରତର ଦୃଷ୍ଟିକୋଣ ଏବେ ମନ୍ଥର ହେଉଥିବା ପରି ମନେ ହେଉଛି। ନିଜକୁ ସୁରକ୍ଷା ଦେବା ପାଇଁ ଅନ୍ୟ ଦେଶ ସହିତ ଅତ୍ୟଧିକ ଆର୍ଥିକ ସମ୍ପର୍କ ଏଡାଇବା ଉଚିତ ବୋଲି ପୂର୍ବରୁ ଭାରତ ମତ ଦେଇଆସିଛି। ଏହା ସତ୍ତ୍ୱେ ୟୁରୋପ, କାନାଡ଼ା ଏବଂ ଅନ୍ୟାନ୍ୟ ଦେଶମାନେ ଯୁକ୍ତି ଦେଇଛନ୍ତି ଯେ ଏକାଠି ବାଣିଜ୍ୟ ଦ୍ୱାରା ରାଷ୍ଟ୍ର ମଜବୁତ ହୁଏ।

ଗତ ବର୍ଷଠାରୁ ଅନ୍ୟ ଦେଶ ସହ ଭାରତର ସମ୍ପର୍କ ଦ୍ରୁତ ଗତିରେ ବଦଳିବା ଆରମ୍ଭ ହୋଇଛି। ବ୍ରିଟେନ ସହ ମୁକ୍ତ ବାଣିଜ୍ୟ ଚୁକ୍ତି ଦ୍ୱାରା ଏହା ଆରମ୍ଭ ହୋଇଥିଲା। ଦୀର୍ଘ ବର୍ଷ ହେଲା ଏହା ଅଟକି ରହିଥିଲା। ଗତ ଡିସେମ୍ବରରେ ଓମାନ, ନ୍ୟୁଜିଲାଣ୍ଡ ସହ ମଧ୍ୟ ଏଭଳି ଚୁକ୍ତି ହୋଇଥିଲା। ଏହି ଦ୍ୱିପାକ୍ଷିକ ରାଜିନାମା ଭାରତର ନୀତିର ପରିବର୍ତ୍ତିତ ରୂପକୁ ଦର୍ଶାଉଛି। ଗତ କିଛି ସପ୍ତାହ ହେଲା ଜର୍ମାନୀ, ଜାପାନ, ୟୁଏଇ ଏବଂ ସାଉଦି ଆରବର ବଡ଼ ନେତା ଭାରତ ଗସ୍ତରେ ଆସିଥିଲେ। ସମସ୍ତେ ଭାରତ ସହ ସମ୍ପର୍କ ବଢ଼ାଇବାକୁ ଚାହିଁଥିଲେ ଏବଂ ଚୁକ୍ତି କରିଥିଲେ। ଫେବୃଆରୀରେ ବ୍ରାଜିଲ ରାଷ୍ଟ୍ରପତି ଲୁଲା ଡି ସିଲଭା ମଧ୍ୟ ଭାରତ ଆସିବାର କାର୍ଯ୍ୟକ୍ରମ ରହିଛି।

# ଅଷ୍ଟ୍ରେଲିଆରେ ଚୋରି କରିନେଲେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି

ମେଲବୋର୍ଣ୍ଣ, ୩।୨ (ଏଜେନ୍ସି): ଅଷ୍ଟ୍ରେଲିଆରେ ମହାତ୍ମା ଗାନ୍ଧୀଙ୍କ କାଂସ୍ୟ ପ୍ରତିମୂର୍ତ୍ତିକୁ ଚୋର ଚୋରି କରି ନେଇଛନ୍ତି। ଏହି ପ୍ରତିମୂର୍ତ୍ତି ମେଲବୋର୍ଣ୍ଣ ସହର ସ୍ଥିତ 'ଅଷ୍ଟ୍ରେଲିଆନ ଇଣ୍ଡିଆନ କମ୍ୟୁନିଟି ସେଣ୍ଟର' ବାହାରେ ଲାଗିଥିଲା। ଭାରତ ସରକାରଙ୍କ ପକ୍ଷରୁ ଏହାକୁ ଉପହାର ଭାବେ ଦିଆଯାଇଥିଲା। ୨୦୨୧ ନଭେମ୍ବର ୧୨ରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍କଟ ମୋରିସନ ଏହାର ଉଦ୍‌ଘାଟନ କରିଥିଲେ। ନକ୍ସ କ୍ରାଇମ

## କାର୍ଯ୍ୟାନୁଷ୍ଠାନ ଦାବି କଲା ଭାରତ

ଇନଭେଷ୍ଟିଗେସନ ୟୁନିଟ ଚୋରି ମାମଲାର ତଦନ୍ତ ଆରମ୍ଭ କରିଛି। ଗତ ୧୨ ତାରିଖ ରାତି ୧୨ଟା୫୦ରେ ଏହି ଚୋରି ହୋଇଥିଲା ବୋଲି କୁହାଯାଇଛି। ଭାରତୀୟ-ଅଷ୍ଟ୍ରେଲିଆ ସମୁଦାୟ ଏହି ଘଟଣାକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ପୁଲିସ ପକ୍ଷରୁ କୁହାଯାଇଛି ଯେ ତିନି ଅଜ୍ଞାତ ଲୋକ କିଙ୍ଗସିଲ କ୍ଲୋଜର ରୋଭିଲ ସ୍ଥିତ ଚ୍ୟାରିଟି ପରିସରରୁ ପ୍ରତିମା ଚୋରି କରିଥିଲେ। ଏହା ପୂର୍ବରୁ ସେମାନେ ଏକ କଟର୍‌ରେ ମୂର୍ତ୍ତିକୁ କାଟି ଦେଇଥିଲେ। ଏହି ମେସିନ ଚାଲିଲା ବେଳେ କେମିତି କେହି ଶୁଣି ପାରିଲେନି ବୋଲି ପ୍ରଶ୍ନ ଉଠୁଛି। ଏବେ ପୁଲିସ ସ୍କ୍ରାପ ମେଟାଲ ଡିଲରଙ୍କୁ ସତର୍କ କରାଇ ଦେଇଛି। ଯଦି କୌଣସି ବ୍ୟକ୍ତି ଏହି କାଂସ୍ୟ ପ୍ରତିମା ବିକ୍ରି କରିବାକୁ ଚେଷ୍ଟା କରନ୍ତି ତେବେ ତାହାର ସୂଚନା ଦେବାକୁ କୁହାଯାଇଛି। ଭାରତର ବୈଦେଶିକ ମନ୍ତ୍ରାଳୟ ଏହି ଘଟଣାକୁ ତୀବ୍ର ନିନ୍ଦା କରିଛି। ଅଷ୍ଟ୍ରେଲିଆ କର୍ତ୍ତୃପକ୍ଷଙ୍କ ନିକଟରେ ଏହି ପ୍ରସଙ୍ଗ ଉଠାଯାଇଛି। ଏହି ମାମଲାରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି।

# ପୁଣି ନିର୍ବାଚନ କମିସନଙ୍କୁ ଟାର୍ଗେଟ୍ କଲେ ମମତା

ନୂଆଦିଲ୍ଲୀ, ୩।୨ (ଏଜେନ୍ସି): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏସ୍‌ଆଇଆରକୁ ନେଇ ନିର୍ବାଚନ କମିଶନ (ଇସି)ଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସେ ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରି ନିର୍ବାଚନର ଠିକ୍ ପୂର୍ବରୁ ଏସଆଇଆର କାହିଁକି କରାଯାଉଛି, ବାରମ୍ବାର ଚିଠି ଲେଖିବା ସତ୍ତ୍ୱେ ଇସି ଉତ୍ତର କାହିଁକି ଦେଉନାହାନ୍ତି ବୋଲି ପଚାରିଛନ୍ତି। ମମତା କହିଛନ୍ତି ଯେ ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ ଏବଂ ଆସାମରେ ନିର୍ବାଚନ ହେବାକୁ ଯାଉଛି। ଏସଆଇଆର ତିନି ରାଜ୍ୟରେ ହେଉଛି। ମାତ୍ର ବିଜେପି ଶାସିତ ଆସାମରେ ହେଉ ନାହିଁ। ଡବଲ-ଇଞ୍ଜିନ ରାଜ୍ୟ ହୋଇଥିବାରୁ ଆସାମକୁ ଛାଡ଼ କରାଯାଇଛି। ଫେବୃଆରୀରେ ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ ପାଇପାରେ। ଏଭଳି ସ୍ଥିତିରେ ଯୋଜନା ଯୋଜନା, ମ୍ୟାପିଂ, ପ୍ରଶିକ୍ଷଣ, ଭିତ୍ତିଭୂମି ବିନା ୨-୩ ମାସରେ ଏସଆଇଆର ପ୍ରକ୍ରିୟା ଶେଷ ହୋଇପାରିବ କ ବୋଲି ଦିଦି ପଚାରିଛନ୍ତି।



- ୬ ଚିଠିର ଜବାବ ଦେଇନାହାନ୍ତି
- ନିର୍ବାଚନର ଠିକ୍ ପୂର୍ବରୁ ଏସ୍‌ଆଇଆର୍ କାହିଁକି
- ଅନୁପ୍ରବେଶ ପାଇଁ କେନ୍ଦ୍ର ଦାୟୀ
- ବିରୋଧୀ ସଂସଦରେ ନିଜ ପ୍ରସଙ୍ଗ ଠିକ୍‌ରେ ଉତ୍ଥାପନ କରିପାରୁନାହାନ୍ତି

ଦିଦି କହିଛନ୍ତି ଯେ ପ୍ରଥମ ପର୍ଯ୍ୟାୟରେ ୫୮ ଲକ୍ଷ ନାମ ହଟାଇ ଦିଆଗଲା। ପୀଡ଼ିତଙ୍କୁ ନିଜ ପକ୍ଷ ରଖିବାକୁ କୌଣସି ସୁଯୋଗ ଦିଆଗଲା ନାହିଁ। ଯାଞ୍ଚ ନ କରି ଏଆଇର ଅପବ୍ୟବହାର କରାଯାଉଛି। ଇସିଙ୍କୁ ୬ ଥର ଚିଠି ଲେଖିବା ସତ୍ତ୍ୱେ ଉତ୍ତର ଦେଉ ନାହାନ୍ତି। ଟିଏମସି ଲୋକ ଇସିଙ୍କ ପ୍ରତିନିଧିମଣ୍ଡଳ ସହ ସାକ୍ଷାତ କରିଥିଲେ। ଏହା ସତ୍ତ୍ୱେ ବି କୌଣସି ପ୍ରତିକ୍ରିୟା ଆସିଲାନି। ପଶ୍ଚିମବଙ୍ଗରେ କ'ଣ ହେଉଛି ତାହା ଦିଲ୍ଲୀ ଗଣମାଧ୍ୟମ ଜାଣିପାରୁ ନାହାନ୍ତି। ବ୍ୟବସ୍ଥା ପାଇଁ ଏଭଳି ହେଉଛି। ପ୍ରକୃତ ପ୍ରସଙ୍ଗକୁ ସଠିକ ଭାବେ ଉପସ୍ଥାପନ କରାଯାଇପାରୁ ନାହିଁ। ସଂସଦର ସଦସ୍ୟ ହୋଇ ନ ଥିବାରୁ ସେଠାକୁ ଯାଇପାରୁ ନାହିଁ। ମାତ୍ର ଟିଭିରୁ ଦେଖଇ ଲାଗୁଛି ଯେ ବିରୋଧୀ ନିଜ କଥା ଠିକରେ ରଖିପାରୁ ନାହାନ୍ତି।

ସାମ୍ବାଦିକ ସମ୍ମିଳନୀ ସମୟରେ ମମତାଙ୍କ ପଛରେ ଅନେକ ଲୋକ ବସିଥିବା ଦେଖା ଯାଇଥିଲା। ମମତା କହିଥିଲେ ଯେ ସେମାନେ ସମସ୍ତେ ଏସଆଇଆରର ଶିକାର ହୋଇଛନ୍ତି। ଯଦି ଚାହିଁଥାନ୍ତି ତେବେ ଲକ୍ଷ ଲକ୍ଷ ଲୋକଙ୍କୁ ଦିଲ୍ଲୀ ଆଣିପାରିଥାନ୍ତେ, କିନ୍ତୁ ଏହି ଲୋକମାନେ ଗତ ଛଅ କିମ୍ବା ସାତ ଦିନ ଧରି ଏଠାରେ ଫସି ରହିଛନ୍ତି। ସେହିପରି ମମତାଙ୍କ ପୁତୁରା ତଥା ଟିଏମସି ସାଂସଦ ଅଭିଷେକ ବାନାର୍ଜୀ କହିଛନ୍ତି ଯେ ନିର୍ବାଚନ କମିଶନ ନିଜ ନିର୍ଦ୍ଦେଶାବଳୀ ଉଲ୍ଲଂଘନ କରିଛନ୍ତି। ଗୋଟିଏ ରାଜ୍ୟର ମୁଖ୍ୟମନ୍ତ୍ରୀ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଛଅଟି ଚିଠି ଲେଖିଥିଲେ, କିନ୍ତୁ କୌଣସିଟିର ଉତ୍ତର ଦିଆଯାଇ ନ ଥିଲା। କିଏ ଖରାପ ଆଚରଣ କରୁଛି ତାହା ଏଥିରୁ ଜଣାପଡୁଛି।

# ସେନାକୁ ପୁଣି ହେଲିକପ୍ଟର ବିକିବ ଅଗଷ୍ଟା ୱେଷ୍ଟଲାଣ୍ଡ

ନୂଆଦିଲ୍ଲୀ, ୩।୨ (ଏଜେନ୍ସି): ଇଟାଲୀ କମ୍ପାନୀ ଅଗଷ୍ଟା ୱେଷ୍ଟଲାଣ୍ଡ ପୁଣି ଭାରତର ପ୍ରତିରକ୍ଷା କ୍ଷେତ୍ରକୁ ପ୍ରବେଶ କରିଛି। କ୍ଲିନ୍ ଚିଟ୍ ପାଇବାର ପାଞ୍ଚ ବର୍ଷ ପରେ ଏହି କମ୍ପାନୀ ଭାରତୀୟ ସେନାକୁ ହେଲିକପ୍ଟର ଯୋଗାଣ କରିବାକୁ ଯାଉଛି। ଏହି କମ୍ପାନୀ ପ୍ରାୟ ଏକ ଦଶନ୍ଧି ତଳେ ଭାରତୀୟ ରାଜନୀତିକୁ ଦୋହଲାଇ ଦେଇଥିଲା। ବହୁ ଚର୍ଚ୍ଚିତ ଭିଭିଆଇପି ହେଲିକପ୍ଟର ଦୁର୍ନୀତିରେ ଅଗଷ୍ଟା ୱେଷ୍ଟଲାଣ୍ଡ ଜଡ଼ିତ ଥିଲା। ଏବେ ଅଗଷ୍ଟାର ମୂଳ କମ୍ପାନୀ ଲିଓନାର୍ଡୋ ସହିତ ଆଦାନୀ ଡିଫେନ୍ସ ଏବଂ ଏରୋସ୍ପେସର ଚୁକ୍ତି ଚୂଡ଼ାନ୍ତ ହୋଇଛି। ଆଦାନୀ ଗ୍ରୁପ୍ ଅନୁଯାୟୀ, ମଙ୍ଗଳବାର ଏ ନେଇ ଆନୁଷ୍ଠାନିକ ଘୋଷଣା ହୋଇପାରେ। ଲିଓନାର୍ଡୋ ପୂର୍ବରୁ ଫିନମେକାନିକା ନାମରେ ଜଣାଶୁଣା ଥିଲା। ୩,୬୦୦ କୋଟିର ଭିଭିଆଇପି ହେଲିକପ୍ଟର କ୍ରୟ ଦୁର୍ନୀତିରେ ଅଗଷ୍ଟା ୱେଷ୍ଟଲାଣ୍ଡର ନାମ ଆସିଥିଲା। ଏଥିରେ ୧୨ ଏଡବ୍ଲ୍ୟୁ-୧୦୧ ହେଲିକପ୍ଟର କ୍ରୟରେ ଭାରତୀୟ ବାୟୁସେନା ଅଧିକାରୀ ଏବଂ ମଧ୍ୟସ୍ଥିମାନଙ୍କୁ କମ୍ପାନୀ ପ୍ରାୟ ୩୬୦ କୋଟି ଲାଞ୍ଚ ଦେଇଥିବା ଅଭିଯୋଗ ହୋଇଛି। ୨୦୧୪ରେ ଭାରତ ଆନୁଷ୍ଠାନିକ ଭାବେ ଏହି ଚୁକ୍ତିକୁ ବାତିଲ କରି କମ୍ପାନୀକୁ କଳାତାଲିକାଭୁକ୍ତ କରି ଦେଇଥିଲା। ପ୍ରମାଣ ଅଭାବରୁ ପ୍ରଥମେ ଇଟାଲୀର ଏକ କୋର୍ଟ ଏବଂ ପରେ ପ୍ରତିରକ୍ଷା ମନ୍ତ୍ରଣାଳୟ ୨୦୨୧ ନଭେମ୍ବରରେ ଅଗଷ୍ଟା ୱେଷ୍ଟଲାଣ୍ଡକୁ କ୍ଲିନ୍ ଚିଟ୍ ଦେଇଥିଲା। କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର ସମୟରେ ଇଟାଲୀୟ କମ୍ପାନୀ ଫିନମେକାନିକାର ଏକ ସହାୟକ କମ୍ପାନୀ ଅଗଷ୍ଟାୱେଷ୍ଟଲ୍ୟାଣ୍ଡ ସହିତ ୨୦୧୦ରେ ଏହି ଚୁକ୍ତି ହୋଇଥିଲା। ୨୦୧୩ରେ ଇଟାଲୀୟ ତଦନ୍ତକାରୀ ସଂସ୍ଥା ଲାଞ୍ଚ ଅଭିଯୋଗର ତଦନ୍ତ ଆରମ୍ଭ କରିଥିଲେ। ଚୁକ୍ତିରେ ମଧ୍ୟସ୍ଥିଙ୍କ ଭୂମିକା ସାମ୍ନାକୁ ଆସିଥିଲା। ମାମଲାକୁ ସିବିଆଇକୁ ହସ୍ତାନ୍ତର କରାଯାଇଥିଲା। ଏହା ଚୁକ୍ତି ସମୟରେ ବାୟୁସେନା ମୁଖ୍ୟ ଥିବା ଏୟାର ଚିଫ୍ ମାର୍ଶାଲ୍ ଏସ୍ ପି ତ୍ୟାଗୀ ଏବଂ ଅନ୍ୟ କେତେକଙ୍କୁ ଜେଲ ଯିବାକୁ ପଡ଼ିଥିଲା।

# ଏପ୍‌ଷ୍ଟିନ ଫାଇଲ: ହଜାରେ ଥର ଆସିଛି ନରୱେ ରାଜକୁମାରୀଙ୍କ ନାମ



ୱାଶିଂଟନ, ୩।୨ (ଏଜେନ୍ସି): ନରୱେ ରାଜକୁମାରୀ ମେଟେ-ମାରିଟ ଏବଂ ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନ ମଧ୍ୟରେ ଥିବା ସମ୍ପର୍କକୁ ନେଇ ବିବାଦ ଆରମ୍ଭ ହୋଇଛି। ଗତ ୩୦ ତାରିଖରେ ଆମେରିକା ଜାରି କରଥିବା ଏପଷ୍ଟିନ ଫାଇଲରେ ମେଟେଙ୍କ ନାମ ହଜାରେରୁ ଅଧିକ ଥର ରହିଛି। ରିପୋର୍ଟ ଅନୁଯାୟୀ, ଏହି ଫାଇଲରେ ୨୦୧୧ରୁ ୨୦୧୪ ମଧ୍ୟରେ ଏପଷ୍ଟିନ ଏବଂ ମେଟେଙ୍କ ମଧ୍ୟରେ କରାଯାଇଥିବା ଅନେକ ଇମେଲ ରହିଛି। ଏକ ମେଲ୍‌ରେ ଏପଷ୍ଟିନ କହୁଛି ଯେ ସେ ମେଟେଙ୍କୁ ବିବାହ କରିବାକୁ ଚାହୁଁଛି ଏବଂ ପତ୍ନୀ ସନ୍ଧାନରେ ପ୍ୟାରିସ ଆସିଛି। ସେ ଅବୈଧ ସମ୍ପର୍କ ରଖିବାକୁ ମଧ୍ୟ ଇଚ୍ଛା ପ୍ରକଟ କରିଥିଲା। ସ୍କାଣ୍ଡିନେଭିଆଇ ମହିଳା ବହୁତ ଭଲ ହୋଇଥାନ୍ତି ବୋଲି କହିଥିଲା। ଜବାବରେ ମେଟେ କହିଥିଲେ ଯେ ପତ୍ନୀ ସନ୍ଧାନ କରୁଥିବା ବିଶ୍ୱାସ ହେଉ ନାହିଁ। ରାଜକୁମାରୀ ତିନି ଥର ଏପଷ୍ଟିନକୁ ଭେଟିଥିଲେ। ଏହି ସମ୍ପର୍କକୁ ନେଇ ସେ ଲଜ୍ଜିତ ବୋଲି କହିଛନ୍ତି।

# ଇରାନରେ ଲଜ୍ଜା: ମହିଳା ବିକ୍ଷୋଭକାରୀଙ୍କୁ ଦୁଷ୍କର୍ମ କରି ମାରିଦେଲେ

ତେହରାନ, ୩।୨ (ଏଜେନ୍ସି): ଇରାନରେ ଚାଲିଥିବା ସରକାର ବିରୋଧୀ ବିକ୍ଷୋଭ ପ୍ରଦର୍ଶନ ଚପାଇବା ପାଇଁ ସର୍ବୋଚ୍ଚ ଶାସକ ଅୟତୁଲ୍ଲା ଅଲ ଖାମନେଇ ବର୍ବରତାର ସମସ୍ତ ସୀମା ଟପି ଯାଇଛନ୍ତି। ସେ ଭଡ଼ାଟିଆ ସେନା ଲଗାଇ ନିଜ ଦେଶର ଲୋକଙ୍କୁ ମାରିଛନ୍ତି। ମହିଳା ବିକ୍ଷୋଭକାରୀଙ୍କ ସହ ଅମାନବିକ କାର୍ଯ୍ୟ କରିଛନ୍ତି। ବିକ୍ଷୋଭ ପ୍ରଦର୍ଶନରେ ସାମିଲ ମହିଳାଙ୍କୁ ଦୁଷ୍କର୍ମ କରାଯାଇଛି। ଅନେକଙ୍କୁ ବିକଳାଙ୍ଗ କରିଦିଆଯାଉଛି। ହଜାର ହଜାର ମହିଳାଙ୍କ ଗର୍ଭାଶୟ ଏବଂ ଚର୍ମ ଟାଣି ବାହାର କରାଯାଇଛି। ଏହାର ପ୍ରମାଣ ଲୁଚାଇବା ପାଇଁ ହତ୍ୟା ପରେ ମହିଳାଙ୍କ ମୃତଦେହକୁ ପୋଡ଼ି ଦିଆଯାଇଛି। ଆନ୍ଦୋଳନକାରୀଙ୍କ ମନରେ ଭୟ ସୃଷ୍ଟି କରିବାକୁ ଏଭଳି କାଣ୍ଡ ଘଟାଯାଇଛି। ଇରାନୀ-ଜର୍ମାନୀ ସାମ୍ବାଦିକ ମିସେଲ ଅବ୍‌ଦୋଲାହି ଏହି ଦାବି କରିଛନ୍ତି। ସେ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ପୋଷ୍ଟ କରିଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ସେ ଏହି ସୂଚନା ପାଇଥିବା କହିଛନ୍ତି।

ମିସେଲ କହିଛନ୍ତି ଯେ ଗିରଫ ହୋଇଥିବା ମହିଳାଙ୍କୁ ବଳାତ୍କାର କରାଯାଇଛି। ସେମାନଙ୍କ ଗର୍ଭାଶୟ କାଢ଼ି ମୁଣ୍ଡର କେଶ ସହିତ ଶରୀର ଚର୍ମକୁ କାଢ଼ି ଦିଆଯାଇଛି।




ସିଗାରେଟ୍ ଚେଙ୍କ ଲଗାଇ ଛାଡ଼ି ଦିଆଯାଇଥାଏ। ବହୁତ କମ୍ ମହିଳାଙ୍କ ମୃତଦେହ ଫେରା ଯାଉଥିଲା। ନିର୍ଯାତନାର ଚିହ୍ନ ଲୁଚାଇବା ଅଧିକାଂଶ ମୃତଦେହ ପୋଡ଼ା ଯାଉଥିଲା। ଅବଦୋଲ୍ଲାହି ଅଭିଯୋଗ କରିଛନ୍ତି ଯେ ଖାମନେଇଙ୍କ ନେତୃତ୍ୱରେ ଇରାନ ନିଜ ଲୋକଙ୍କ ବିରୁଦ୍ଧରେ ଦୁଷ୍କର୍ମକୁ ଅସ୍ତ୍ର ଭାବରେ ବ୍ୟବହାର କରୁଛି। ଏପରିକି ଶିଶୁ ମଧ୍ୟ ହିଂସାର ଶିକାର ହେଉଛନ୍ତି। ଜର୍ମାନ ଖବରକାଗଜ ଡାଏ ୱେଲ୍ଟ ମଧ୍ୟ ପ୍ରତ୍ୟକ୍ଷଦର୍ଶୀଙ୍କ ଆଧାରରେ ସମାନ ଦାବି କରିଛି। ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି ଯେ ଆହତ ମହିଳାଙ୍କୁ ଅଳିଆ ଗାଡ଼ିରେ ଭର୍ତ୍ତି କରାଯାଇଥିଲା। ଏବେ ମାରିବୁ ନାହିଁ, ପ୍ରଥମେ ଦୁଷ୍କର୍ମ କରିବୁ ବୋଲି କୁହାଯାଇଥିଲା। ଏହା ବ୍ୟତୀତ ଇରାନରେ ଅଟକ ବିକ୍ଷୋଭକାରୀଙ୍କୁ ଜୋର ଜବରଦସ୍ତି ଉଲଗ୍ନ କରାଯାଇଥିଲା। ସେମାନଙ୍କୁ ଅଜଣା ଇଞ୍ଜେକ୍ସନ ଦିଆଯାଇଥିଲା। ଗାର୍ଡିଆନ୍ ଖବରକାଗଜ ରିପୋର୍ଟରେ କୁହାଯାଇଛି ଯେ କେରମାନଶାହ ସହରରେ ଜଣେ ୧୬ ବର୍ଷୀୟା ଝିଅ ସମେତ ଅନେକ ମହିଳାଙ୍କୁ ଯୌନ ଉତ୍ପୀଡ଼ନ ଦିଆଯାଇଛି। ଏଠାରେ ସୁରକ୍ଷା ବାହିନୀ ମହିଳାଙ୍କ ଶରୀରକୁ ସ୍ପର୍ଶ କରିଥିଲା ଏବଂ ମାଡ଼ ମାରିଥିଲା। ସୂଚନାଯୋଗ୍ୟ ଯେ ଡିସେମ୍ବର ୨୮ରୁ ଇରାନରେ ଆରମ୍ଭ ହୋଇଥିବା ହିଂସା ଜାନୁଆରୀ ୧୫ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ୫ ହଜାରରୁ ଅଧିକ ବିକ୍ଷୋଭକାରୀଙ୍କ ଜୀବନ ଯାଇଛି। ଦେଶରେ ଦରଦାମ ବୃଦ୍ଧିକୁ ବିରୋଧ କରି ଏହି ହିଂସା ସୃଷ୍ଟି ହୋଇଥିଲା। ଇରାନୀ ମୁଦ୍ରା ରିଆଲ ସର୍ବନିମ୍ନ ସ୍ତରରେ ପହଞ୍ଚିଥିଲା। ଚା ଏବଂ ରୁଟି ଭଳି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷଗୁଡ଼ିକ ମଧ୍ୟ ବହୁତ ମହଙ୍ଗା ହୋଇଗଲା।

■ ହାଇକୋର୍ଟରେ ଜବାବ ଦାଖଲ କଲେ ସରକାର

# ଅନୁମୋଦନ ମିଳିଛି, ଖୁବ୍‌ଶୀଘ୍ର ବିଜ୍ଞପ୍ତି

କଟକ, ୩।୨ (ସମିସ): ଇଚ୍ଛାମୃତ୍ୟୁ ପ୍ରସଙ୍ଗରେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ସଂକ୍ରାନ୍ତରେ ରାଜ୍ୟ ସରକାର ଖୁବ୍‌ଶୀଘ୍ର ବିଜ୍ଞପ୍ତି ଜାରି କରିବେ। ବିଭିନ୍ନ ବିଭାଗରୁ ମିଳିଥିବା ମତାମତ ଆଧାରରେ ଉଚ୍ଚସ୍ତରୀୟ କମିଟିର ପ୍ରସ୍ତାବକୁ ସରକାର ଅନୁମୋଦନ କରିଛନ୍ତି ବୋଲି ରାଜ୍ୟ ସରକାର ଆଜି ହାଇକୋର୍ଟରେ ଜବାବ ରଖିଛନ୍ତି। ତେବେ ଏହାର ସାନି ସ୍ଥିତି ସମ୍ପର୍କରେ ପରବର୍ତ୍ତୀ ଶୁଣାଣି ସମୟରେ ଜଣାଇବାକୁ ଆଜି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଆଇନଜୀବୀ ଡକ୍ଟର କହ୍ନେୟାଲାଲ୍ ଶର୍ମାଙ୍କ ଜନସ୍ୱାର୍ଥ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଫେବ୍ରୁଆରି ୧୦କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି ଅଦାଲତ।

ମାମଲା ଶୁଣାଣି ବେଳେ ରାଜ୍ୟ ସରକାରଙ୍କ ତରଫରୁ ହାଇକୋର୍ଟରେ ଜବାବ ଦାଖଲ କରାଯାଇ କୁହାଯାଇଥିଲା ଯେ ସୁପ୍ରିମକୋର୍ଟଙ୍କ ୨୦୨୩ ଜାନୁଆରି ୨୪ର ନିର୍ଦ୍ଦେଶ ଅନୁସାରେ ସେହିବର୍ଷ ସେପ୍ଟେମ୍ବର ୭ରେ ଏକ କମିଟି ଗଠନ କରାଯାଇଥିଲା। ଏହି କମିଟିର ପୁନର୍ଗଠନ କରାଯିବା ନେଇ ଗତ ୨୦୨୫ ଏପ୍ରିଲ ୨୨ରେ ବିଜ୍ଞପ୍ତି ପ୍ରକାଶ ପାଇବା ସହ କମିଟିର ବୈଠକ ଇତି ମଧ୍ୟରେ ଅନୁଷ୍ଠିତ ହୋଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ କମିଟିର ଚିଠା ପ୍ରସ୍ତାବ ଉପରେ ଆଇନ ବିଭାଗ, ସାଧାରଣ ପ୍ରଶାସନ ବିଭାଗ ସମେତ ବିଭିନ୍ନ ବିଭାଗରୁ ମତାମତକୁ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଅନୁଧ୍ୟାନ କରି ସରକାରଙ୍କୁ ପଠାଇଥିଲା। ସରକାର ଏହାକୁ ଅନୁମୋଦନ କରିଛନ୍ତି ଓ ଖୁବ୍‌ଶୀଘ୍ର ବିଜ୍ଞପ୍ତି ଜାରି କରିବାକୁ ଯାଉଛନ୍ତି ବୋଲି ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଛି।

**ଇଚ୍ଛାମୃତ୍ୟୁ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ପ୍ରସଙ୍ଗ**

ମାମଲାରୁ ପ୍ରକାଶ ଯେ ଯଦି କୌଣସି ରୋଗରୁ ବ୍ୟକ୍ତି ଆରୋଗ୍ୟ ହେବାର ସମ୍ଭାବନା ନଥାଏ ତେବେ ସେ ନିଜ ଇଚ୍ଛା ଅନୁସାରେ ଜୀବନ ଯେପରି ତ୍ୟାଗ କରିପାରିବେ, ସେଥିପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆଇନଗତ ବ୍ୟବସ୍ଥା ହେବା ଉଚିତ। କୌଣସି ଦୁରାରୋଗ୍ୟରେ ପୀଡ଼ିତଙ୍କ ଇଚ୍ଛାକୁ ସମ୍ମାନ ଦେଇ ତାଙ୍କୁ ପ୍ରଦାନ କରାଯାଉଥିବା ଚିକିତ୍ସା ବନ୍ଦପୂର୍ବକ ମୃତ୍ୟୁ ପାଇଁ ପଥ ପରିଷ୍କାର କରାଯାଇପାରିବ। ସୁପ୍ରିମକୋର୍ଟଙ୍କ ଏ ସମ୍ପର୍କିତ ଏକ ଆଦେଶନାମା ରହିଥିବା ବେଳେ ରାଜ୍ୟରେ ଏହା କାର୍ଯ୍ୟକାରୀ କରାଯାଉନାହିଁ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ପାର୍ଥ ମୁଖାର୍ଜୀ ଓ ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି।

**ମା' ତାରାତାରିଣୀଙ୍କ ପୀଠରୁ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'ର ଶୁଭାରମ୍ଭ**

# ଝିଅମାନେ ବୋଝ ନୁହନ୍ତି, ଭଗବାନଙ୍କ ଆଶୀର୍ବାଦ: ମୁଖ୍ୟମନ୍ତ୍ରୀ

ବ୍ରହ୍ମପୁର, ୩।୨(ସମିସ): ଝିଅମାନେ ବୋଝ ନୁହନ୍ତି, ଭଗବାନଙ୍କ ଆଶୀର୍ବାଦ। 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' କେବଳ ଏକ ଜନମଙ୍ଗଳକାରୀ ଯୋଜନା ନୁହେଁ, ଏହା ସାମାଜିକ ସୁରକ୍ଷାକୁ ମଜଭୁତ୍ କରିବାକୁ ରାଜ୍ୟ ସରକାରଙ୍କ ଏକ ଅଭିନବ ପ୍ରୟାସ। ଗଞ୍ଜାମର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ପୀଠରେ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'ର

**୨୦୧ ବିବାହ ସମ୍ପନ୍ନ**

ଶୁଭାରମ୍ଭ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହା କହିଛନ୍ତି। ଏହି ଅବସରରେ ମା'ଙ୍କ ପୀଠରେ ୨୦୧ଜଣ କନ୍ୟାଙ୍କ ଶୁଭବିବାହ ସମ୍ପନ୍ନ ହୋଇଛି। ମୁଖ୍ୟମନ୍ତ୍ରୀ ନିଜେ ଉପସ୍ଥିତ ରହି ବିବାହ ମଣ୍ଡପରେ କର୍ତ୍ତା ଭାବେ ନବଦମ୍ପତିଙ୍କୁ ଆଶୀର୍ବାଦ କରିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ଯୋଜନା ମୁଖ୍ୟତଃ ଆର୍ଥିକ ଦୁର୍ବଳ ଶ୍ରେଣୀର ପରିବାରଙ୍କ ଉପରେ ବିବାହର ଆର୍ଥିକ ଭାର ଲାଘବ କରିବା ସହ ମହିଳାଙ୍କ ସମ୍ମାନ, ସାମାଜିକ ସୁରକ୍ଷା, ବିଧବା ପୁନଃ ବିବାହକୁ ଉତ୍ସାହିତ କରିବା, ଯୌତୁକ ପ୍ରଥାକୁ ନିବାରଣ କରିବା ଦିଗରେ ବହୁ ପରିମାଣରେ ସହାୟତା ପ୍ରଦାନ କରିବ। ୨୦୨୫-୨୬ରୁ ୨୦୨୯-୩୦ ମସିହା ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲ୍ଲାରେ ଏହା କାର୍ଯ୍ୟକାରୀ କରାଯିବ। ଏଥିପାଇଁ ବଜେଟ୍‌ରେ ୫୯ କୋଟିରୁ ଅଧିକ ଟଙ୍କାର ବ୍ୟବସ୍ଥା କରାଯାଇଥିବା ଶ୍ରୀ ମାଝୀ ସୂଚନା ଦେଇଛନ୍ତି।

ଆଜିଠାରୁ ଆରମ୍ଭ ହୋଇଥିବା ଏହି ମାଙ୍ଗଳିକ ଯୋଜନାରେ ସାମିଲ ହେବାକୁ କନ୍ୟାର ବୟସ ୧୮ରୁ ୩୫ ବର୍ଷ ଏବଂ ବରର ବୟସ ୨୧ରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ଏହାସହ ଉଭୟ ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବା ଜରୁରୀ। ଏହି ଯୋଜନାରେ ଯୋଗ୍ୟ କନ୍ୟାଙ୍କୁ ୬୦ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଉଛି। କନ୍ୟାର ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ୪୫ ହଜାର ଏବଂ ୧୫ ହଜାର ଟଙ୍କା ବିବାହ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ କରାଯାଉଛି। ଯୋଗ୍ୟ ଦମ୍ପତିମାନଙ୍କୁ ଜିଲ୍ଲା/ବ୍ଲକ ସ୍ତରରୁ ଚୟନ କରାଯାଇଛି।



ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନବଦମ୍ପତିଙ୍କୁ ଅଭିନନ୍ଦନ ଜଣାଇ ଏହି ମହତ୍ତ୍ୱାକାଂକ୍ଷୀ ସରକାରୀ ଯୋଜନା ମୁଖ୍ୟମନ୍ତ୍ରୀଙ୍କ ମାନସ ପ୍ରସୂତ ଯୋଜନା ବୋଲି କହିଥିଲେ। ବାଣିଜ୍ୟ ଓ ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗଞ୍ଜାମ ଜିଲ୍ଲାରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଥିଲେ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ନାରୀମାନଙ୍କୁ ସମ୍ମାନ ଦେବାରେ ମୋହନ ସରକାର ସର୍ବଦା ଅଗ୍ରାଧିକାର ଦେଇ ଆସିଥିବା କହିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଆସ୍କା ସାଂସଦ ଅନିତା ଶୁଭଦର୍ଶିନୀ, ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ବିଧାୟକ କେ. ଅନିଲ କୁମାର, ବିଧାୟକ ସରୋଜ କୁମାର ପାଢ଼ୀ, ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବିଧାୟକ ନୀଳମଣି ବିଷୋୟୀ ଓ ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ପ୍ରମୁଖ ଉପସ୍ଥିତ ରହି ନବଦମ୍ପତିଙ୍କୁ ଆଶୀର୍ବାଦ କରିଥିଲେ।

**ଚାନ୍ଦବାଲିରେ ପୁଣି କଙ୍ଗାରୁକୋର୍ଟ**

# ବାଂଲାଦେଶୀ ସନ୍ଦେହରେ ନାବାଳକକୁ ନିସ୍ତୁକ ମାଡ଼

ଭଦ୍ରକ, ୩।୨ (ସମିସ):ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ବାଂଶଡ଼ା ଥାନା ଅଞ୍ଚଳରେ ପୁଣି କଙ୍ଗାରୁକୋର୍ଟ ଭଳି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ବାଂଲାଦେଶୀ ସନ୍ଦେହରେ ଜଣେ ମାନସିକ ବିକାରଗ୍ରସ୍ତ ନାବାଳକକୁ ଗାଁ ଦାଣ୍ଡରେ ନିସ୍ତୁକ ମାଡ଼ ମରାଯାଇଛି। ଏହାର ଏକ ଭିଡିଓ ଭାଇରାଲ ହେବା ପରେ ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି।

ସୂଚନା ମୁତାବକ, ଚାନ୍ଦବାଲି ବ୍ଲକ୍ ଅନ୍ତର୍ଗତ ଭୂଇଁବୃତ୍ତି ପଞ୍ଚାୟତର ଅମୂଲ୍ୟ ସେଠୀଙ୍କ ନାବାଳକ ପୁଅ ସାର୍ଥକ ଜଣେ ମାନସିକ ବିକାରଗ୍ରସ୍ତ। ୨ ଦିନ ତଳେ ସେ କୁଆଡ଼େ ନିଖୋଜ ହୋଇଯାଇଥିଲେ। ବାଟ ଭୁଲି ମଉସୁଧା ପଞ୍ଚାୟତ ହରିପୁର ଗାଁକୁ ଚାଲିଯାଇଥିଲା। ରାତିରେ ସେ ଗାଁ ଦାଣ୍ଡରେ ବୁଲୁଥିବା ଦେଖି କିଛି ଗ୍ରାମବାସୀଙ୍କ ସନ୍ଦେହ ହୋଇଥିଲା। ସେମାନେ ତାକୁ ବାଂଲାଦେଶୀ ସନ୍ଦେହରେ ଗାଁ ଦାଣ୍ଡରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼ ମାରିବା ସହ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ନାବାଳକକୁ ଉଦ୍ଧାର କରି ଅନ୍ୟତ୍ର



ଛାଡ଼ି ଦେଇଥିଲା। ଗୁରୁତର ନାବାଳକକୁ ଚିକିତ୍ସା କରାଇବା ପରିବର୍ତ୍ତେ ଅନ୍ୟତ୍ର ଛାଡ଼ିଦେବା ଏବଂ ଆକ୍ରମଣକାରୀଙ୍କ ନାମରେ

■ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିସ୍ତୁକ ପିଟିଲେ
■ ପୁଲିସର ଭୂମିକା ଉପରେ ପ୍ରଶ୍ନବାଚୀ

ମାମଲା ରୁଜୁ ନ କରିବା ଘଟଣାକୁ ଅଞ୍ଚଳବାସୀ ହଜମ କରିପାରୁନାହାନ୍ତି। ପୁଲିସର କାର୍ଯ୍ୟଦକ୍ଷତା ଓ ଭୂମିକା ଉପରେ ସେମାନେ ସନ୍ଦେହ ପ୍ରକଟ କରିଛନ୍ତି। ତେବେ ଚାପ ପଡ଼ିବାରୁ ବାଂଶଡ଼ା ପୁଲିସ କୁଣି ଉକ୍ତ ନାବାଳକକୁ ଖୋଜିଥିଲା। ତିହିଡ଼ି ବ୍ଲକ୍ ପୀରହାଟ ଅଞ୍ଚଳରୁ ଉକ୍ତ ନାବାଳକକୁ ଉଦ୍ଧାର କରି ପ୍ରଥମେ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାକୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ଚାନ୍ଦବାଲି ଏସ୍‌ଡିପିଓ ପ୍ରଭାସ ସାହୁଙ୍କ ହସ୍ତକ୍ଷେପ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମାତ୍ର ରିପୋର୍ଟ ଲେଖା ହେବା ବେଳକୁ ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ।

# ଡିଆରଡିଓ ପକ୍ଷରୁ ଏସଏଫ୍‌ଡିଆର୍‌ର ସଫଳ ପରୀକ୍ଷା



ବାଲେଶ୍ୱର,୩।୨ (ସମିସ): ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ(ଡିଆର୍‌ଡିଓ) ପକ୍ଷରୁ କଠିନ ଇନ୍ଧନଯୁକ୍ତ ରାମଜେଟ୍ ଜ୍ଞାନକୌଶଳ (ସଲିଡ୍ ଫୁଏଲ ଡକ୍ଟେଡ୍ ରାମଜେଟ୍, ଏସଏଫଡିଆର) ଇଞ୍ଜିନର କାର୍ଯ୍ୟଦକ୍ଷତା ପ୍ରଦର୍ଶିତ ହୋଇଛି। ଚାନ୍ଦିପୁରସ୍ଥିତ ଏକୀକୃତ ପରୀକ୍ଷଣ କେନ୍ଦ୍ର (ଆଇଟିଆର)ଠାରେ ଆଜି ସକାଳ ୧୦ଟା ୪୫ରେ ସଫଳତାର ସହ ଏହା ପ୍ରଦର୍ଶିତ ହୋଇଥିଲା। ଏହି ସଫଳ ପ୍ରଦର୍ଶନ ପରେ, ଶତ୍ରୁପକ୍ଷଠାରୁ ଅଧିକ ଦକ୍ଷତାସମ୍ପନ୍ନ ଲମ୍ବ ଦୂରଗାମୀ ଆକାଶରୁ ଆକାଶକୁ ନିକ୍ଷେପ ହେଉଥିବା କ୍ଷେପଣାସ୍ତ୍ର ବିକାଶ ନିମିତ୍ତ ଜ୍ଞାନକୌଶଳ ହାସଲକାରୀ ପ୍ରମୁଖ ଦେଶମାନଙ୍କ ମଧ୍ୟରେ ଭାରତ ସାମିଲ ହୋଇଯିବ ବୋଲି ଡିଆରଡିଓ ପକ୍ଷରୁ ଜାରି ପ୍ରେସ୍ ବିବୃତିରେ କୁହାଯାଇଛି। ପ୍ରତିରକ୍ଷା ଅନୁସନ୍ଧାନ ଓ ଉନ୍ନୟନ ଗବେଷଣାଗର (ଡିଆରଡିଏଲ), ଉଚ୍ଚ ଶକ୍ତି ସାମଗ୍ରୀ ଅନୁସନ୍ଧାନ ଗବେଷଣାଗାର (ଏଚଇଏମଆରଏଲ), ହାଇଦ୍ରାବାଦର ଅନୁସନ୍ଧାନ କେନ୍ଦ୍ର ଭବନ (ଆରସିଆଇ) ଏବଂ ଆଇଟିଆର ପ୍ରଭୃତି ଡିଆରଡିଓର ବିଭିନ୍ନ ଗବେଷଣାଗାରର ବରିଷ୍ଠ ବୈଜ୍ଞାନିକମାନେ ଏହି ପ୍ରଦର୍ଶନକୁ ଅନୁଧ୍ୟାନ କରିଥିଲେ। ଏସଏଫ୍‌ଡିଆର ଜ୍ଞାନକୌଶଳର ସଫଳ ପ୍ରଦର୍ଶନ ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଡିଆରଡିଓ ସହ ଅନ୍ୟାନ୍ୟ ସଂସ୍ଥାଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। ସେହିପରି ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ବିଭାଗ ସଚିବ ତଥା ଡିଆର୍‌ଡିଓର ଚେୟାରମ୍ୟାନ୍ ଡ. ସମୀର ଭି କାମତ ଏହି ପ୍ରଦର୍ଶନରେ ଜଡ଼ିତ ସମସ୍ତ ସଂସ୍ଥାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

**୨୪ ବର୍ଷର ନ୍ୟାୟିକ ଲଢ଼େଇ ପରେ ହାଇକୋର୍ଟରୁ ମିଳିଲା ନ୍ୟାୟ**

# ନିଯୁକ୍ତି ଆଶାୟୀଙ୍କୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ

କଟକ, ୩।୨ (ସମିସ): ଦୀର୍ଘ ୨୪ବର୍ଷର ନ୍ୟାୟିକ ଲଢ଼େଇ ପରେ ଶେଷରେ ଜଣେ ନିଯୁକ୍ତି ଆଶାୟୀଙ୍କୁ ହାଇକୋର୍ଟରୁ ନ୍ୟାୟ ମିଳିଛି। ଆବେଦନକାରୀଙ୍କୁ ନିଯୁକ୍ତି ଦେବାରେ ବିଫଳ ହୋଇଥିବା ସମ୍ବଲପୁର ଜିଲ୍ଲା ପ୍ରଶାସନକୁ କଡ଼ା ସମାଲୋଚନା କରିବା ସହ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୁଧାଂଶୁ ନନ୍ଦଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତକ୍ରିଷ୍ଣା ଶ୍ରୀପଦ ଏବଂ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀଙ୍କୁ ୬ସପ୍ତାହ ମଧ୍ୟରେ ଜିଲ୍ଲାପାଳ ୫ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରିବେ। ଯଦି ଧାର୍ଯ୍ୟ ସମୟ ମଧ୍ୟରେ ଅର୍ଥ ପ୍ରଦାନ କରାନଯାଏ, ତେବେ ପ୍ରତିଦିନ ପାଇଁ ୫୦୦ ଟଙ୍କା ଅତିରିକ୍ତ ଜରିମାନା ଦେବାକୁ ପଡ଼ିବ। ଏହି ଅତିରିକ୍ତ ଜରିମାନା ଅର୍ଥ ଦୋଷୀ କର୍ମଚାରୀଙ୍କ ଦରମାରୁ ବ୍ୟକ୍ତିଗତ ଭାବେ ଆଦାୟ କରାଯାଇପାରିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ୧୯୯୯ ମସିହାରେ ସୁଧାଂଶୁ ନନ୍ଦ ଡ୍ରାଇଭର୍ ପଦବୀ ପାଇଁ ସାକ୍ଷାତକାର ଦେଇ ଚୟନ ତାଲିକାର ୩ୟ ସ୍ଥାନରେ ଥିଲେ। ତାଙ୍କୁ ନିଯୁକ୍ତିପତ୍ର ମଧ୍ୟ ଜାରି କରାଯାଇଥିଲା। କିନ୍ତୁ କୌଣସି ପୋଷ୍ଟିଂ ଦିଆଯାଇନଥିଲା। ଏହା ବିରୋଧରେ ସେ ୨୦୦୨ରେ ରାଜ୍ୟ ପ୍ରଶାସନିକ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲେ। ସେଠାରେ ତାଙ୍କ ସପକ୍ଷରେ ରାୟ ଆସିଥିଲା। ଏହି ନିର୍ଦ୍ଦେଶ ପାଳନ ନହେବାରୁ ସେ ୨୦୦୩ରେ ଅଦାଲତ ଅବମାନନା ମାମଲା ଦାୟର କରିଥିଲେ। ହେଲେ ଟ୍ରିବ୍ୟୁନାଲ ଏହି ମାମଲାକୁ ୧୫ ବର୍ଷ ଧରି ଚଳାଇବା ପରେ ୨୦୧୭ରେ ଏହାକୁ ଖାରଜ କରିଦେଇଥିଲେ। ପରେ ସେ ଏହା ବିରୋଧରେ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ଏକ ଅଦାଲତ ଅବମାନନା ମାମଲାକୁ ସମାଧାନ କରିବା ପାଇଁ ୧୫ ବର୍ଷ ସମୟ ଲାଗିବା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ବିଷୟ। ଏହି ସମୟ ମଧ୍ୟରେ ଆବେଦନକାରୀ ନୂତନ ନିଯୁକ୍ତି ପାଇଁ ବୟସସୀମା ଅତିକ୍ରମ କରିସାରିଛନ୍ତି। ଯେହେତୁ ୨୦୧୫ରୁ ଗାଡ଼ିଗୁଡ଼ିକ ଆଉଟ୍‌ସୋର୍ସିଂରେ ଚାଲୁଛି ଏବଂ ନିଯୁକ୍ତି ଦେବା ସମ୍ଭବ ହେଉ ନଥିବାରୁ ହାଇକୋର୍ଟ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି।

# ରାଷ୍ଟ୍ରପତିଙ୍କ ଅଭିଭାଷଣରେ ଓଡ଼ିଶା କାହିଁ: ସସ୍ମିତ

ଭୁବନେଶ୍ୱର,୩।୨(ସମିସ): ସଂସଦରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଭାଗ ନେଇ କେନ୍ଦ୍ର ଅବହେଳା ବିରୋଧରେ ରାଜ୍ୟସଭାରେ ବର୍ଷିଛନ୍ତି ବିଜେଡି ସାଂସଦ ସସ୍ମିତ୍ ପାତ୍ର। ସେ କହିଛନ୍ତି ଯେ ମହାନଦୀ, ପୋଲାଭରମ କ୍ଷେତ୍ରରେ ଟ୍ରିପଲ ଇଞ୍ଜିନ ସରକାରଙ୍କ ଉଦାସୀନତା, ରାଜ୍ୟରେ ଚାଷୀ ହନ୍ତସନ୍ତ, ଯୋଗାଯୋଗ କ୍ଷେତ୍ରରେ ଅଣଦେଖାକୁ ନେଇ ସାଂସଦମାନେ କ୍ଷୋଭ ପ୍ରକାଶ କରି ରାଷ୍ଟ୍ରପତିଙ୍କ ଅଭିଭାଷଣରେ ଓଡ଼ିଶା କାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି।



ଆଲୋଚନାରେ ଭାଗ ନେଇ ସସ୍ମିତ କହିଛନ୍ତି ଯେ ସଂଘୀୟ ବ୍ୟବସ୍ଥା ସମ୍ପର୍କରେ ଅଭିଭାଷଣରେ କେଉଁଠାରେ ଉଲ୍ଲେଖ ମିଳିଲା ନାହିଁ। ଓଡ଼ିଶା, ଛତିଶଗଡ଼ ଓ ଦିଲ୍ଲୀରେ ଟ୍ରିପଲ ଇଞ୍ଜିନ ସରକାର ଚାଲୁଥିବା ବେଳେ ମହାନଦୀ ପ୍ରସଙ୍ଗ କିନ୍ତୁ ଗୌଣ ହୋଇଗଲା। ପୋଲାଭରମ କ୍ଷେତ୍ରରେ ଟ୍ରିପଲ ଇଞ୍ଜିନ ସରକାର ଓଡ଼ିଶା ପାଇଁ ନ୍ୟାୟ କରିପାରୁନାହାନ୍ତି। ଗତ ୧୧ ବର୍ଷ ହେଲାଣି ବିଜେଡି ସଭାପତି ତଥା ଆମର ନେତା ନବୀନ ପଟ୍ଟନାୟକ ଓଡ଼ିଶା ପାଇଁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବି କରି ଆସୁଛନ୍ତି। ମାତ୍ର ଏହି ଅଭିଭାଷଣରେ ସଂଘୀୟ ବ୍ୟବସ୍ଥା ବାବଦରେ ପଦେ ହେଲେ ଶୁଣିବାକୁ ମିଳିଲା ନାହିଁ। ଓଡ଼ିଶାରେ ଏସସି, ଏସଟି, ସଂଖ୍ୟାଲଘୁ ଭାଇ ଭଉଣୀଙ୍କ ଉପରେ ଅତ୍ୟାଚାର ବଢ଼ି ବଢ଼ି ଚାଲିଛି। ୧୦ ବର୍ଷରେ ଓଡ଼ିଶାରେ କାହିଁକି ଉପକୂଳ ରାଜପଥରେ ଖଣ୍ଡିଏ ଇଟା ପଡ଼ିପାରିଲା ନାହିଁ। ଜାତୀୟ ରାଜପଥ, ରେଳ, ଡିଜିଟାଲ ସଂଯୋଗୀକରଣ ସବୁ କ୍ଷେତ୍ରରେ ଓଡ଼ିଶା ପଛୁଆ ରହିଛି। ମୋବାଇଲ ନେଟୱାର୍କ ପାଇଁ ଓଡ଼ିଶାରେ ଲୋକଙ୍କୁ ପାହାଡ଼ ଉପରେ ଚଢ଼ିବାକୁ ପଡ଼ୁଛି। ହାଇସ୍ପିଡ ରେଳ କରିଡର ମୁମ୍ବାଇ, ପୁନେ, ହାଇଦ୍ରାବାଦ, ବେଙ୍ଗାଲୁରୁ, ଦିଲ୍ଲୀ, ଚେନ୍ନାଇ, ବାରଣାସୀ, ସିଲିଗୁଡ଼ିକୁ ଦିଆଗଲା। ଶିଳ୍ପ କରିଡର ଦୁର୍ଗାପୁରକୁ ଦିଆଗଲା। ଜାହଜ ମରାମତି କରିଡର ପାଇଁ ବାରଣାସୀ, ପାଟନାକୁ ଦିଆଗଲା। ମାତ୍ର ଓଡ଼ିଶାରେ ଧାମରା, ପାରାଦୀପ ଥିବାସତ୍ତ୍ୱେ ଏହାକୁ ଉପେକ୍ଷା କରାଗଲା। ଆଦିବାସୀ ଭାଇ ଭଉଣୀଙ୍କ ପାଇଁ ପେସା ଆଇନ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଯେଉଁଠି ଶିଳ୍ପାୟନ ହେଉଛି, ସେଠାରେ ପଲ୍ଲୀସଭା ହୋଇ ପାରୁନାହିଁ। ଓଡ଼ିଶାର କୋଇଲା ରାଜଭାଗ ୧୦ ବର୍ଷ ହେଲାଣି ବୃଦ୍ଧି କରାଗଲା ନାହିଁ। ହୋ, ମୁଣ୍ଡାରୀ, ଭୂମିଜ, କୁଇ ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ ପାଇଁ ବାରମ୍ବାର ଦାବି ପୂରଣ ହୋଇ ପାରିନି। ଓଡ଼ିଶାରେ ଆଜି ମା, ଭଉଣୀମାନେ ଅସୁରକ୍ଷିତ। ବାଲେଶ୍ୱରରେ ଜଣେ ଛାତ୍ରୀ ନିଜକୁ ପେଟ୍ରୋଲ ଢାଳି ଜାଳିଦେଲା, ଗୋପାଳପୁରରେ ଜଣେ ଝିଅ ଗଣଦୁଷ୍କର୍ମର ଶିକାର ହେଲା। ରାଷ୍ଟ୍ରପତି ଓଡ଼ିଶାର ଝିଅ; ଆମର ଗର୍ବ। ଆମେ ତାଙ୍କୁ ଭୋଟ ଦେଇ ଆମେ ଜୟଯୁକ୍ତ କରାଇଛୁ। ମାତ୍ର ତାଙ୍କ ଅଭିଭାଷଣରେ ଓଡ଼ିଶାର ସ୍ୱର ନାହିଁ ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି।

# ତୁରନ୍ତ ବୃଦ୍ଧି ହେଉ ମହାନଦୀ ଟ୍ରିବ୍ୟୁନାଲଙ୍କ ଅବଧି: ମାନସ

ଭୁବନେଶ୍ୱର,୩।୨(ସମିସ): ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଭାଗ ନେଇ ରାଜ୍ୟସ୍ୱାର୍ଥ ସମ୍ପର୍କିତ ଏକାଧିକ ପ୍ରସଙ୍ଗ ଉତ୍ଥାପନ କରିଛନ୍ତି ବିଜେଡି ସାଂସଦ ମାନସ ରଞ୍ଜନ ମଙ୍ଗରାଜ। ଏହି ଅବସରରେ ସେ ତୁରନ୍ତ ମହାନଦୀ ଟ୍ରିବ୍ୟୁନାଲର ଅବଧି ବୃଦ୍ଧି, କୋଇଲା ରାଜଭାଗ ସଂଶୋଧନ, ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା,

■ କୋଇଲା ରାଜଭାଗ ସଂଶୋଧନ ଅତ୍ୟନ୍ତ ଜରୁରୀ
■ ଓଡ଼ିଶାକୁ ମିଳୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା

ସଠିକ୍ ସମୟରେ ଚାଷୀଙ୍କ ଧାନ ଉଠାଣ, ରାଜ୍ୟରେ ଯୁବକ ଯୁବତୀଙ୍କୁ ନିଯୁକ୍ତି ସୁଯୋଗ ସୃଷ୍ଟି ଆଦି ଦାବିକୁ ଶାଣିତ ଢ଼ଙ୍ଗରେ ସଂସଦରେ ଉପସ୍ଥାପନ କରିଛନ୍ତି।

ଶ୍ରୀ ମଙ୍ଗରାଜ କହିଛନ୍ତି ଯେ ଛତିଶଗଡ଼ରେ ଉପର ମୁଣ୍ଡରେ ବନ୍ଧ ନିର୍ମାଣ ହେବାରୁ ଓଡ଼ିଶାକୁ ଜଳପ୍ରବାହ ହ୍ରାସ ପାଇଛି। ଏହା ଅନେକ ଜିଲ୍ଲାରେ କୃଷି, ପାନୀୟ ଜଳ ଏବଂ ଚାଷୀମାନଙ୍କର ଜୀବିକାକୁ ଗଭୀର ଭାବେ ପ୍ରଭାବିତ କରୁଛି। ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲର କାର୍ଯ୍ୟକାଳ ଆସନ୍ତା ଏପ୍ରିଲ ୧୩ ତାରିଖରେ ଶେଷ ହେବ। ଯଦି ଟ୍ରିବ୍ୟୁନାଲର ଅବଧି ସଠିକ୍ ସମୟରେ ବୃଦ୍ଧି କରାନଯାଏ, ତାହେଲେ ନ୍ୟାୟ ମିଳିବାରେ ବିଳମ୍ବ ହେବ। ତେଣୁ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ତୁରନ୍ତ ବୃଦ୍ଧି କରାଯିବା ଅତ୍ୟନ୍ତ ଜରୁରୀ। ଅନୁରୂପ ଭାବରେ ସେ ପୋଲାଭରମ ପ୍ରକଳ୍ପ ସମ୍ପର୍କରେ ଉପସ୍ଥାପନ କରି କହିଛନ୍ତି ଯେ ଏହି ପ୍ରକଳ୍ପ ଯୋଗୁଁ ମାଲକାନଗିରି ଜିଲ୍ଲା ପ୍ରଭାବିତ ହେବ ଏବଂ ବନ୍ୟା ଏବଂ ପଛୁଆ ଜଳ କାରଣରୁ ହଜାର ହଜାର ଆଦିବାସୀ ପରିବାର ବିପନ୍ନ ହେବେ। ପ୍ରକଳ୍ପର ପରିବେଶ ଅନୁମତି ଏବଂ ପୁନର୍ବାସ ନେଇ ଏଯାବତ୍ କୌଣସି ଠୋସ ପଦକ୍ଷେପ ନିଆଯାଇ ନାହିଁ। ତେଣୁ ସେଠାକାର ଆଦିବାସୀ ଲୋକଙ୍କ ସୁରକ୍ଷା ପାଇଁ ପରିବେଶ ଆଇନର କଡ଼ା ପାଳନ ଏବଂ ପୁନର୍ବାସ ନିୟମ କଡ଼ାକଡ଼ି ଭାବେ ଲାଗୁ କରିବାରୁ ଶ୍ରୀ ମଙ୍ଗରାଜ ଦାବି କରିଛନ୍ତି। ସେ ପୁଣି କହିଛନ୍ତି ଓଡ଼ିଶା ଏକ ପ୍ରକୃତିକ ସମ୍ବଳ ସମୃଦ୍ଧ ରାଜ ଅଟେ। ଓଡ଼ିଶା ଦେଶକୁ କୋଇଲା ଏବଂ ଅନ୍ୟ ଖଣିଜ ଯୋଗାଉଛି। କିନ୍ତୁ କୋଇଲା ରାଜଭାଗ ଦଶବର୍ଷରୁ ଅଧିକ ସମୟ ଧରି ସଂଶୋଧନ ହୋଇନାହିଁ। ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ କୋଇଲା ରାଜଭାଗ ସଂଶୋଧନ ଅତ୍ୟନ୍ତ ଆବଶ୍ୟକ।



ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା କିମ୍ବା ସମତୁଲ୍ୟ ଆର୍ଥିକ ସହାୟତା ଦୀର୍ଘଦିନରୁ ଦାବି କରି ଆସୁଛି। ରାଜ୍ୟ ବାରମ୍ବାର ଘୂର୍ଣ୍ଣିଝଡ଼, ବନ୍ୟା ଏବଂ ଜଳବାୟୁ ସମ୍ବନ୍ଧୀୟ ବିପଦର ସମ୍ମୁଖୀନ ହେଉଛି। ଏହାସହ ରାଜ୍ୟରେ ବଡ଼ ଆଦିବାସୀ ଏବଂ ପଛୁଆ ଅଞ୍ଚଳ ମଧ୍ୟ ଅଛି। ଅତଏବ ନ୍ୟାୟ ଏବଂ ଆବଶ୍ୟକତା ଆଧାରରେ କେନ୍ଦ୍ରରୁ ଅଧିକ କେନ୍ଦ୍ରୀୟ ସହାୟତା ଆବଶ୍ୟକ ବୋଲି ଦାବି କରିଛନ୍ତି ଶ୍ରୀ ମଙ୍ଗରାଜ। ଏହି ଅବସରରେ ସେ ଧାନ ବିକ୍ରିରେ ଚାଷୀ ସମ୍ମୁଖୀନ ହେଉଥିବା ସମସ୍ୟା, ଦକ୍ଷତା-ଆଧାରିତ ନିଯୁକ୍ତି ଏବଂ ଚାକିରି ସୃଷ୍ଟି ପାଇଁ ଅଧିକ ଧ୍ୟାନ ଦେବା ନିମନ୍ତେ ଦାବି କରିଛନ୍ତି।

# କଟକ ଜିଲ୍ଲାପାଳଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ୍ ହେଉ: ଦେବାଶିଷ

କଟକ, ୩।୨ (ସମିସ): ଗତ ନେତାଜୀ ଜୟନ୍ତୀ ଅବସରରେ କଟକସ୍ଥିତ ନେତାଜୀଙ୍କ ଜନ୍ମସ୍ଥାନ ସଂଗ୍ରହାଳୟକୁ ଉପ-ରାଷ୍ଟ୍ରପତି ସି.ପି ରାଧାକ୍ରିଷ୍ଣନଙ୍କ ଗସ୍ତ କାର୍ଯ୍ୟକ୍ରମରେ ଉପେକ୍ଷା କରାଯାଇଥିବା ପ୍ରସଙ୍ଗକୁ ରାଜ୍ୟସଭାରେ ଉତ୍ଥାପନ କରିଛନ୍ତି ସାଂସଦ ଦେବାଶିଷ ସାମନ୍ତରାୟ। ରାଜ୍ୟସଭା ସାଂସଦ ଭାବେ ତାଙ୍କର ନୋଡାଲ ଜିଲ୍ଲା କଟକ। ଅଥଚ



କଟକ ସହରରେ ଉପ-ରାଷ୍ଟ୍ରପତି ତଥା ରାଜ୍ୟସଭାର ଅଧ୍ୟକ୍ଷଙ୍କ କାର୍ଯ୍ୟକ୍ରମରେ ଏହି କାର୍ଯ୍ୟକ୍ରମକୁ କଟକ ଜିଲ୍ଲାପାଳ ତାଙ୍କୁ ନିମନ୍ତ୍ରଣ ନ କରିବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ଶ୍ରୀ ସାମନ୍ତରାୟ। ଏପରିକି, ଉପ-ରାଷ୍ଟ୍ରପତିଙ୍କ ଦ୍ୱାରା ଯେଉଁ କୋଠାର ଉଦଘାଟନୀ କରାଯାଇଥିଲା, ତାହାର ଉଦ୍‌ଘାଟନୀ ଫଳକରେ ମଧ୍ୟ ତାଙ୍କର ନାମ ରଖି ନଥିଲେ ଜିଲ୍ଲାପାଳ। ଏହା କେବଳ ତାଙ୍କ ପ୍ରତି ନୁହେଁ, ବରଂ ରାଜ୍ୟସଭା ଗୃହକୁ ଅସମ୍ମାନ ବୋଲି ସେ କହିଥିଲେ। ଏଠାରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମର ପୁରୋଧା କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ହୋଇଥିବା ବେଳେ ତାଙ୍କ ବିରୋଧରେ ଗୃହର ସ୍ୱାଧିକାରକୁ ଅସମ୍ମାନ ପାଇଁ ନୋଟିସ୍ ଜାରି କରାଯାଉ ବୋଲି ରାଜ୍ୟସଭା ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଶ୍ରୀ ସାମନ୍ତରାୟ।

# ଆଗଉନି ଜୟପୁର-ନବରଙ୍ଗପୁର, ଜୟପୁର-ମାଲକାନଗିରି ରେଳପଥ କାମ: ମୁନ୍ନା ଖାନ୍

ଭୁବନେଶ୍ୱର,୩।୨(ସମିସ): ଜୟପୁର-ନବରଙ୍ଗପୁର ଏବଂ ଜୟପୁର-ମାଲକାନଗିରି ରେଳ ସଂଯୋଗ ପାଇଁ ଏମଓୟୁକୁ ୧୦ ବର୍ଷ ପୂରିଲାଣି। ମାତ୍ର ଏଯାଏ ଏହି ରେଳପଥ କାମ ଆଗେଇପାରିଲା ନାହିଁ। ଯାହାକୁ ନେଇ ଆଜି ସଂସଦରେ କ୍ଷୋଭ ପ୍ରକାଶ କରିଛନ୍ତି ବିଜେଡି ରାଜ୍ୟସଭା ସାଂସଦ ମୁଜିବୁଲ୍ଲା(ମୁନ୍ନା) ଖାନ୍।

ଶୂନ୍ୟକାଳରେ ଉପରୋକ୍ତ ପ୍ରସଙ୍ଗ ଉଠାଇ ସେ କହିଛନ୍ତି ଯେ ଓଡ଼ିଶାର କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଆଦିବାସୀ ବହୁଳ ଜିଲ୍ଲା। ଜୟପୁର-ନବରଙ୍ଗପୁର ଏବଂ ଜୟପୁର-ମାଲକାନଗିରି ରେଳ ସଂଯୋଗ ପାଇଁ ୨୦୧୬ ମସିହାରେ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା। ଜୟପୁର-ନବରଙ୍ଗପୁର ରେଳପଥ ପାଇଁ ଜମି ଅଧିଗ୍ରହଣ ପାଇଁ ଯେତିକି ଅର୍ଥ ଖର୍ଚ୍ଚ ହେବ, ତାହାକୁ ରାଜ୍ୟ ସରକାର ବହନ କରିବେ ବୋଲି କୁହାଯାଇଥିଲା। ସେହିପରି ରେଳପଥ ନିର୍ମାଣ (କନଷ୍ଟ୍ରକସନ)ରେ ଯେତିକି ଅର୍ଥ ଖର୍ଚ୍ଚ ହେବ, ତାହାର ୫୦ ପ୍ରତିଶତ ଅର୍ଥ ରାଜ୍ୟ ସରକାର ବହନ କରିବେ। ସେହିପରି ଜୟପୁର-ମାଲକାନଗିରି ରେଳପଥ ନିର୍ମାଣ ପାଇଁ ମୋଟ ଖର୍ଚ୍ଚର ୨୫ ପ୍ରତିଶତ ବହନ କରିବାକୁ ରାଜ୍ୟ ସରକାର ଏମଓୟୁ ସ୍ୱାକ୍ଷରିତ କରିଥିଲେ। ୧୦ବର୍ଷ ବିତିଥିଲେ ବି ଏନେଇ କୌଣସି ଅଗ୍ରଗତି ହେଲା ନାହିଁ। ଜୟପୁରରୁ



ନବରଙ୍ଗପୁର ମାତ୍ର ୪୦ କିଲୋମିଟର ଦୂର ହୋଇଥିବା ବେଳେ ମାଲକାନଗିରି ୧୩୮-୧୪୦ କିମି ଦୂରତା ହେବ। ମାତ୍ର ୪୦ କିଲୋମିଟର ଦୂରତା ପାଇଁ ଏତେ ବର୍ଷ ଲାଗିବା ଗ୍ରହଣୀୟ ନୁହେଁ। ଡବଲ ଇଞ୍ଜିନ ସରକାର ଆସିଲେ ନବରଙ୍ଗପୁର ଜିଲ୍ଲାକୁ ରେଳ ସଂଯୋଗ ହେବ ବୋଲି ବିଜେପି ଦୃଢ଼ୋକ୍ତି ପ୍ରକାଶ କରିଥିଲା। ମାତ୍ର ଡବଲ ଇଞ୍ଜିନ ସରକାରକୁ ୨ ବର୍ଷ ପୂରିଲାଣି। ମାତ୍ର କଣ ପାଇଁ ଏହି ରେଳ ଲାଇନ ହୋଇପାରୁ ନାହିଁ ସେନେଇ କାହା ପାଖରେ ଉତ୍ତର ନାହିଁ ବୋଲି ସେ କହିଛନ୍ତି।

## ବିଜେପି ସରକାରଙ୍କ ଚାଷୀ ମାରଣ ନୀତି

# ଟୋକନ ପାଇଥିଲେ ଧାନ ଉଠୁନି; ଧାନ ଉଠିଲେ ଟଙ୍କା ମିଳୁନି






ଭବାନୀପାଟଣା,୩।୨(ସମିସ): ରାଜ୍ୟରେ ମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଦ୍ୱାରା ଚାଷୀ ତାସ୍ଛଲ୍ୟର ଶିକାର ହେବା ଘଟଣାକୁ ଚାଷୀ କେବେ ଭୁଲିବାର ନାହିଁ।ଡବଲ ଇଞ୍ଜିନ ସରକାରର ଚାଷୀ ମାରଣ ନୀତି ନିଶ୍ଚିତଭାବେ ମୋହନ ସରକାରଙ୍କୁ ମହଙ୍ଗା ପଡିବ। ହାଡ଼ ଭଙ୍ଗା ଶୀତରେ ମଣ୍ଡିରେ ଶୋଇଥିବା ଚାଷୀ ଯେଉଁ ଦୁଇ ଟୋପା ଲୁହ ଗଡାଇଛି ତାହା କେବେ ବି ବୃଥା ଯିବନି। ଚୋରି, ଡକାୟତି, ଅନ୍ୟାୟ, ଅତ୍ୟାଚାର, ଦୁଷ୍କର୍ମ,

### ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିଲେ ବିଜେଡି କର୍ମୀ

ନାରୀ ନିର୍ଯାତନା,ଠକେଇ, ଅସନ୍ତୋଷ ଅଶାନ୍ତି ଭିତରେ ରାଜ୍ୟବାସୀ ମାନସିକ ଅବସାଦରେ ଭାରାକ୍ରାନ୍ତ। ଚାଷୀ ତା'ର କଷ୍ଟ ଉପାର୍ଜିତ ଫସଲର ପ୍ରାପ୍ୟ ପାଉନି।ଟୋକନ ପାଇଥିଲେ ଧାନ ଉଠୁନି, ଧାନ ଉଠିଲେ ଟଙ୍କା ମିଳୁନି।ଧାନ ବିକ୍ରି କରିନପାରି ଚାଷୀ ଖଳାରେ କି ମଣ୍ଡିରେ କିନ୍ତୁ ନେତା ମନ୍ତ୍ରୀ ମହୋତ୍ସବ ଓ ସୁଭଦ୍ରା ମେଳାରେ ମଉଜ କରିବା ସବୁଠାରୁ ଦୁର୍ଭାଗ୍ୟଜନକ ବୋଲି ଚାଷୀ ଠାରୁ ଆରମ୍ଭ କରି ନେତା କାର୍ମୀ ଗର୍ଜିଛନ୍ତି। ରାଜ୍ୟରେ ଚାଷୀ ସମସ୍ୟା ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତି ପ୍ରସଙ୍ଗରେ ବିଜେଡି ରାଜ୍ୟବ୍ୟାପୀ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନେଇଛି। ମଙ୍ଗଳବାର କଳାହାଣ୍ଡି ଜିଲ୍ଲା ବିଜେଡି ସଭାପତି ତଥା ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି।ସଭାରେ ହଜାର ହଜାର ସଂଖ୍ୟାରେ ଚାଷୀ ଯୋଗଦେଇ ବିଜେପି ସରକାର ଉପରେ ବର୍ଷିଛନ୍ତି। ପ୍ରଥମେ ଚାଷୀଙ୍କୁ ସାର ମୁଠାଏ ଦେବା ପାଇଁ ସରକାର ହନ୍ତସନ୍ତ କଲେ। ଧାନ ଉତ୍ପାଦନ ପରେ ଧାନକିଣା ପ୍ରକ୍ରିୟା ଠିକ୍ ଭାବେ ହୋଇପାରୁ ନାହିଁ। କଳାହାଣ୍ଡି ଜିଲ୍ଲାର ଚାଷୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବେବି ହଜାର ହଜାର କୁଇଣ୍ଟାଲ ଧାନ ମଣ୍ଡିରେ ପଡ଼ିରହିଛି। ବିଜେପି ସରକାର କେବଳ ପ୍ରଚାର ସର୍ବସ୍ୱ ସରକାର। ଚାଷୀଙ୍କୁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଓ ପରେ ୬୯ ଟଙ୍କା ମିଶାଇ ଦେବାକୁ ଘୋଷଣା କରି ଏବେ ପଛଘୁଞ୍ଚା ଦେଉଛନ୍ତି ବୋଲି ବିଜେଡି ନେତାମାନେ କହିଛନ୍ତି। କଟ୍‌ନୀ ଛଟ୍‌ନୀରେ ଅତିଷ୍ଠ ହୋଇ ପଡ଼ିଥିବା ଜିଲ୍ଲାର ଚାଷୀଙ୍କ ଉପରେ ମିଲର୍ସ ଓ ପ୍ରଶାସନ ଦାଉ ସାଧୁଛନ୍ତି। ଶୀତ କାକରରେ ପଡି ଚାଷୀମାନେ ହୀନସ୍ତା ହେଉଥିବାବେଳେ ରାଜ୍ୟ ସରକାରଙ୍କ ମନ୍ତ୍ରୀମାନଙ୍କୁ ଫରକ ପଡୁନାହିଁ।କୋଟି କୋଟି ଟଙ୍କା ବ୍ୟୟରେ ହେଉଥିବା ମେଳା, ମହୋତ୍ସବରେ ନିମଗ୍ନ ରହୁଛନ୍ତି। ସେହିଭଳି ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ଆଦିବାସୀ ମୁଖ୍ୟମନ୍ତ୍ରୀ ଦମ ଅଛିତ ଆଦିବାସୀ,ଚାଷୀଙ୍କ ମୌଳିକ ସମସ୍ୟାକୁ ସାମ୍ନା କରି ସମାଧାନ କର ବୋଲି ବହୁ ଆଦିବାସୀ ସମ୍ପ୍ରଦାୟର ଚାଷୀ ବିଷୋଦଗାର କରିଥିଲେ। ଏହି ସରକାର କେବଳ କଥାରେ ଲୋକଙ୍କ ସରକାର।"ନୋ ପରଫର୍ମିଙ୍ଗ, ନୋ ସିରିୟସ, ନଟ ପ୍ରୋ ପିପୁ୍ୟଲ'।ରାଜ୍ୟର ଚାଷୀ, ମହିଳା, ସାଧାରଣ ଲୋକଙ୍କ ହକ ଓ ଅଧିକାର ପାଇଁ ବିଜୁ ଜନତା ଦଳ ସବୁବେଳେ ରହିଥିଲା ଆଗକୁ ବି ରହିବ ବୋଲି ଜିଲ୍ଲା ସଭାପତି ପ୍ରଦୀପ କୁମାର ଦିଶାରୀ କହିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ବିଜେଡିର ବହୁ ନେତୃବୃନ୍ଦ ସାମିଲ ହୋଇ ରାଜ୍ୟ ସରକାରଙ୍କ ବିରୋଧରେ ବିଷୋଦଗାର କରିଥିଲେ।ସେହିପରିଅପରାହ୍ନରେବିଜେଡି ନେତାଓକର୍ମୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବାକୁ ଯାଇଥିବାବେଳେ ସେମାନଙ୍କୁ ପୁଲିସ ଅଟକାଇଥିଲା। ସେହିପରି ଜିଲ୍ଲାପାଳ ଆସିବାରେ ବିଳମ୍ବ କରିବା ସହିତ ତାଙ୍କ ପ୍ରତିନିଧି ଭାବେ ଭବାନୀପାଟଣା ଉପଜିଲ୍ଲାପାଳଙ୍କୁ ଆଲୋଚନା ପାଇଁ ପଠାଇଥିଲେ। କିନ୍ତୁ ଜିଲ୍ଲାପାଳ ନିଜେ ଆସି ଦାବିପତ୍ର ଗ୍ରହଣ କରିବାକୁ ଜିଦ ଧରି ଅଡ଼ି ବସିଥିଲେ ବିଜେଡି ନେତୃବୃନ୍ଦ। ତେବେ ଦୀର୍ଘ ସମୟ ଧରି ଜିଲ୍ଲାପାଳ ନଆସିବାରୁ ଶତାଧିକ ବିଜେଡି ନେତା ଓ କର୍ମୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିଥିଲେ। ନାରାବାଜି କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ସଚିନ ପାୱାର ପ୍ରକାଶଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ବିଜେଡି ଜିଲ୍ଲା ସଭାପତି ତଥା ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିକ୍ଷୋଭ ଓ ପ୍ରତିବାଦ ସଭାରେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ନର୍ଲା ବିଧାୟିକା ମନୋରମା ମହାନ୍ତି, ପୂର୍ବତନ ବିଧାୟକ ପୁଷ୍ପେନ୍ଦ୍ର ସିଂହଦେଓ, ଗୋବର୍ଦ୍ଧନ ଦାଶ, ମହୋଷଧି ବାଗ, ପୂର୍ବତନ ସଦର ବିଧାୟକ ଦୁଷ୍ମନ୍ତ ନାଏକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସୁଧୀରା ମେହେର, ସମବାୟ ବ୍ୟାଙ୍କ ସଭାପତି ଗିରୀଶ ଚନ୍ଦ୍ର ବେହେରା, ବିଜେଡି ବରିଷ୍ଠ ନେତା ପ୍ରଦୀପ ମୁଣ୍ଡ, ଧର୍ମେନ୍ଦ୍ର ନାଏକ, ଜିତେନ୍ଦ୍ର ମହାନ୍ତି, ଟିକେଲାଲ ସାହୁ, ଥବିର ସାହୁ, ନଗରପାଳ ବିଷ୍ଣୁ ପ୍ରଧାନ, ମହିଳା ସଭାନେତ୍ରୀ ଲଳିତା ନାଏକ, କଲ୍ୟାଣୀ ନାୟକ, ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ଯୁବ ରାଜ୍ୟ ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, ରାଜ୍ୟ ଯୁବ ଉପସଭାପତି ମନିନ୍ଦ୍ର ମହାନ୍ତି, ବରିଷ୍ଠ ବିଜେଡି ନେତା ଦୁର୍ଗାପ୍ରସାଦ ମହାନ୍ତି, ଛାତ୍ର ବିଜେଡି ସଭାପତି ଅଜିତ କୁମାର ସାହୁ, ମାଣିକ୍ୟ ନାଏକ, ଜଜାତି ମହାନ୍ତି, ମହିଳା ନେତ୍ରୀ ସବିତା ପ୍ରଧାନ, ସୁନନ୍ଦା ସାହୁ, ପୂର୍ବତନ ନଗରପାଳ ସଂଯୁକ୍ତା ବେହେରା ସମସ୍ତ ବ୍ଲକ୍ ସଭାପତି ଓ କାଉନସିଲର ବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ର ନେତା ଅବିନାଶ ଠାକୁର ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଦଳର ବରିଷ୍ଠ ନେତା ଭବାନୀଶଙ୍କର ମିଶ୍ର ସଭା ପରିଚାଳନା କରିଥିଲେ।

## ଆଦର୍ଶ ଅଙ୍ଗନବାଡ଼ି କେନ୍ଦ୍ର ଉଦ୍‌ଘାଟିତ

ଧର୍ମଗଡ଼,୩।୨(ସମିସ): ଧର୍ମଗଡ଼ ବ୍ଲକ୍ ବଡ଼ଘୁମେର ପଞ୍ଚାୟତ ଖୁଟୁଲୁଗୁଡା ଠାରେ ସ୍ଥାନୀୟ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀଙ୍କ ଦ୍ୱାରା ଆଦର୍ଶ ଅଙ୍ଗନବାଡି କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ସିଡିପିଓ ଧରିତ୍ରୀ ପାଣିଗ୍ରାହୀ,ବିଡିଓ ସଦାଶିବ ନାୟକ, ବିଭାଗୀୟ ଯନ୍ତ୍ରୀ, ବରିଷ୍ଠ ସାମ୍ବାଦିକ ଇଙ୍ଗିତ କୁମାର ପଣ୍ଡା, ସରପଞ୍ଚ ଜନ୍ମେଜୟ ଗୋପାଳ ସମିତି ସଭ୍ୟ କୌଶଲ୍ୟା ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ। ଅଙ୍ଗନବାଡି କେନ୍ଦ୍ର ହେଉଛି ଶିଶୁମାନଙ୍କର ଭବିଷ୍ୟତ ଗଢ଼ିବାର ପ୍ରଥମ ସିଢ଼ି ଏଠାରେ ଶିଶୁମାନେ ପୋଷଣ, ଶିକ୍ଷା, ସଂସ୍କାର ଓ ସୁରକ୍ଷା ପାଇଥାନ୍ତି। ମାଆ ଓ ଗର୍ଭବତୀ ମହିଳାମାନଙ୍କ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସହାୟତା କେନ୍ଦ୍ର।ଆଜି ଅଙ୍ଗନବାଡି କେନ୍ଦ୍ର ଅନୁଷ୍ଠାନିକ ଭାବରେ ଲୋକାର୍ପଣ ହୋଇଯାଇଛି। ଆଗାମି ଦିନରେ ଏହି ଅଙ୍ଗନବାଡି କେନ୍ଦ୍ରକୁ ସୁଚାଳିତ କରିବା, ଶିଶୁମାନଙ୍କ ଭବିଷ୍ୟତ ଉଜ୍ୱଳ କାର୍ଯ୍ୟକ୍ରମ ରେ ମିଶନ ଶକ୍ତିର ମହିଳାଙ୍କ ସମେତ ଗ୍ରାମର ସହଦେବ ଗୋପାଳ, ହୃଦାନନ୍ଦ ଗୋପାଳ, ତୁଳସିରାମ ଗୋପାଳ, ଗିରିଧାରୀ ଦୀପ, ସରୋଜ ଗୋପାଳ, ଗୋଲେଖ ଗୋପାଳ, ନକୁଳ ନାଏକ, ଗଙ୍ଗାରାମ ଗୋପାଳ, ଗଗନେଶ୍ୱର ସୁନାନୀ, ଉମାକାନ୍ତ ସାହୁ, ତିରିତ ଲାଲ ଗୋପାଳ, ବରୁଣ ଗୋପାଳ ପ୍ରମୁଖ ଉପସ୍ଥିତ ଥିଲେ। ସୁଧୀର ରଞ୍ଜନ ଗୋପାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ମହାଲିଙ୍ଗ ପିଏମ୍‌ଶ୍ରୀ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଗୋଲାମୁଣ୍ଡା,୩।୨(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ମହାଲିଙ୍ଗ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ମୁଖ୍ୟଅତିଥି ଭାବରେ ଗୋଲାମୁଣ୍ଡା ବ୍ଲକ୍‌ଗୋଷ୍ଠି ଶିକ୍ଷା ଅଧିକାରୀ ରାଜେଶ ନାଏକ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅରବିନ୍ଦ ସିଂ ଓଡିଶା ଗ୍ରାମୀଣ ବ୍ୟାଙ୍କ ଶାଖା ପରିଚାଳକ ମହାଲିଙ୍ଗ, ବରିଷ୍ଠ ଅତିଥି ଭାବରେ ସାରଙ୍ଗ ସାହୁ,ଭୀଷ୍ମ ସାହୁ ସିଆରସିସି, ସାମ୍ମାନିତ ଅତିଥି ଭାବରେ ମହାଲିଙ୍ଗ ସରପଞ୍ଚ ଶ୍ରୀମତୀ ଗୌରୀ ଚନ୍ଦନ, କିରଣ ସିଂ ମହାଲିଙ୍ଗ ପଞ୍ଚାୟତ ସମିତି ସଭ୍ୟ, ବିଦ୍ୟାଳୟ ସଭାପତି ଶଶୀ କପୁର ସେନାପତି ଯୋଗ ଦେଇଥିଲେ। ମହାଲିଙ୍ଗ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଛାତ୍ରଛାତ୍ରୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବିଭିନ୍ନ ପ୍ରକାରର ଖେଳରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।ଟଙ୍କଧର ସୁନାନୀ ମଞ୍ଚ ପରିଚାଳନା କରିଥିଲେ।

### ● ରେଡ୍‌କ୍ରସ ବଧିର ବିଦ୍ୟାଳୟ ଛାତ୍ରୀଙ୍କୁ ନିର୍ଯାତନା ମାମଲା

## ଜିଲ୍ଲାପାଳଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ

ଭବାନୀପାଟଣା,୩।୨(ସମିସ): ସ୍ଥାନୀୟ ରେଡ୍‌କ୍ରସ ଦୃଷ୍ଟିହୀନ ବିଦ୍ୟାଳୟ ସମ୍ପର୍କିତ ଭାଇରାଲ ଭିଡିଓ ଓ ଫୋଟୋର ତଦନ୍ତ କରିବାକୁ ଏକ ୭ ଜଣିଆ ଜିଲ୍ଲାସ୍ତରୀୟ ତଦନ୍ତ କମିଟି ଅତିରିକ୍ତ ଜିଲ୍ଲାପାଳଙ୍କ ଅଧକ୍ଷତାରେ ବିଦ୍ୟାଳୟରେ ତଦନ୍ତ କରାଯାଇଥିଲା।ତଦନ୍ତ କରିବାକୁ ଯାଇ ସମ୍ପୃକ୍ତ ୱାଡେନକୁ ଡାକି ତଦନ୍ତ କମିଟି ଘଟଣାର ସତ୍ୟାସତ୍ୟ ବିଷୟରେ ପଚାରିଥିଲେ। ଅପରପକ୍ଷରେ ପ୍ରକୃତ ସତ୍ୟ ଜାଣିବା ପାଇଁ ପରିଦର୍ଶନ କମିଟିର ମହିଳା ସଦସ୍ୟାଙ୍କର ୩ ଜଣିଆ ଦଳ ଛାତ୍ରୀ ନିବାସକୁ ଯାଇ ଉକ୍ତ ଦୃଷ୍ଟିହୀନ ଛାତ୍ରୀଙ୍କୁ ସେହି ଭିଡିଓର ଘଟଣା ବିଷୟରେ ପଚାରିଥିଲେ। ଉକ୍ତ ଛାତ୍ରୀ ହଷ୍ଟେଲର ୱାଡେନ ତାକୁ କୌଣସି ପ୍ରକାର ଦୁର୍ବ୍ୟବହାର କିମ୍ବା ଅସଦାଚରଣ କରିନାହାନ୍ତି ବୋଲି କହିଥିଲେ।ତଦନ୍ତ କମିଟିର ମହିଳା ସଦସ୍ୟାମାନେ ହଷ୍ଟେଲର ଅନ୍ୟ ଅନ୍ତେବାସୀ ଛାତ୍ରୀଙ୍କୁ ମଧ୍ୟ ପଚାରି ବୁଝିଥିଲେ। କୌଣସି ଛାତ୍ରୀ ସମ୍ପୃକ୍ତ ୱାଡେନ ବିରୁଦ୍ଧରେ କୌଣସି ପ୍ରକାର ଆପତ୍ତି ଜନକ ବ୍ୟବହାର କେବେ ପାଇନାହୁଁ ବୋଲି ପ୍ରକାଶ କରିଥିଲେ। ହଷ୍ଟେଲର ୱାଡେନ ସନ୍ଧ୍ୟାଦର୍ଶନ ମହାପାତ୍ର ଓ ଦୃଷ୍ଟିହୀନ ଛାତ୍ରୀଙ୍କର ବୟାନକୁ ଆଧାରକରି ତଦନ୍ତ କମିଟି ଉକ୍ତ ଭିଡିଓରେ ୱାଡେନ ସେହି ଦୃଷ୍ଟିହୀନ ଛାତ୍ରୀଙ୍କୁ କୌଣସି ଦୁର୍ବ୍ୟବହାର କିମ୍ବା ଅସଦାଚରଣ ପ୍ରଦର୍ଶନ କରିନାହାନ୍ତି ତଦନ୍ତ କମିଟି ଅନୁଭବ କରିଛନ୍ତି। ଏହା ସମ୍ପୂର୍ଣ୍ଣ ଭିତ୍ତିହୀନ ଓ କପୋଳକଳ୍ପିତ। ହଷ୍ଟେଲ ପରିସରରେ କିଛି ଛାତ୍ରଛାତ୍ରୀ ସ୍ମାର୍ଟ ଫୋନ ବ୍ୟବହାର କରିଥିବା ଯୋଗୁଁ ଏପରି ବିଶୃଙ୍ଖଳା ସୃଷ୍ଟି ହୋଇଛି। ଏଥିପାଇଁ ସମ୍ପୃକ୍ତ ରେଡ କ୍ରସ ବଧୀର ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଅଛି। ପ୍ରତିରୋଧକ ବ୍ୟବସ୍ଥା ସ୍ୱରୂପ ପ୍ରଶାସନ ଦ୍ୱାରା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଅଛି। ତଦନ୍ତ କମିଟି ଦ୍ୱାରା ଅବଗତ ହେବ। ପରେ ଏକ ପରିଦର୍ଶନ କମିଟି ଗଠନ କରି ଉଭୟ ବିଦ୍ୟାଳୟ ଓ ହଷ୍ଟେଲ ର ନିୟମିତ ତଦାରଖ କରିବା ସହିତ ରିପୋର୍ଟ ଦାଖଲ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ମସ୍କାପଦର ମା' ଛାଞ୍ଜେଣ ରୂପେନ୍‌ଙ୍କ ଝାମୁଯାତ୍ରା

ଲାଞ୍ଜିଗଡ଼,୩।୨(ସମିସ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ଛତ୍ରପୁର ପଞ୍ଚାୟତ ମସ୍କାପଦରଠାରେ ଗ୍ରାମ ଅଧିଷ୍ଠାତ୍ରୀ ଦେବୀ ମା' ଛାଞ୍ଜେଣ ରୂପେନଙ୍କ ଝାମୁଯାତ୍ରା ସମ୍ପନ୍ନ ହୋଇଯାଇଛି। ପରମ୍ପରା ଅନୁଯାୟୀ, ପୂଜକମାନେ ମାଘ ମାସ ସପ୍ତମୀ ଦିନ ୭ଟି ନୂଆ ଚାଙ୍ଗୁଡ଼ିରେ ନଦୀରୁ ବାଲି ଆଣି ବିଭିନ୍ନ ପ୍ରକାର ଶସ୍ୟ ଧାନ, ମକା, ବିରି, କୋଲତ ଇତ୍ୟାଦି ବିହନ ପକାଇଥିଲେ। ଝାମେରା କଣ୍ଟାରେ ଦୋଳି ତିଆରି କରିଥିଲେ। ଗଜା ହୋଇଥିବା ବିହନ ଓ କଣ୍ଟାଦୋଳିକୁ ନବମୀ ପର୍ଯ୍ୟନ୍ତ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଦିନ ମା' ଛାଞ୍ଜେନ ରୂପେଣ କଞ୍ଚା ମାଠିଆରେ ବସି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଫାଲଗୁନ ମାସ କୃଷ୍ଣପକ୍ଷ ପ୍ରତିପଦା ଗୁରୁବାର ଦିନ ମାଆଙ୍କ ଝାମୁଯାତ୍ରା ସପନ୍ନ ହୋଇଥିଲା। ସେହିଦିନ ଗ୍ରାମର ଜଣେ ବ୍ୟକ୍ତିଙ୍କ ଦେହରେ ଦେବୀଙ୍କ ଆବିର୍ଭାବ ହୋଇଥିଲେ। ଏହାପରେ ଦେବୀଙ୍କ କାଳିଶି ମୁଖ୍ୟ ପୀଠସ୍ଥଳୀ ଛାଞ୍ଜେଣ ରୂପେନ୍ ପାହାଡ଼କୁ ଯିବା ସହ ସେଠାରୁ ଶୋଭାଯାତ୍ରାରେ ଗ୍ରାମରେ ଥିବା ବାଲି ଘରକୁ ଫେରିଥିଲେ। ପ୍ରଥମେ ଗାଁର ଗୌନ୍ତିଆ ମାଲି ମାଝୀ ଘରକୁ ଯାଇ ପାଦ ପୂଜା ପରେ ସେଠାରୁ ଝାମୁଯାତ୍ରା ପଡିଆକୁ ଫେରିଥିଲେ। ଫେରିବା ପରେ କଣ୍ଟା ଦୋଳିରେ ବସି ଭକ୍ତମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହାପରେ ନିଆଁରେ ଦେବୀଙ୍କ କାଳିଶି ଚାଲିବା ସହ ଶକ୍ତିର ପରିଚୟ ଦେଇଥିଲେ। ଏଥିରେ ଛାଞ୍ଜେଣ ରୂପେନ୍‌ଙ୍କ ମୁଖ୍ୟ ପୂଜକ ଖୁଞ୍ଚା ଲୋହରା, ସୁଶାନ୍ତ ଲୋହରା ଓ ବାହୁକ ହରିଶଙ୍କର ପ୍ରଧାନୀ ସମେତ ମସ୍କା ପଦର ଛାଞ୍ଜେନ ରୂପେନ୍ ଯୁବକ ସଂଘ ସଭାପତି ଧାନ ମାଝୀ, ଉପ ସଭାପତି ଶୁଶାନ୍ତ ନାଏକ, ସମ୍ପାଦକ ରାଜେନ୍ଦ୍ର ନାଏକ, ସହ ସମ୍ପାଦକ ଜଗନ୍ନାଥ ପ୍ରଧାନୀ, ପୂଜା କମିଟି ସଭାପତି ନବୀନ ମାଝୀ, ସତ୍ୟନାରାୟଣ ନାଏକ, ଭୈରବ ବହିଦାର, ସୁନାଧର ବାଗ, ଗୌରାଙ୍ଗ ମାଝୀ, ଶରତ ନାଏକ, ଅଜିତ ହରିଜନ, ରାଜାଣା ମାଝୀ, ପରୀକ୍ଷିତ ମାଝୀ, ପର୍ଶୁ ହରିଜନ ମସ୍କାପଦର ଯୁବକ ସଂଘ ସଦସ୍ୟ ସମେତ ଗ୍ରାମବାସୀ ଦାୟିତ୍ୱ ତୁଲାଇ ଥିଲେ। ଏହି ଅବସରରେ କଳାହାଣ୍ଡି ଜିଲ୍ଲା ତଥା ସୀମାନ୍ତ ରାୟଗଡା ଜିଲ୍ଲା, କନ୍ଧମାଳ, ବଲାଙ୍ଗୀର, ନୂଆପଡା ଓ ନବରଙ୍ଗପୁର ଜିଲ୍ଲାର ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା।

## ବୋର୍ଡ ପରୀକ୍ଷାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ପାଠଶାଳା

କୋମନା,୩।୨(ସମିସ): ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଚଳିତ ବର୍ଷ ବୋର୍ଡ ପରୀକ୍ଷା ଦେବାକୁ ଥିବା ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଶିକ୍ଷା ଶିବିର ବା ପାଠଶାଳା ଅନୁଷ୍ଠିତ ହୋଇଯାଇଛି। ବିଗତ ବର୍ଷଗୁଡ଼ିକରେ ବୋର୍ଡ ପରୀକ୍ଷାରେ ଏ-୧ ଏବଂ ଏ-୨ ଗ୍ରେଡ୍‌ରେ କମ୍ ସଂଖ୍ୟକ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହେଉଥିବା ଦୃଷ୍ଟିରେ ରଖି, ଚଳିତ ୨୦୨୬ ବର୍ଷ ପାଇଁ ବ୍ଲକ୍ ଶିକ୍ଷା ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି।ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଶିକ୍ଷାଧିକାରୀ ଓ କୋମନା ବ୍ଲକ୍ ଶିକ୍ଷା ଅଧିକାରୀ ଅନୀତା ପଣ୍ଡାଙ୍କ ତତ୍ତ୍ୱାବଧାନରେ ଚଳିତ ମାସ ୨ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ମାର୍ଗଦର୍ଶନ ଶିବିର ଚାଲୁ ରହିଛି।ଶିବିରରେ ଗଣିତ, ବିଜ୍ଞାନ, ଇଂରାଜୀ, ସାହିତ୍ୟ ଏବଂ ସାମାଜିକ ବିଜ୍ଞାନ ଭଳି ଜଟିଳ ବିଷୟଗୁଡ଼ିକ ଉପରେ ଶିକ୍ଷାଦାନ କରାଯାଉଛି। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଅଭିଜ୍ଞ ବିଷୟ ଭିତ୍ତିକ ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କୁ ସହଜ ପ୍ରଣାଳୀରେ ଶିକ୍ଷା ପ୍ରଦାନ କରୁଛନ୍ତି।କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ବ୍ଲକ୍ ଶିକ୍ଷାଧିକାରୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।କାର୍ଯ୍ୟକ୍ରମକୁ ଏବିଓ ରାଧାକାନ୍ତ ତାଣ୍ଡି ଓ ବଳମତ ମାଝୀ, ସୁଧାକର ପତି, କଳ୍ପତରୁ ମାଝୀ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ମହାଉତି ପ୍ରମୁଖ ପରିଚାଳନା କରୁଛନ୍ତି।

### ● ବ୍ଲାକସ୍ପଟ୍ ପାଲଟିଛି ଏନ୍‌ଏଚ-୨୬

## ଟ୍ରକ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ

କେସିଙ୍ଗା,୩/୨(ସମିସ) ଦୁର୍ଘଟଣାର ବ୍ଲାକସ୍ପଟ ପାଲଟିଛି ଏନ୍‌ଏଚ୨୬ ପ୍ରତିଦିନ ଦୁର୍ଘଟଣାଘଟି ଯାଉଛି ଅନେକ ମୂଲ୍ୟବାନ ଜୀବନ।ଦୁର୍ଘଟଣା ଘଟୁଛି ଲୋକେ ମରୁଛନ୍ତି ପ୍ରଶାସନ ଓ ଗାଡ଼ି ଦୁର୍ଘଟଣା ଘଟାଇଥିବା ମାଲିକ କିଛି ଅନୁକମ୍ପା ରାଶି ପ୍ରଦାନ କରି ସବୁ ଶେଷ ହୋଇଯାଉଛି। ସୋମବାର ଦିନ ସ୍ଥାନୀୟ ରିଲାଏନ୍ସ ପେଟ୍ରୋଲ ପମ୍ପ ନିକଟରେ ପିକଅପ୍ ଗାଡ଼ି ଜଣେ ଯୁବକକୁ ପିଟି ଦେବାରୁ ଯୁବକର ଘଟଣାସ୍ଥଳରେ ମୃତ୍ୟୁଘଟିଥିଲା ପୁଣି ୨୪ ଘଣ୍ଟା ନ ପୁରୁଣୁ ମଙ୍ଗଳବାର ଦିନ ପ୍ରାୟ ୩ ଘଣ୍ଟା ସମୟରେ କେସିଙ୍ଗା ବ୍ଲକ୍ ବୋରିଆ ଗ୍ରାମ ଏନ୍‌ଏଚ-୨୬ ଉପରେ କେଗାଁ ଥାନା ଚିକିଲିଲୁହା ମାଟିଆ ଗ୍ରାମର ପୁଷ୍ପା ବାଗ (୪୭)ଙ୍କୁ ଟ୍ରକ୍ ପିଟି ଦେଇଥିବାରୁ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ପରିବାରର ଲୋକଙ୍କ କହିବା ଅନୁସାରେ ପୁଷ୍ପା କୌଣସି କାମରେ ସ୍ଥାନୀୟ ତହସିଲ ଅଫିସକୁ ଆସି କାମ ସାରି ସ୍କୁଟି ଯୋଗେ ଫେରିଲା ବେଳେ ଦୁର୍ଘଟଣା ଘଟିଛି।ଶୁଣିବାକୁ ମିଳୁଛି ସ୍କୁଟିରେ କୁଆଡେ ତିନି ଜଣ ବସିଥିଲେ ଆଉ ଜଣଙ୍କର ହାତ ଭାଙ୍ଗିବା ସହିତ ଆହତ ହୋଇଥିବା ଜଣାପଡିଛି। ପରିବାର ଲୋକ ଘଟଣା ସ୍ଥଳରେ ପହଞ୍ଚି ରାସ୍ତାରେ ନିଆଁ ଜାଳି ରାସ୍ତା ରୋକ କରିଥିଲେ। ଘଟଣାସ୍ଥଳରେ ସ୍ଥାନୀୟ ତହସିଲଦାର ଓ ପୁଲିସର ଉଚ୍ଚ ପଦସ୍ଥ ଅଧିକାରୀ ପରିବାର ବର୍ଗଙ୍କୁ ବୁଝା ଶୁଝା କରୁଥିବା ଦେଖା ଯାଇଥିଲା।ପରେ ଦୀର୍ଘ ୫ ଘଣ୍ଟା ପରେ ଟ୍ରକ୍ ମାଲିକ ପ୍ରଶାସନ ଓ ମୃତକଙ୍କ ପରିବାର ମଧ୍ୟରେ ଆଲୋଚନା ପରେ ସନ୍ଧ୍ୟା ପ୍ରାୟ ୭ ଘଣ୍ଟା ସମୟରେ ରାସ୍ତା ରୋକ ପ୍ରତ୍ୟାହୃତ ହୋଇଥିଲା।



## ଟେମରା ପାତ୍ର ଓ ମାଝୀ ପରିବାରର ପାଟଯାତ୍ରା

### ● ଭାଇ ଭାଇର ସମ୍ପର୍କ ଯୁଗେ ଯୁଗେ ରହିଥାଉ

କୋକସରା,୩।୨(ସମିସ): ଦିର୍ଘ ୩୩ ବର୍ଷ ପରେ କୋକସରା ବ୍ଲକ୍ ଟେମରା ଗ୍ରାମର ପାତ୍ର ଓ ମାଝୀ ପରିବାରର ପାଟଯାତ୍ରା ଅନୁଷ୍ଠିତ ହୋଇଛି। ଗତ ୩ଦିନ ଧରି ଟେମରା ହଂସପଡାରେ ପାଟଯାତ୍ର ଚାଲିଥିବା ବେଳେ ବୁଧବାର ଉଦ୍‌ଯାପିତ ହେବ। ସୋମବାର ଦେବୀଙ୍କୁ ଆମନ୍ତ୍ରଣ, ଅଧିବାସ ପୂଜା, ପାଟଖଣ୍ଡାର ଛତର ଉତ୍ସବ ଓ ପିଠକୁ ଆଗମନ ହୋଇଥିବା ବେଳେ ମଙ୍ଗଳବାର କୂଳ ଦେବାଦେବୀଙ୍କ ପୂଜାର୍ଚ୍ଚନା, ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପାଟଯାତ୍ରା ଦିର୍ଘ ୩୩ ବର୍ଷ ପରେ ହୋଇଥିବା ବେଳେ ପାତ୍ର ଓ ମାଝୀ ପରିବାରର ୪୩୨ ପରିବାର ସହିତ ବିଭିନ୍ନ ସ୍ଥାନରେ ଥିବା ବନ୍ଧୁ ବାନ୍ଧବ ସାମିଲ ହୋଇଥିଲେ। ପାଟଯାତ୍ରାର ମୁଖ୍ୟ ଦେବତା ଭୈରବ ଦେବ, ଦେବୀ ମାଳଛମା, ବସ୍ତରେନ ଓ ବୁଢ଼ାରଜା ଦେବଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ମୁଖ୍ୟ ପୂଜକ ଚିତ୍ରସେନ ମାଝୀ, ଲମ୍ବୋଧର, ସୁଦାମ ମାଝୀ, ସିରା ସୁରେଶ ମାଝୀ ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଦ୍ୱିତୀୟ ଦିବସରେ କମିଟିର ସଭାପତି ସୁଧୀର କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବନ୍ଧୁ ମିଳନ ସଭା କାର୍ଯ୍ୟରେ



ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ମହାରାଜ ଅନନ୍ତ ପ୍ରତାପ ଦେଓ, ମହାରାଣୀ ରୀତୁଜା କୁମାରୀ ଦେବୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ପାଟ୍ଟଯୋଷୀ, କୈଳାସ ମାଝି, ନୀଳକଣ୍ଠ ମାଝି, ପଦ୍ମଲୋଚନ ଦଳପତି, ଘନଶ୍ୟାମ ନାଏକ, କ୍ଷୀରୋଦ ପୂଝାରୀ, ନବରଙ୍ଗପୁର ଜିଲ୍ଲା ଭତରା ସମାଜ ସଭାପତି ଜଗନାଥ ମାଝି, ଅଶୋକ ଦାଶ, ଟିକେ ଚନ୍ଦ୍ର ମାଝି, ଶଶି ମାଝୀ, ଧର୍ମବ୍ରତ ପଣ୍ଡା, ବସନ୍ତ ନାଗ, ଭୁବନେଶ୍ୱର ଦିଶାରୀ ପ୍ରମୁଖ ଯୋଗ ଦେଇଥିଲେ।ଏହି ଯାତ୍ରା ମଧ୍ୟରେ ଛାଇ ପରି ଭାଇ ଭାଇର ସମ୍ପର୍କ ଯୁଗେ ଯୁଗେ ରହିଥାଉ ବୋଲି ମତବ୍ୟକ୍ତ କରିଥିଲେ।କଳାହାଣ୍ଡି ମହାରାଜ ଅନନ୍ତ ପ୍ରତାପ ଦେଓଙ୍କ ସହିତ ଆଖ ପାଖର ଗୌନ୍ତିଆମାନେ ପରିଚିତ ହୋଇଥିଲେ। କାର୍ଯ୍ୟକ୍ରମକୁ ତୋଫାନ ମାଝୀ ସମ୍ପାଦନ କରିଥିବା ବେଳେ ମଧୁବନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପାଟଯାତ୍ରା କମିଟି ସମ୍ପାଦକ ଲୋକନାଥ ପାତ୍ର, ସରପଞ୍ଚ କ୍ଷିତୀରାମ ପାତ୍ର, ଭଦ୍ରେଶ୍ୱର ପାତ୍ର, କମିଟି ସଦସ୍ୟ ଦୁଷ୍ମନ୍ତ କୁମାର ପାତ୍ର, କୁମୁଦ ଚନ୍ଦ୍ର ପାତ୍ର, ସୁବାସ ଚନ୍ଦ୍ର ପାତ୍ର, ଜୟପ୍ରକଶ ପାତ୍ର, ସୁଦାମ ମାଝୀ, ଚିତ୍ରସେନ ମାଝୀ, ନୀଳକଣ୍ଠ ପାତ୍ର, ହୀରାଧର ପାତ୍ର ସମେତ ସମସ୍ତ ପାତ୍ର ଓ ମାଝୀ ପରିବାରର ସଦସ୍ୟ ସଦସ୍ୟା ଏବଂ ବନ୍ଧୁ ବାନ୍ଧବ ସହଯୋଗ କରିଥିଲେ।

## କୋଟେନଚୁଆଁରେ ପ୍ରବାସୀ ଶ୍ରମିକ ସଚେତନତା ସଭା



ନୁଆପଡ଼ା,୩।୨(ସମିସ): ନୂଆପଡ଼ା ଜିଲ୍ଲା ସଦର ବ୍ଲକ୍ କୋଟେନଚୁଆଁ ପଞ୍ଚାୟତର ସାପ୍ତାହିକ ବଜାର ପଡ଼ିଆରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ପ୍ରବାସୀ ଶ୍ରମିକ ନିରାକରଣ ପାଇଁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବନ ଖଣ୍ଡ ଅଧିକାରୀ ଖଡିଆଳ ଅଜିଜ ଖାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମି ସୋରେନ, ସିଡିଏମଓ ଡା.ଧନେଶ୍ୱର ସେଠୀ, ବିଡ଼ିଓ ରୋହିତ ଭୋଇ, ନୂଆପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲ୍ଲା ପରିଷଦ ସଭ୍ୟା ଉମା ଠାକୁର, ସମାଜସେବୀ ହୋମ ସିଂ ମାଝୀ ମାଝୀ, ସ୍ଥାନୀୟ ସରପଞ୍ଚ ବାସନ୍ତୀ ମାଝୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସମସ୍ତ ଅତିଥି, ଅଧିକାରୀ ତଥା ଜନସାଧାରଣଙ୍କୁ ସ୍ୱାଗତ କରି ସଭା ପରିଚାଳନା କରିଥିଲେ। ସଭାରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗଦେଇ ଶ୍ରମିକ, କୃଷକ, ମହିଳା ତଥା ଜନସାଧାରଣଙ୍କ ପାଇଁ ଥିବା ବିଭିନ୍ନ ବିଭାଗୀୟ ଲୋକାଭିମୁଖୀ ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ। ସମସ୍ତେ ମିଶି ନୂଆପଡ଼ାକୁ ପ୍ରବାସୀ ଶ୍ରମିକ ଏବଂ ପ୍ଲାଷ୍ଟିକ ମୁକ୍ତ ଜିଲ୍ଲାରେ ପରିଣତ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। କ୍ଷ ବନଖଣ୍ଡ ଅଧିକାରୀ ଅଜିଜ ଖାନ ଜଙ୍ଗଲ ନିଆଁର ଭୟାବହତା ଓ ବାୟୁ ପ୍ରଦୂଷଣ ଭଳି ପରିବେଶ ଉପରେ ବିଭିନ୍ନ କୁପ୍ରଭାବ ଉପରେ ଆଲୋକପାତ କରି ଲୋକଙ୍କୁ ସଚେତନ ହେବା ପାଇଁ ଆହ୍ୱାନ ଦେଇଥିଲେ।ପ୍ରଥମେ ସମାରୋହରେ ଝିଅ ପାଇଁ ଗଛଟିଏ ଏବଂ ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ନବ ଜାତକ ଶିଶୁ କନ୍ୟା ଦୀକ୍ଷା ମାଝୀ ଓ ତ୍ରିଶା ମାଝୀଙ୍କୁ କୋଳରେ ଧରି ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶିଶୁର ପିତାମାତାଙ୍କୁ ଉପହାର ସହିତ ନୂତନ ବୃକ୍ଷ ଚାରା ପ୍ରଦାନ କରିଥିଲେ। ସେହିପରି, ଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପାରମ୍ପାରିକ ନୃତ୍ୟ ପରିବେଷଣ କରାଯାଇଥିଲା। ଶିବିରରେ ୫ ଜଣ ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଲଖନ୍ ପାଣ୍ଡେଙ୍କୁ ୩ ଲକ୍ଷ ଟଙ୍କା ମୃତ୍ୟୁକାଳୀନ ସହାୟତା ପ୍ରଦାନ କରାଯାଇଥିଲା। ସେହିପରି ୮ ଟି ଶ୍ରମିକ ପରିବାରକୁ ୫୦ ହଜାର ଟଙ୍କା ଲେଖାଏଁ ବିବାହ ସହାୟତା, ଗୋଟିଏ ପରିବାରକୁ ୭ ହଜାର ଟଙ୍କା ଶିକ୍ଷା ସହାୟତା ଓ ୨ ଜଣଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ମାତୃତ୍ୱ ସହାୟତା ପ୍ରଦାନ କରାଯାଇଥିଲା। ଶେଷରେ ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଅତିଥିମାନେ ପକ୍ଷୀମାନଙ୍କ ପାଇଁ ଖାଦ୍ୟ ଜଳ ଯୋଗାଇ ଦେଇଥିଲେ। ଏହାପରେ ଜିଲ୍ଲାପାଳ ପ୍ରବାସୀ ଶ୍ରମିକ ଦମ୍ପତି ମନୁଧର ଓ ସଗନିବାଇ ମାଝୀ ପରିବାରକୁ ସାକ୍ଷାତ କରି ଆଉ ପ୍ରବାସରେ ନଯିବା ପାଇଁ ପରାମର୍ଶ ଦେଇଥିଲେ।

## ବିଦ୍ୟାଳୟରେ ତାଲା ମାରିଲେ ଜାଗା ମାଲିକ

# କମ୍ୟୁନିଟି ଗୃହରେ ଚାଲିଛି ପାଠପଢ଼ା





ଥୁଆମୂଳ ରାମପୁର,୩।୨(ସମିସ): ଶିକ୍ଷା ବିଭାଗର ଦୂରଦର୍ଶୀତାର ଅଭାବ ଓ ଅବହେଳା ଆଜି ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନିଶ୍ଚିତତାରେ ଠେଲିଦେଇଛି। ଜମି ସମସ୍ୟାକୁ ନେଇ ଜାଗା ମାଲିକ ବିଦ୍ୟାଳୟ ପରିସରରେ ତାଲା ପକାଇଦେବାରୁ ସାଧାରଣ ଶିକ୍ଷାଦାନ ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହୋଇଛି। ଜାଗା ବିବାଦକୁ କେନ୍ଦ୍ର କରି ବିଦ୍ୟାଳୟରେ ତାଲା ପକାଇଦେବାରୁ ଆଜକୁ ଏକ ସପ୍ତାହ ହେବ ସ୍କୁଲ ବନ୍ଦ ପଡିଛି। ଜାଗା ମାଲିକ ତାଲା ପକାଇଦେବାରୁ ପାଠପଢ଼ା ପୂରାପୂରି ଅସ୍ତବ୍ୟସ୍ତ ହୋଇପଡ଼ିଛି। ଜାଗା ମାଲିକଙ୍କ ବାରମ୍ବାର ଏଭଳି କାର୍ଯ୍ୟକଳାପ ଯୋଗୁଁ ଏଭଳି ସମସ୍ୟା ଘଟି ଆସୁଛି। ବିଦ୍ୟାଳୟ ଖୋଲି ପାରୁନଥିବାରୁ ଶିକ୍ଷକମାନେ ବିକଳ୍ପ ବ୍ୟବସ୍ଥାରେ ଅନ୍ୟତ୍ର ଶିକ୍ଷାଦାନ କରୁଥିବା ଦେଖିବାକୁ ମିଳିଛି। ତେବେ ସଂକୁଚିତ ସ୍ଥାନ ଓ ଆବଶ୍ୟକ ଆଧାରଭୂତ ସୁବିଧା ଅଭାବରୁ ଛାତ୍ରଛାତ୍ରୀ ବିଭିନ୍ନ ସମସ୍ୟା ଭୋଗୁଛନ୍ତି। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ତେରେଙ୍ଗାସିଲ ଗାଁରେ ଏଭଳି ଘଟଣା ଦେଖିବାକୁ ମିଳିଛି।୨୦୦୭ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ବିଦ୍ୟାଳୟଟି ଗାଁର ବିଦ୍ୟାଧର ନାଏକ ନିଜସ୍ୱ ମାଲିକାନା ଜାଗାରେ ବିଦ୍ୟାଳୟ ସ୍ଥାପନା କରାଯାଇଛି। ବିଦ୍ୟାଳୟ ପାଇଁ ଜାଗା ଦେବାପାଇଁ ବିଦ୍ୟାଧର କିଛି ସର୍ତ୍ତ ରଖିଥିଲେ। ହେଲେ ତାଙ୍କର ସର୍ତ୍ତକୁ ଅଣଦେଖା କରାଯିବା ସହିତ କୌଣସି କାର୍ଯ୍ୟକ୍ରମରେ ତାଙ୍କୁ ଆଉ ଗୁରୁତ୍ୱ ଦେଉନଥିବା ଯୋଗୁଁ ସେ ଏଭଳି ପଦକ୍ଷେପ ନେଇଥିବା କହିଛନ୍ତି ବିଦ୍ୟାଧର। ଗତ ବର୍ଷ ମଧ୍ୟ ଏଭଳି ସ୍ଥିତି ଉପୁଜିଥିବା ବେଳେ ବିଦ୍ୟାଧରଙ୍କୁ ପ୍ରତିଶ୍ରୁତି ଦେଇ ମନାଇବାରେ ସଫଳ ହେଇଥିଲେ ଶିକ୍ଷା ବିଭାଗ ଅଧିକାରୀ। ହେଲେ ପ୍ରତିଶ୍ରୁତିର ବହୁଦିନ ବିତିଯାଇଥିଲେ ମଧ୍ୟ ଆଜିଯାଏ ପ୍ରଶାସନ ତାହା ପୁରଣ କରିନଥିବା ଯୋଗୁଁ ଆଜକୁ ଏକ ସପ୍ତାହ ହେବ ପୁଣି ବିଦ୍ୟାଳୟରେ ତାଲା ମାରିଛନ୍ତି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭରତ ନାଏକ ନିଜ ଛାତ୍ରଛାତ୍ରୀଙ୍କୁ ନେଇ ଗାଁର ଏକ କମ୍ୟୁନିଟି ଗୃହରେ ଶିକ୍ଷାଦାନ କରୁଥିବା ଦେଖିବାକୁ ମିଳିଛି। ଏନେଇ ବ୍ଲକ ଶିକ୍ଷା ବିଭାଗକୁ ଜଣାଇଥିବା କହିଛନ୍ତି।ହେଲେ ଆଜି ପର୍ଯ୍ୟନ୍ତ କୌଣସି ଅଧିକାରୀଙ୍କ ଦେଖିନାହିଁ କି ସମାଧାନ ନାହିଁ। ଅଭିଭାବକ ତଥା ସ୍ଥାନୀୟ ଲୋକମାନେ ପ୍ରଶାସନକୁ ତୁରନ୍ତ ହସ୍ତକ୍ଷେପ କରି ଜମି ସମସ୍ୟାର ସମାଧାନ, ବିଦ୍ୟାଳୟ ଖୋଲିବା ଓ ସ୍ଥାୟୀ ଶିକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଦାବି କରିଛନ୍ତି।

## ବିମାନ ଦୁର୍ଘଟଣାକୁ ୨୪ ଦିନ

# ଦୁର୍ଘଟଣା ସମୟର ଛାତିଥରା ଘଟଣା ବଖାଣିଲେ ଅନିତା

ରାଉରକେଲା, ୩।୨(ସମିସ)



ରାଉରକେଲା ବିମାନ ଦୁର୍ଘଟଣାକୁ ୨୪ ଦିନ ବିତିଥିବା ବେଳେ ଦୁର୍ଘଟଣା ସମୟର ଛାତିଥରା ଘଟଣାକୁ ବଖାଣିଛନ୍ତି ସୁସ୍ଥ ହୋଇ ଫେରିଥିବା ଭୁବନେଶ୍ୱରର ବିମାନ ଯାତ୍ରୀ ଅନିତା ସାହୁ। ଭାଇ ସାଙ୍ଗରେ ହସ ଖୁସିରେ ରାଉରକେଲା ବୁଲିବାକୁ ଅସିବାକୁ ଭୁବନେଶ୍ୱରରୁ ଗତ ଜାନୁଆରୀ ୧୦ ତାରିଖରେ ବିମାନରେ ବସିଥିଲେ। କିନ୍ତୁ ରାଉରକେଲା ବିମାନ ବନ୍ଦରରେ ପହଞ୍ଚିବା ପୂର୍ବରୁ ହଠାତ୍ କିଛି ଜିନିଷ ଖସିବାର ପ୍ରଚଣ୍ଡ ଶବ୍ଦ ହୋଇଥିଲା। ତା'ପରେ ଘଡ ଘଡ ଶବ୍ଦ ହୋଇ ବିମାନଟି ହଠାତ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେ ଦୃଶ୍ୟ ଛାତି ଥରାଇଲା ଭଳି ଥିଲା। ଯାହା ଏବେ ବି ମନେ ପଡ଼ିଲେ ଛାତିରେ ଛନକା ପଶିଯାଉଛି ବୋଲି ଅନିତା କହିଛନ୍ତି। ବିମାନ ଦୁର୍ଘଟଣାରେ ଭାଇ ଶୁଶାନ୍ତ କୁମାର ବିଶ୍ୱାଳ ଗୁରୁତର ଆହତ ହୋଇ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁବରଣ କରିଥିବା କଥା କହି ସେ ଭାବ ବିହ୍ୱଳ ହୋଇପଡ଼ିଥିଲେ। ଗୁରୁତର ଆହତ ହୋଇ ସେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇ ସୁସ୍ଥ ହୋଇ ଗତ ୩୦ ତାରିଖ ଘରକୁ

### ଆର୍ଥିକ ସହାୟତା ପ୍ରଦାନ ପାଇଁ କଲେ ଦାବି

ଫେରିବା ପରେ ଗତକାଲି ସେ ଭାଇଙ୍କ ମୃତ୍ୟୁ ଖବର ପାଇଥିବା କହି ଅନିତା କାନ୍ଦି ପକାଇଥିଲେ। ବିମାନରେ ଚଢ଼ିବା ପୂର୍ବରୁ ଭାଇ ଭଉଣୀ ଭଲରେ ପହଞ୍ଚାଇବା ପାଇଁ ଠାକୁରଙ୍କୁ ଡାକିଥିଲୁ। କିନ୍ତୁ ଚିକିତ୍ସାଧିନ ସମୟରେ ମଧ ଭାଇକୁ ସୁସ୍ଥ କରିଦେବା ପାଇଁ ଠାକୁରଙ୍କୁ ଡାକିଥିଲି ବୋଲି ଅନିତା କହିଛନ୍ତି। ସେ ଧିରେ ଧିରେ ସୁସ୍ଥ ହେଉଥିଲେ ମଧ ତାଙ୍କର ପରବର୍ତ୍ତୀ ଚିକିତ୍ସା ଖର୍ଚ୍ଚ ସହିତ ଦୁଇଟି ଝିଅ ପାଠ ପଢୁଥିବାରୁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ବିମାନ ଯାତ୍ରୀ ଅନିତା ଅନୁରୋଧ କରିଛନ୍ତି। ଉଲ୍ଲେଖଯୋଗ୍ୟ, ସୁନ୍ଦରଗଡ଼ ଜିଲ୍ଲାର ଜଳଦା ନିକଟରେ ଗତମାସ ୧୦ ତାରିଖ ଇଣ୍ଡିଆ ୱାନ୍ ଏୟାର ବିମାନ ଜରୁରୀ କାଳୀନ ଅବତରଣ ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ବସିଥିବା ଦୁଇଜଣ ପାଇଲଟଙ୍କ ସହ ୪ ଜଣ ବିମାନ ଯାତ୍ରୀ ଗୁରୁତର ଆହତ ହୋଇଥିଲେ। ବିମାନ ପାଇଲଟ ନବୀନ କାଡଙ୍ଗା, ପାଇଲଟ ତରୁଣ ଶ୍ରୀବାସ୍ତବଙ୍କ ସହ ବିମାନ ଯାତ୍ରୀ ସୁନିଲ ଅଗ୍ରୱାଲ, ସବିତା ଅଗ୍ରୱାଲ ଓ ଅନିତା ସାହୁ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ବିମାନ ଯାତ୍ରୀ ଶୁଶାନ୍ତ କୁମାର ବିଶ୍ୱାଳଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା।

# ରେଳ ବଗି ତଳେ ଚାପି ହୋଇ ଶ୍ରମିକ ମୃତ

## କ୍ଷତିପୂରଣ ଦାବିରେ କାରଖାନା ଫାଟକ ଆଗରେ ଉତ୍ତେଜନା

**ରାଉରକେଲା, ୩।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁର ସ୍ଥିତ ଡାଲମିଆ ସିମେଣ୍ଟ କାରଖାନା ପରିସରରେ ରେଳ ବଗିରେ ଚାପି ହୋଇ ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ କ୍ଷତିପୂରଣ ପ୍ରଦାନ ଦାବିରେ କାରଖାନା ମୁଖ୍ୟ ଫାଟକ ଆଗରେ ଉତ୍ତେଜନା ପ୍ରକାଶ ପାଇଛି। ସୂଚନାନୁଯାୟୀ, ଡାଲମିଆ ସିମେଣ୍ଟ ଭାରତ ଲିମିଟେଡ଼ କାରଖାନାରେ ଆଜି ଅପରାହ୍ନ ପ୍ରାୟ ୧ଟା ସମୟରେ କାରଖାନା ଷ୍ଟକ ୟାର୍ଡ ନିକଟରେ ରେଳ ଧାରଣା ଶେଷ ମୁଣ୍ଡରେ ଥିବା ଷ୍ଟପର ନିକଟରେ କାର୍ଯ୍ୟରତ ଥିବା ବେଳେ ଜଣେ ଶ୍ରମିକ ମାଲବାହୀ ଟ୍ରେନର ପଛ ବଗିରେ ଚାପି ହୋଇଯିବାରୁ ତାଙ୍କ ମୃତ୍ୟୁ ହୋଇଥିଲା। ମୃତକ ଜଣକ ରାଜଗାଙ୍ଗପୁର କୁଟୁଣୀଆ ପଞ୍ଚାୟତ ଭିକାପଡ଼ା ଅଞ୍ଚଳର ଚନ୍ଦ୍ର ମିଞ୍ଜ(୨୫) ବୋଲି ସୂଚନା ମିଳିଛି। ଘଟଣା ନେଇ କମ୍ପାନୀ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଶ୍ରମିକଙ୍କ ମୃତଦେହ ରାଉରକେଲା ଶବ ଗୃହରେ ରଖାଯାଇଛି। ମୃତକଙ୍କ ପରିଜନ ଓ ଗ୍ରାମବାସୀମାନେ କମ୍ପାନୀ ମୁଖ୍ୟ ଫାଟକ ନିକଟରେ ପହଞ୍ଚି କ୍ଷତିପୂରଣ ଦାବି କରିଥିଲେ। ଫଳରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। କାରଖାନା ମୁଖ୍ୟ ଫାଟକ ନିକଟରେ ବ୍ୟାପକ ପୁଲିସ ମୁତୟନ କରାଯାଇଛି। ରାଜଗାଙ୍ଗପୁର ବିଧାୟକ ଘଟଣା ସ୍ଥଳରେ ପହଞ୍ଚିଥିବା ବେଳେ କ୍ଷତିପୂରଣ ଦାବି ନେଇ ମୃତକଙ୍କ ସମ୍ପର୍କୀୟମାନେ ଫାଟକ ଆଗରେ ବସି ରହିଛନ୍ତି। ଏହି ଘଟଣାରେ କମ୍ପାନୀ କର୍ତ୍ତୃପକ୍ଷ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ଗଭୀର ସମବେଦନା ଜଣାଇଛନ୍ତି। ଘଟଣାର ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରାଯିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ କହିଛନ୍ତି।

## ଗାଡି ପଛକୁ ଧକ୍କା ଦେଲା ହାଇୱା; ଚାଳକ ଗୁରୁତର

**ଲହୁଣିପଡ଼ା, ୩।୨(ସମିସ):** ଲହୁଣିପଡ଼ା ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ଦର୍ଜ୍ଜି ନିକଟରେ ଗାଡି ପଛକୁ ଏକ ହାଇୱା(ଓଡି ୧୪ ଏ ଏଫ ୪୩୪୩) ଧକ୍କା ଦେବାରୁ ହାଇୱା ଚାଳକ ଗୁରୁତର ହୋଇଛନ୍ତି। ଗୁରୁତର ଚାଳକ ଜଣକ ଝାଡ଼ଖଣ୍ଡର ବେକାରୋ ଜିଲ୍ଲା ନିବାସୀ ପ୍ରମୋଦ କୁମାର ସିଂ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପୁଲିସ ଗାଡିକୁ ଜବତ କରି ତଦନ୍ତ ଚଳାଇଛି।

# ରଘୁନାଥପାଲୀ ଟିପ୍ପର ଓନର୍ସ ଆସୋସିଏସନର କାର୍ଯ୍ୟାଳୟ ଉଦ୍‌ଘାଟିତ



**ରାଉରକେଲା, ୩।୨(ସମିସ):** ସ୍ଥାନୀୟ ଜଳଦା 'ଏ' ବ୍ଲକ ନିକଟରେ ନୂତନ ଭାବେ ଗଠିତ ରଘୁନାଥପାଲୀ ଟିପର ଓନର୍ସ ଆସୋସିଏସନର କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ରାଉରକେଲା ସମେତ ସୁନ୍ଦରଗଡ଼ ଜିଲ୍ଲାରେ ଲୋଡିଂ ନ ପାଇ ହନ୍ତସନ୍ତ ହେଉଥିବା ସ୍ଥାନୀୟ ଟିପ୍ପର ମାଲିକମାନେ ଏହି ଆସୋସିଏସନ ଗଠନ ପରେ ଲାଭବାନ ହେବେ ବୋଲି ସୂଚନା ମିଳିଛି। ରଘୁନାଥପାଲୀ ଟିପର ଓନର୍ସ ଆସୋସିଏସନର ସଭାପତି ଅଶୋକ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବରେ ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଫିତା କାଟି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଆସୋସିଏସନର ସଦସ୍ୟ କିପରି ସର୍ବନିମ୍ନ ଲୋଡିଂ ପାଇ ପାରିବେ ସେ ଦିଗରେ ଯାହା କିଛି ସହଯୋଗ ଆବଶ୍ୟକ ପଡ଼ିବ ତାହା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆସୋସିଏସନର ସଭାପତି ଅଶୋକ କୁମାର ପଟ୍ଟନାୟକ ତାଙ୍କର ସ୍ୱାଗତ ଭାଷଣରେ କହିଥିଲେ, ଆସୋସିଏସନ ଗଠନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇ ସମ୍ପ୍ରତି ରାଉରକେଲାରେ ଶହ ଶହ ସଂଖ୍ୟାରେ ଟିପ୍ପର ମାଲିକ କେବଳ ଟ୍ରାନ୍ସପୋର୍ଟ ବ୍ୟବସାୟ ଉପରେ ନିର୍ଭରଶୀଳ। ତେବେ ସେମାନଙ୍କ ଟିପର ପାଇଁ ଟେନସା, ବରସୁଆଁ, କୋଇଡା, ବଡବିଲ ଅଞ୍ଚଳରେ ଖଣିରୁ ବିଭିନ୍ନ କାରଣରୁ ଲୋକାଲ ଟିପର ମାଲିରମାନଙ୍କୁ ଲୋଡିଂ ମିଳୁ ନଥିବାରୁ ସେମାନେ ନାନା ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କେବଳ ବାହାର ଟିପରଗୁଡିକୁ ଲୋଡିଂ ଦିଆଯାଇ ଲୋକାଲ ଟିପ୍ପରଗୁଡିକୁ ଅଣଦେଖା କରାଯାଉଥିବାର ଲକ୍ଷ ଲକ୍ଷ ଟଙ୍କା ଋଣ କରି ଟିପର କ୍ରୟ କରିଥିବା ବେଳେ ମାଲିକମାନେ ଲୋଡିଂ ନ ମିଳିବାରୁ ବ୍ୟାଙ୍କର ମାସିକ କିସ୍ତି ପରିଶୋଧ କରି ନପାରି ନାନା ପ୍ରକାର ଚିନ୍ତାରେ ରହିଛନ୍ତି। ଏହି ବୃହତ୍ ସମସ୍ୟାକୁ ସମାଧାନ କରିବା ହିଁ ବିଶେଷ କରି ରଘୁନାଥପାଲୀ ଟିପର ଓନର୍ସ ଆସୋସିଏସନର ଗଠନର ମୂଳ ଲକ୍ଷ୍ୟ ବୋଲି ସେ କହିଥିଲେ। ଏତଦବ୍ୟତୀତ ଶିକ୍ଷାର ଅଭିବୃଦ୍ଧି ନିମନ୍ତେ ସହରର ବିଭିନ୍ନ ବିଦ୍ୟାଳୟର ଭିତ୍ତିଭୂମିର ବିକାଶ, ସହରରେ ପରିବେଶ ସୁରକ୍ଷା ବୃକ୍ଷରୋପଣ ତଥା ପଶୁ ପକ୍ଷୀଙ୍କ ସୁରକ୍ଷା ପରି ସାମାଜିକ କାର୍ଯ୍ୟକ୍ରମ ଆସୋସିଏସନ ପକ୍ଷରୁ ହାତକୁ ନିଆଯିବ ବୋଲି ଶ୍ରୀ ପଟ୍ଟନାୟକ ସୂଚନା ଦେଇଥିଲେ। ଏହି ଅବସରରେ ଟାଙ୍ଗରପାଲ୍ଲୀ ଥାନା ଅଧିକାରୀ ନିରଞ୍ଜନ ସେଠୀ, ଜଳଦା ସରପଞ୍ଚ ଗୀତା ଓରାମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ନିରଞ୍ଜନ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ଅବନୀ ରଞ୍ଜନ ଷଡଙ୍ଗୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଉପସଭାପତି ଦେବ ପ୍ରସାଦ ମିଶ୍ର, ଉପସଭାପତି ସୌମ୍ୟରଞ୍ଜନ ନାୟକ, କୋଷାଧକ୍ଷ ବ୍ରଜ କିଶୋର ସାମଲଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସଭାପତି ଶ୍ରୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଉତ୍ପାଦନ କ୍ଷେତ୍ରରେ ଆର୍‌ଏସ୍‌ପିର ଶ୍ରେଷ୍ଠ ପ୍ରଦର୍ଶନ

**ରାଉରକେଲା, ୩।୨(ସମିସ):** ମହାରତ୍ନ କମ୍ପାନୀ ସେଲର ଅନ୍ୟତମ ୟୁନିଟ୍ ରାଉରକେଲା ଇସ୍ପାତ କାରଖାନା ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ରେ ଏହାର ସର୍ବକାଳୀନ ଶ୍ରେଷ୍ଠ ଅପ୍ରେଲ-ଜାନୁଆରୀ ପ୍ରଦର୍ଶନ ହାସଲ କରିଛି। ପ୍ରମୁଖ ଉତ୍ପାଦନ ଓ ଚାଲାଣ କ୍ଷେତ୍ରରେ ଏହା ନୂତନ ମାଇଲଖୁଣ୍ଟ ଅତିକ୍ରମ କରିଛି। ରାଉରକେଲା ଇସ୍ପାତ କାରଖାନା ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ଦଶ ମାସରେ ୩୪, ୫୭, ୭୬୧ ଟନ୍ ବିକ୍ରିଯୋଗ୍ୟ ଉତ୍ପାଦନ କରି ଏହାର ଶ୍ରେଷ୍ଠ ଅପ୍ରେଲ-ଜାନୁଆରୀ ରେକର୍ଡ ହାସଲ କରି ପୂର୍ବ ବର୍ଷ ଅବଧି (ସିପିଏଲୱାଇ)ରେ ହାସଲ କରିଥିବା ଏହାର ପୂର୍ବ ଶ୍ରେଷ୍ଠ ୩୪, ୩୫, ୭୬୭ ଟନ୍‌ର ରୋକର୍ଡକୁ ଅତିକ୍ରମ କରିଛି। ହଟ୍ ଷ୍ଟ୍ରିପ୍ ମିଲ୍-୨ (ଏଚଏସଏମ-୨) ୨୨, ୦୬, ୪୩୨ ଟନ୍ ଏଚଆର କଏଲ ରୋଲିଂ କରି ଏହି ସଫଳତାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଯାହା ଏହାର ସର୍ବକାଳୀନ ଶ୍ରେଷ୍ଠ ଅପ୍ରେଲ-ଜାନୁଆରୀ ପ୍ରଦର୍ଶନ ରହିଛି। ଯାହା ପୂର୍ବ ବର୍ଷ ଅବଧିରେ ହାସଲ କରାଯାଇଥିବା ପୂର୍ବ ଶ୍ରେଷ୍ଠ ୨୧, ୧୬, ୦୯୭ ଟନ୍‌ର ରେକର୍ଡକୁ ଅତିକ୍ରମ କରିଛି। ଏଚଏସଏମ-୨ ର ନୂତନ ସିଟ୍ ସିଅରିଂ ଲାଇନ (ଏସଏସଏଲ) ମଧ ଅପ୍ରେଲ-ଜାନୁଆରୀ ମଧ୍ୟରେ ୨, ୫୯, ୮୭୦ ଟନ୍ ଏଚଆର ପ୍ଲେଟ୍ ଉତ୍ପାଦନ କରି ଏହାର ଶ୍ରେଷ୍ଠ ପ୍ରଦର୍ଶନ ପଞ୍ଜିକୃତ କରିଛି। ଯାହା ଅନୁରୂପ ପୂର୍ବ ବର୍ଷ ଅବଧି ତୁଳନାରେ ୨୩ ପ୍ରତି ବୃଦ୍ଧି ରହିଛି। ନୂତନ ପ୍ଲେଟ୍ ମିଲ୍ ବିଭାଗ ଆର୍ଥିକ ବର୍ଷର ପ୍ରଥମ ଦଶ ମାସରେ ୮, ୨୫, ୯୯୯ ଟନ୍ ପ୍ଲେଟ୍ ଉତ୍ପାଦନ କରି ଏକ ନୂତନ ମାଇଲ ଖୁଣ୍ଟ ସ୍ଥାପନ କରିଛି, ଯାହା ପୂର୍ବ ଆର୍ଥିକ ବର୍ଷ ୨୦୨୪-୨୫ ର ସମାନ ଅବଧିରେ ରେକର୍ଡ କରାଯାଇଥିବା ଏହାର ପୂର୍ବ ଶ୍ରେଷ୍ଠ ୭, ୭୩, ୭୭୯ ଟନ୍‌ର ରେକର୍ଡକୁ ଅତିକ୍ରମ କରିଛି।ସେହିପରି ଅପଷ୍ଟ୍ରିମରେ, ବ୍ଲାଷ୍ଟ ଫର୍ଣ୍ଣେସ୍-୫ 'ଦୁର୍ଗା' ୨୬, ୯୭, ୯୬୧ ଟନ୍ ଉତ୍ତପ୍ତ ଧାତୁ ଉତ୍ପାଦନ କରି ଅପ୍ରେଲ-ଜାନୁଆରୀ ମଧ୍ୟରେ ଏହାର ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିଛି। ବ୍ଲାଷ୍ଟ ଫର୍ଣ୍ଣେସ୍-୧ 'ପାର୍ବତୀ' ସମାନ ଅବଧି ମଧ୍ୟରେ ୮, ୯୫, ୪୪୬ ଟନ୍ ଉତ୍ତପ୍ତ ଧାତୁର ସର୍ବକାଳୀନ ଶ୍ରେଷ୍ଠ ଉତ୍ପାଦନ ରେକର୍ଡ କରି ଏହି ପ୍ରଦର୍ଶନକୁ ପରିପୂରକ କରିଛି। ସେହିଭଳି ସିଣ୍ଟର ପ୍ଲାଣ୍ଟ-୩ ବିଭାଗ ମଧ ୩୦, ୯୭, ୯୮୬ ଟନ୍ ରେକର୍ଡ ସିଣ୍ଟର ଉତ୍ପାଦନ ସହିତ ଏହାର ଶ୍ରେଷ୍ଠ ଅପ୍ରେଲ-ଜାନୁଆରୀ ପ୍ରଦର୍ଶନ ହାସଲ କରିଛି। ଆର୍‌ଏସ୍‌ପି ଜାନୁଆରୀ ୩୦ ତାରିଖରେ ଗୋଟିଏ ଦିନରେ ୫, ୫୭୬ ଟନ୍‌ର ରେକର୍ଡ ସଡକ ଯୋଗେ ଚାଲାଣ ପଞ୍ଜୀକରଣ କରି ଲଜିଷ୍ଟିକ୍ସରେ ଏକ ନୂତନ ମାଇଲଖୁଣ୍ଟ ହାସଲ କରିଛି। ଟ୍ରାଫିକ୍ ଏବଂ କଞ୍ଚାମାଲ ବିଭାଗ ମଧ ଚଳିତ ଜାନୁଆରୀ ମାସରେ ୩, ୦୪, ୬୪୯, ଟନ୍ ରେଳ ଯୋଗେ ଚାଲାଣ କରି ଶ୍ରେଷ୍ଠ ରେକର୍ଡ ସ୍ଥାପନ କରିଛି ଏବଂ ଗତ ଜାନୁଆରୀ ୨୦୨୪ରେ ହାସଲ କରାଯାଇଥିବା ପୂର୍ବ ଶ୍ରେଷ୍ଠ ୨, ୯୮, ୨୧୯, ଟନ୍ ଚାଲାଣ ରେକର୍ଡକୁ ଅତିକ୍ରମ କରିଛି।



# ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଆଦ୍ରଭୂମି ଦିବସ

କୁତ୍ରା, ୩।୨(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ କଟଙ୍ଗଠାରେ ଥିବା ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଆଦ୍ରଭୂମି ଦିବସ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କଟଙ୍ଗ ଗ୍ରାମ ପଞ୍ଚାୟତର ସରପଞ୍ଚ ପୁଷ୍ପା କେର୍କେଟା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଶ୍ରୀ କେର୍କେଟା କହିଥିଲେ, ଆଦ୍ରଭୂମି ପ୍ରକୃତିର ଏକ ଅମୂଲ୍ୟ ସମ୍ପଦ। ଏହା ପରିବେଶ ସୁରକ୍ଷା, ଜଳ ସଞ୍ଚୟ, ଜୈବବିବିଧତା ସଂରକ୍ଷଣ ଓ ମଣିଷର ଜୀବନ ଜୀବିକା ପାଇଁ ଅତ୍ୟନ୍ତ ଆବଶ୍ୟକ। ଆଦ୍ରଭୂମିକୁ ନଷ୍ଟ କରିବା ଫଳରେ ପରିବେଶ ଅସନ୍ତୁଳନ ସୃଷ୍ଟି ହେଉଛି ବୋଲି ସେ ଚେତାବନୀ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଡା. ନିତ୍ୟାନନ୍ଦ ବେହେରା ଅଧ୍ୟକ୍ଷତା କରି କହିଥିଲେ, ଆଦ୍ରଭୂମି ପ୍ରକୃତିର ସନ୍ତୁଳନ ରକ୍ଷାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଛାତ୍ରଛାତ୍ରୀମାନେ ପରିବେଶ ସୁରକ୍ଷାରେ ଅଗ୍ରଣୀ ଭୂମିକା ନେବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। ଇକୋ କ୍ଲବ ଶିକ୍ଷକ ମୋହେନ୍ଦ୍ର ସିଂହ ଜଳାଭୂମିର ପରିଭାଷା, ଗୁରୁତ୍ୱ ଓ ଏହାର ସଂରକ୍ଷଣ ବିଷୟରେ ବିସ୍ତୃତ ଭାବେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଜଳାଶୟ, ପୋଖରୀ ଓ ନଦୀ ରକ୍ଷା ନ ହେଲେ ଭବିଷ୍ୟତରେ ଗଭୀର ସମସ୍ୟା ସୃଷ୍ଟି ହେବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ମମତା ସ୍ୱାଇଁ ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ ଶେଷରେ କୁମାରୀ ଜୟପୁରିଆ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକମଣ୍ଡଳୀ ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ରହି ଆଦ୍ରଭୂମି ସୁରକ୍ଷା ପାଇଁ ସଂକଳ୍ପ ଗ୍ରହଣ କରିଥିଲେ।



# ମହାଶିବରାତ୍ରୀ ପାଇଁ ପ୍ରସ୍ତୁତି ବୈଠକ

**ବଣାଇଁ, ୩।୨(ସମିସ):** ଆସନ୍ତା ୧୫ ତାରିଖ ରବିବାର ଦିନ ସ୍ଥାନୀୟ ପ୍ରସିଦ୍ଧ ଶୈବପୀଠ ବାବା ବାଣେଶ୍ୱରଙ୍କ ମହା ଶିବରାତ୍ରି ଜାଗର ମେଳା ପାଳନ ନିମନ୍ତେ ବଣାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହଠାରେ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବଣାଇଁ ରାଜା ସାହେବ ବୀର କେଶରୀ ଇନ୍ଦ୍ର ଦେଓ ଦେବ ଏଥିରେ ଯୋଗ ଦେଇଥିଲେ। ଜାଗର ମେଳା ସମୟରେ ଯେଉଁ ଉଠା ଦୋକାନୀ ମନ୍ଦିର ପରିସରରେ ଦୋକାନ ଖୋଲିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି ସେମାନେ ବଣାଇଁ ରାଜସ୍ୱ ନିରକ୍ଷକଙ୍କ ଠାରେ ନିଜର ଦୋକାନର ଆକାର ଓ କ୍ଷେତ୍ରଫଳ ଅନୁଯାୟୀ ନିର୍ଦ୍ଧାରିତ ମୂଲ୍ୟ ଜମା ଦେଇ ରସିଦ ନେବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ବଣାଇଁ ଉପଖଣ୍ଡ ଚିକିତ୍ସାଳୟ ଅଧିକ୍ଷକ ମନୋଜ କୁମାର ପତି, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୁଷ୍ପାଞ୍ଜଳି ସାହୁ, ଗୃହ ଓ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ, ବଣାଇଁ ଥାନା ଅଧିକାରୀ ପିଙ୍କି ମୁର୍ମୁ, ଉପଖଣ୍ଡ ବିଦ୍ୟୁତ ବିଭାଗ ଅଧିକାରୀ, ବଣାଇ ରେଞ୍ଜର ଦେବାଶିଷ ନାୟକ, ସରପଞ୍ଚ ନମିତା ନାଗ, ନିର୍ବାହୀ ଅଧିକାରୀ ରୋମିଓ ରଞ୍ଜନ ପ୍ରଧାନ, ଆଇନଜୀବୀ ବିଶ୍ୱଜିତ ସାହୁ, ମୁଖ୍ୟ ପୂଜକ ଜୟଶଙ୍କର ଦେହୁରୀ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

# 'ଯତରା' ସାଂସ୍କୃତିକ ଶୋଭାଯାତ୍ରା ପାଇଁ ବୈଠକ

**ରାଉରକେଲା, ୩।୨(ସମିସ):** ଚଳିତ ଫେବୃଆରୀ ୮ ରୁ ୧୨ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଯତରା ପଡ଼ିଆଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲା ମହୋତ୍ସବ 'ଯତରା-୨୦୨୬'ର ପ୍ରଥମ ଦିବସରେ ସହର ମଧ୍ୟରେ ସାଂସ୍କୃତିକ ଶୋଭାଯାତ୍ରା ମଧ୍ୟରେ ମଶାଲ ଶୋଭାଯାତ୍ରା ଆୟୋଜିତ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ସୁନ୍ଦରଗଡ଼ ସଦଭାବନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁସାରେ ଫେବୃଆରୀ ୮ ତାରିଖ ଦିନ ସକାଳ ୭ ଟା ସମୟରେ ସମଲେଇ ମନ୍ଦିର ଠାରେ ପୂଜାର୍ଚ୍ଚନା କରି ଏହି ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ଆରମ୍ଭ ହେବ। ଏହି ଶୋଭାଯାତ୍ରାଟି ସମଲେଇ ମନ୍ଦିରରୁ ବାହାରି ଜଗନ୍ନାଥ ମନ୍ଦିର ଛକ, ବିଏସ ହାଇସ୍କୁଲ ଛକ, ପଞ୍ଚମୁଖି ହନୁମାନ ମନ୍ଦିର ଛକ, ରାଉରକେଲା ଛକ, ପୁରୁଣା ବସ୍‌ଷ୍ଟାଣ୍ଡ ଛକ, ଡିଆରଡିଏ ଛକ, ଅଟଳ ଛକ, ଟାଉନ ଥାନା ଛକ, ରଙ୍ଗାଢ଼ିପା ଛକ ଦେଇ ଯତରା ପଡ଼ିଆରେ ପହଞ୍ଚିବ। ଏହି ସମସ୍ତ ଛକମାନଙ୍କରେ ସାଂସ୍କୃତିକ ଶୋଭାଯାତ୍ରାକୁ ବିଭିନ୍ନ ଅନୁଷ୍ଠାନ, ପୂଜା କମିଟି, ସଂଗଠନମାନଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ଲକରୁ ସାଂସ୍କୃତିକ ଦଳ ଏବଂ ଅନ୍ୟାନ୍ୟ ସାଂସ୍କୃତିକ ଦଳ ଗୁଡିକ ଯୋଗ ଦେବେ। ଏହି ଅବସରରେ ବହୁ ସଂଖ୍ୟାରେ ଯୋଗ ଦେବାକୁ ଏବଂ କାର୍ଯ୍ୟକ୍ରମକୁ ଶାନ୍ତିପୂର୍ଣ୍ଣ ଭାବେ ଆୟୋଜନ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ କମିଟି, ସଂଗଠନ ତଥା ସମସ୍ତ ଜିଲ୍ଲାବାସୀମାନଙ୍କର ସହଯୋଗ କାମନା କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, ପିଏଆଇଟିଡିଏ ଧୀରେନ୍ଦ୍ର ସେଠୀ, ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ବିଭିନ୍ନ ପୂଜା କମିଟି, ବିଭିନ୍ନ ସମାଜ, ବିଭିନ୍ନ ସଂଘ, ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



# ଅବସରପ୍ରାପ୍ତ ବରିଷ୍ଠ ନାଗରିକ ସରକାରୀ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ

**ରାଉରକେଲା, ୩।୨(ସମିସ):** ଗତ ଫେବୃଆରି ୩ ତାରିଖରେ ସୁନ୍ଦରଗଡ଼ ରେଭେନ୍ୟୁ କଲୋନି ସ୍ଥିତ ଅବସରପ୍ରାପ୍ତ ବରିଷ୍ଠ ନାଗରିକ ସରକାରୀ କର୍ମଚାରୀ ସଂଘ ପରିସରରେ ସଂଘର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଦୁର୍ଗାମାଧବ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସଂଘର ବାର୍ଷିକ ବିବରଣୀ ସମ୍ପାଦକ ରାଜକିଶୋର ମହାରଣା ପାଠ କରିଥିଲେ। ସଂଘର ଦିବଙ୍ଗତ ସଭ୍ୟ ସ୍ୱର୍ଗତ ତ୍ରୈଲୋକନାଥ ନାଏକ, କ୍ଷମାଶୀଳ ନାଏକ, ଦଶରଥ ନାଏକ, ଲିଙ୍ଗରାଜ ନାଏକ, ଭ୍ରମରମଣି ପଟେଲ, କିଶୋର ମୋହନ ପୁରୋହିତ ଓ ବିନୋଦ ବିହାରି ଦାସଙ୍କ ସ୍ମୃତିଚାରଣ କରାଯାଇ ସେମାନଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ୨୦୨୬-୨୦୨୮ ବର୍ଷ ପାଇଁ ଏକ ୧୭ ଜଣିଆ ନୂତନ କାର୍ଯ୍ୟକାରିଣି ସମିତିକୁ ସଂଘ ଦ୍ୱାରା ଅନୁମୋଦନ କରାଯାଇ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ଡ. ଚିରବ୍ରତ ଦତ୍ତ, ଗୁଣନିଧି ମହାନ୍ତି, ବିଭୁଧେନ୍ଦ୍ର ଠାକୁର, ମନୋଜ କୁମାର ପୁରୋହିତ, ସନ୍ତୋଷ କୁମାର ପାଲ ଓ ଜିତେନ୍ଦ୍ର ନାଏକଙ୍କୁ ଯଥାକ୍ରମେ ସଭାପତି, କାର୍ଯ୍ୟକାରୀ ସଭାପତି, ଉପସଭାପତି, ସମ୍ପାଦକ, ସହ ସମ୍ପାଦକ ଓ କୋଷାଧକ୍ଷ ଭାବରେ ମନୋନୀତ କରାଯାଇଛି। ଏତଦ୍‌ବ୍ୟତୀତ ଚନ୍ଦ୍ରମଣି ମିଶ୍ର, ବିମଳ ବୋଷ, ଲଳିତ ମୋହନ ଦାସ, ତାରାଚାନ୍ଦ ପଟେଲ, ମାୟାଧର ଚିହ୍ନରା, ନବୀନ କୁମାର ପଟେଲ, ଅଶ୍ୱିନୀ କୁମାର ମିଶ୍ର, ଉଦିତ କୁମାର ନାଏକ ଓ ସୁଷମା ପଟେଲ, ଜୀବେଶ୍ୱରୀ ପଟେଲ ଓ ସୁତପା ଚୌଧୁରୀଙ୍କୁ କାର୍ଯ୍ୟକାରିଣି ସଦସ୍ୟ/ସଦସ୍ୟା ଭାବରେ ମନୋନୀତ କରାଯାଇଛି। ଦୁର୍ଗାମାଧବ ପଟେଲ, ବିମଳେନ୍ଦୁ ରାୟ, ଈଶ୍ୱର ଚନ୍ଦ୍ର ନାଏକ, ରାଜକିଶୋର ମହାରଣା ଓ ଶାନ୍ତନୁ କୁମାର ମହାପାତ୍ର ପ୍ରମୁଖଙ୍କୁ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଭାବରେ ମନୋନୀତ କରାଯାଇଥିଲା। ସଂଘର ଆଗାମୀ ବର୍ଷ ପାଇଁ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇ ଅନୁମୋଦନ ପ୍ରସ୍ତାବ ଗୃହିତ ହୋଇଥିଲା। ଶେଷରେ ସଂଘର ଉପସଭାପତି ଗୁଣନିଧି ମହାନ୍ତି ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ।



## ସେଲ୍ ବ୍ୟାଡମିଣ୍ଟନ୍ ଚାମ୍ପିଅନ୍‌ସିପ୍

# ଆର୍‌ଏସ୍‌ପି ମହିଳା ଦଳ ଚାମ୍ପିଅନ୍; ପୁରୁଷକୁ କାଂସ୍ୟ

ରାଉରକେଲା, ୩।୨(ସମିସ)

ଗତ ଜାନୁଆରୀ ୨୮ ରୁ ୩୧ ତାରିଖ ପର୍ଯ୍ୟନ୍ତ ଦୁର୍ଗାପୁର ଇସ୍ପାତ କାରଖାନା (ଆଇଏସପି) ଦ୍ୱାରା ଆୟୋଜିତ ସେଲ୍‌ଫ ବ୍ୟାଡମିଣ୍ଟନ୍ ଚାମ୍ପିଅନସିପ୍ ୨୦୨୫-୨୬ରେ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଉଭୟ ପୁରୁଷ ଏବଂ ମହିଳା ଦଳ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି। ଏହି ଚାମ୍ପିଅନସିପରେ ଆରଏସପି ମହିଳା ବ୍ୟାଡମିଣ୍ଟନ୍ ଦଳ ଚମ୍ପିୟାନ ଟାଇଟଲ ହାସଲ କରିଥିବା ବେଳେ ପୁରୁଷ ଦଳ କାଂସ୍ୟ ପଦକ ହାସଲ କରିଛନ୍ତି। ମହିଳା ଦଳରେ ପିଡି ବିଭାଗର ଜିଏମ ସୁଶ୍ରୀ ଶାନ୍ତି କୁମାରୀ, ନୂତନ ପ୍ଲେଟ ମିଲ ବିଭାଗର ମ୍ୟାନେଜର ନିବେଦିତା ବେହେରା, ହଟ୍ ଷ୍ଟ୍ରିପ୍ ମିଲ୍-୨ର ସିନିୟର ମ୍ୟାନେଜର ରୀତା ମୁର୍ମୁ ଏବଂ ପିପି ଆଣ୍ଡ ସି ବିଭାଗର ଏମ୍‌ଟି-ଟି କେ ଶ୍ରାବଣୀ ସାମିଲ ଥିଲେ। ଫାଇନାଲରେ ଆରଏସପି ମହିଳା ଦଳ ବୋକାରୋ ମହିଳା ଦଳକୁ ପରାସ୍ତ କରି ଚାମ୍ପିଅନ୍ ହୋଇଥିଲା। ସେହିପରି ପୁରୁଷ ଦଳରେ ନୂତନ ପ୍ଲେଟ ମିଲ ବିଭାଗର ଏଜିଏମ୍ ଆର ନବୀନ, ସିଓଏଣ୍ଡସିସି ବିଭାଗର ଏଜିଏମ୍ ପିଏନଏମୱାଇ ସ୍ୱାମୀ, ଟିଏଣ୍ଡଆରଏମ ବିଭାଗର ଇଞ୍ଜିନିୟରିଂ ଆସୋସିଏଟ୍ ମହମ୍ମଦ ଏମ୍ ରସିଦ ଏବଂ ବିଏଫ ବିଭାଗର ଜୁନିୟର ଇଞ୍ଜିନିୟରିଂ ଆସୋସିଏଟ୍ ଟିକେ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ। ଏହି ଦଳ ଭିଲାଇ ଷ୍ଟିଲ୍ ପ୍ଲାଣ୍ଟକୁ ପରାସ୍ତ କରି କାଂସ୍ୟ ପଦକ ହାସଲ କରିଥିଲା। ସୂଚନା ଯୋଗ୍ୟ, ଇଡି (କାର୍ଯ୍ୟ) ସଚିବାଳୟର ସେକ୍ସନ ଅଫିସର ରାଜୀବ ନାୟକ ଦଳର ମ୍ୟାନେଜର ଥିଲାବେଳେ ନୂତନ ପ୍ଲେଟ୍ ମିଲ୍ ବିଭାଗର ସିନିୟର ମ୍ୟାନେଜର ଆଶୁତୋଷ ଦଳାଇ ଦଳର ପ୍ରଶିକ୍ଷକ ଥିଲେ। ସେଲ୍‌ଫର ସମସ୍ତ ୟୁନିଟ୍ ଚାମ୍ପିଅନସିପରେ ଅଂଶଗ୍ରହଣ କରିଥିଲେ।



THE SAKALA

# ସମ୍ପାଦକୀୟ



ନାଗରିକମାନେ କେବଳ ଭୋଟର ହେବା ଯଥେଷ୍ଟ ନୁହେଁ, ନୀତି ନିର୍ଦ୍ଧାରକ ମଧ୍ୟ ହେବା ଆବଶ୍ୟକ। ନଚେତ୍ କତିପୟ ନୀତି ନିର୍ଦ୍ଧାରକ ଭୋଟରମାନଙ୍କ ଉପରେ ପ୍ରଭୁତ୍ୱ ଜାହିର କରିଚାଲିଥିବେ।

-ଡ. ବି ଆର ଆମ୍ବେଦକର

## ଅର୍ଥ ଆୟୋଗ ମଧ୍ୟ ଦାଉ ସାଧିଲେ

ସ୍ୱତନ୍ତ୍ର ରାଜ୍ୟ ପାହ୍ୟା, କୋଇଲା ରାଜଭାଗ, ପ୍ରଦୂଷଣ ଉପକରରେ ରାଜ୍ୟ ଭାଗ, ରେଳବାଇ ଆଦି କ୍ଷେତ୍ରରେ କ୍ରମାଗତ କେନ୍ଦ୍ରୀୟ ଅବହେଳାର ଶିକାର ହୋଇଆସୁଥିବା ଓଡ଼ିଶା ଉପରେ ଏଥର ଷୋଡ଼ଶ କେନ୍ଦ୍ର ଅର୍ଥ ଆୟୋଗ ମଧ୍ୟ ଦାଉ ସାଧିଛନ୍ତି। ପଞ୍ଚଦଶ ଅର୍ଥ ଆୟୋଗ ଓଡ଼ିଶା ପାଇଁ କେନ୍ଦ୍ରୀୟ ଟିକସ ଭାଗର ୪.୫୨ ପ୍ରତିଶତ ସୁପାରିସ କରିଥିବା ବେଳେ ୨୦୨୬ ରୁ ୨୦୩୧ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବାକୁ ଥିବା ଷୋଡ଼ଶ ଅର୍ଥଆୟୋଗଙ୍କ ସୁପାରିସରେ ତାହା ୪.୪୨କୁ ହ୍ରାସ ପାଇଛି। ଆହୁରି ଉଦ୍‌ବେଗଜନକ ହେଉଛି ବିପର୍ଯ୍ୟୟ ପ୍ରବଣ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ କ୍ଷେତ୍ରରେ ଅନ୍ୟ ରାଜ୍ୟ ତୁଳନାରେ କମ୍ ଅର୍ଥ ପାଇବାକୁ ଯାଉଛି।

ସଂସଦର ଚଳିତ ଅଧିବେଶନରେ ଉପସ୍ଥାପିତ ଷୋଡ଼ଶ ଅର୍ଥ ଆୟୋଗ ସୁପାରିସକୁ କେନ୍ଦ୍ର ସରକାର ଗ୍ରହଣ କରିନେଇଛନ୍ତି। ଏଥିରେ କେନ୍ଦ୍ରୀୟ ଟିକସ ରାଜସ୍ୱ ପାଣ୍ଠିରୁ ରାଜ୍ୟଭାଗ ପୂର୍ବଥର ଭଳି ୪୧%ରେ ଅପରିବର୍ତ୍ତିତ ରହିଛି। କିନ୍ତୁ ପାଣ୍ଠିର ସମାନ୍ତରାଳ ଆବଣ୍ଟନରେ ଯେଉଁ ମାନଦଣ୍ଡ ଆଧାରିତ ପରିବର୍ତ୍ତନ ହୋଇଛି ସେଥିରେ ଓଡ଼ିଶା ବିପୁଳ କ୍ଷତି ସହିବାକୁ ଯାଉଛି। ପ୍ରଥମ ଥର ପାଇଁ ଦେଶର ମୋଟ ଘରୋଇ ଉତ୍ପାଦ(ଜିଡିପି)କୁ ରାଜ୍ୟର ଅବଦାନ ଆଧାରରେ ୧୦% ଆବଣ୍ଟନର ବ୍ୟବସ୍ଥା ରହିଛି। କିନ୍ତୁ ଆୟଗତ ତାରତମ୍ୟ ଆଧାରିତ ଆବଣ୍ଟନ ଗତଥରର ୪୫% ତୁଳନାରେ ଚଳିତ ଥର ୪୨.୫%କୁ ହ୍ରାସ ପାଇଛି। ସେହିପରି ଜନସଂଖ୍ୟା ମାନଦଣ୍ଡ ପାଇଁ ପାଣ୍ଠି ଆବଣ୍ଟନ ପୂର୍ବର ୧୫%ରୁ ୧୭.୫%କୁ ବୃଦ୍ଧି ପାଇଥିବା ବେଳେ ଭୌଗୋଳିକ ପରିସୀମା ଆଧାରିତ ଆବଣ୍ଟନ ୧୫%ରୁ ୧୦%କୁ ହ୍ରାସ ପାଇଛି। ସାମଗ୍ରିକ ଜନସାଂଖ୍ୟିକ ଆଧାର ୧୨.୫%ରୁ ୧୦%କୁ ହ୍ରାସ ପାଇଛି। ଜଙ୍ଗଲାଞ୍ଚଳ ଆଧାରିତ ଆବଣ୍ଟନ ପୂର୍ବପରି ୧୦%ରେ ଅପରିବର୍ତ୍ତିତ ରହିଛି। ସମ୍ବିଧାନର ଧାରା ୨୭୫(୧)ର ବିରୁଦ୍ଧାଚରଣ କରୁଥିଲେ ମଧ୍ୟ ଷୋଡ଼ଶ ଅର୍ଥ ଆୟୋଗ ରାଜ୍ୟମାନଙ୍କ ରାଜସ୍ୱ ନିଅଣ୍ଟ ଭରଣା ବାବଦ ଅନୁଦାନ ଓ ରାଜ୍ୟ ଭିତ୍ତିକ ନିର୍ଦ୍ଦିଷ୍ଟ ଅନୁଦାନକୁ ଉଚ୍ଛେଦ କରିଛନ୍ତି। ଏହାଦ୍ୱାରା ଗରିବ ରାଜ୍ୟଗୁଡ଼ିକର ଅର୍ଥନୀତି ଆହୁରି ଦୟନୀୟ ହେବାର ଆଶଙ୍କା ପ୍ରକାଶ ପାଇଛି।

ଉପରୋକ୍ତ ମାନଦଣ୍ଡ ଆଧାରରେ ଓଡ଼ିଶା ସମାନ୍ତରାଳ ଆବଣ୍ଟନରେ ପୂର୍ବାପେକ୍ଷା ଅଧିକ କ୍ଷତି ସହିବ। ଓଡ଼ିଶାର ଡବଲ୍ ଇଞ୍ଜିନ୍ ସରକାର କେନ୍ଦ୍ରୀୟ ଟିକସ ଭାଗରୁ ୧୨.୫୯ ଲକ୍ଷ କୋଟି ଟଙ୍କା(୪.୯୬୪%) ମାଗିଥିବା ବେଳେ ଆୟୋଗଙ୍କ ପରିବର୍ତ୍ତିତ ମାନଦଣ୍ଡରେ ଓଡ଼ିଶାର ସ୍ୱାର୍ଥ ପୁଣି ଥରେ ବଳି ପଡ଼ିଛି। ପଞ୍ଚାୟତ ଅନୁଷ୍ଠାନ ପୌରପାଳିକା, ମହାନଗର ନିଗମ ଆଦିଗୁଡ଼ିକ ପାଇଁ ଓଡ଼ିଶା ଶତପ୍ରତିଶତ ଅନୁଦାନ ଦାବି କରିଥିବା ବେଳେ ପୂର୍ବାପେକ୍ଷା କମ୍ ମିଳିବ। ସେହିପରି ବିପର୍ଯ୍ୟୟ ତାଲିକାରେ ଓଡ଼ିଶାର ଅଙ୍କ ଦେଶର ସବୁଠାରୁ ଉଚ୍ଚରେ ଥିବା ବେଳେ ଉତ୍ତରପ୍ରଦେଶ, ମହାରାଷ୍ଟ୍ର ଆଦି କମ୍ ବିପର୍ଯ୍ୟୟ ପ୍ରବଣ ରାଜ୍ୟ ଓଡ଼ିଶାଠାରୁ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ଅନୁଦାନ ବାବଦରେ ଅଧିକ ଅର୍ଥ ପାଇବେ। ଅଧିକନ୍ତୁ ଷୋଡ଼ଶ ଆୟୋଗ ସୁପାରିସ ଅନୁଯାୟୀ ଚଳିତ ଆର୍ଥିକ ବର୍ଷରେ ହିଁ ଓଡ଼ିଶା ପ୍ରାୟ ୨ ହଜାର କୋଟି ଟଙ୍କା ହରାଇବ।

ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ପାଇଁ କେବଳ ଆନ୍ତର୍ଜାତିକ ସୀମାରେଖା ମାନଦଣ୍ଡକୁ ଛାଡ଼ି ଅନ୍ୟ ସବୁ ମାନଦଣ୍ଡ ଓଡ଼ିଶା ପୂରଣ କରୁଛି। ରଘୁରାମ୍ ରାଜନ୍ ରିପୋର୍ଟ ମଧ୍ୟ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ସପକ୍ଷରେ ଯାଉଛି। ଓଡ଼ିଶାର ଏହି ନ୍ୟାଯ୍ୟ ଦାବି ବିଗତ ଶତାବ୍ଦୀରୁ ନିରନ୍ତର ଉପସ୍ଥାପିତ ହୋଇଆସୁଛି। ଅଥଚ ଚତୁର୍ଦ୍ଦଶ ଅର୍ଥ ଆୟୋଗଙ୍କ ସୁପାରିସକୁ ଆଳ କରି ଏନ୍‌ଡିଏ ସରକାର ଓଡ଼ିଶାର ଏହି ଦାବିରେ ପୂର୍ଣ୍ଣଚ୍ଛେଦ ପକାଇ ଦେଇଛନ୍ତି, ଅଥଚ ତେଲଙ୍ଗାନକୁ ଏହି ମାନ୍ୟତା ୨୦୧୪ରେ ମିଳିଛି। ଅଧିକନ୍ତୁ କେନ୍ଦ୍ର ସରକାରଙ୍କ ସହିତ ଅର୍ଥ ଆୟୋଗ ମଧ୍ୟ ଓଡ଼ିଶା ପ୍ରତି ନିରନ୍ତର ଅବହେଳା କରି ଆସୁଛନ୍ତି।

ଚତୁର୍ଦ୍ଦଶ ଅର୍ଥ ଆୟୋଗ ସୁପାରିସ ଅନୁଯାୟୀ କେନ୍ଦ୍ରୀୟ ଟିକସର ସମାନ୍ତରାଳ ଆବଣ୍ଟନରେ ଓଡ଼ିଶାର ଭାଗ ୪.୬୪% ଥିବା ବେଳେ ପଞ୍ଚଦଶ ଆୟୋଗ ଏହାକୁ ୪.୫୨କୁ ହ୍ରାସ କରିଥିଲେ। ଏବେ ଷୋଡ଼ଶ ଅର୍ଥ ଆୟୋଗ ୪.୪୨କୁ ଖସାଇ ଦେଇଛନ୍ତି। ଅଥଚ ଖଣିଜ ରାଜଭାଗ, ରେଳବାଇ ରାଜସ୍ୱ, ପରିବେଶ ଉପକର ଆକାରରେ ଓଡ଼ିଶା ମାଟି, ପାଣି ଓ ପବନରୁ କେନ୍ଦ୍ର ସରକାର ଅଧିକରୁ ଅଧିକ ଅର୍ଥ ଶୋଷି ଚାଲିଛନ୍ତି। ସଂସଦରେ ସଦ୍ୟ ଉପସ୍ଥାପିତ ରେଳବଜେଟ୍ କଥା ମଧ୍ୟ ଦେଖାଯାଉ। କେନ୍ଦ୍ର ରେଳମନ୍ତ୍ରୀଙ୍କ କହିବା ଅନୁଯାୟୀ ୨୦୨୪ରେ ଓଡ଼ିଶାରେ ଡବଲ୍ ଇଞ୍ଜିନ୍ ସରକାର କ୍ଷମତାକୁ ଆସିବା ପରେ ପାଞ୍ଚବର୍ଷ ମଧ୍ୟରେ ଓଡ଼ିଶାରେ ରେଳବାଇ ୧ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ କାମ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଆଉ ମାସ କେଇଟା ପରେ ଡବଲ୍ ଇଞ୍ଜିନ ସରକାରକୁ ଦୁଇବର୍ଷ ପୂରିଯିବ। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଓଡ଼ିଶା ପାଇଁ ରେଳବଜେଟ୍‌ରେ ମାତ୍ର ୩୨୯ କୋଟି ଟଙ୍କା ବଢ଼ିଛି। ଏହି ଧାରାରେ ବାକି ଥିବା ତିନିବର୍ଷରେ ୧ ଲକ୍ଷ କୋଟିରୁ ବାକି ଥିବା ପାଣ୍ଠି ବିନିଯୋଗ ହୋଇପାରିଲେ ତାହା ନିଶ୍ଚୟ ଏକ ଆଶ୍ଚର୍ଯ୍ୟଜନକ ଓ ଚମତ୍କାରିତା ହେବ। ରାଜ୍ୟରେ ଏବେ ଚାଲୁ ରହିଥିବା ୯୦, ୬୫୯ କୋଟି ଟଙ୍କାର ପୂର୍ବ ପ୍ରକଳ୍ପ କାମକୁ ଯଦି ଏହି ୧ ଲକ୍ଷ କୋଟି ଟଙ୍କାର ଧାର୍ଯ୍ୟ ଲକ୍ଷ୍ୟରେ ସାମିଲ୍ କରାଯାଇଥାଏ ତେବେ ଘୋଷଣା ଫଳବତୀ ହେବାରେ କିଛି ଅସୁବିଧା ହେବ ନାହିଁ। ଏ କଥା ରେଳମନ୍ତ୍ରୀ ସ୍ପଷ୍ଟ କରିଥିଲେ ଓଡ଼ିଶାବାସୀଙ୍କୁ ବୁଝିବାକୁ ସହଜ ହୋଇଥା'ନ୍ତା। ତେବେ ଓଡ଼ିଶାରେ ନୂଆ ରେଳ ନିର୍ମାଣ କାରଖାନା ସମେତ ଖୋର୍ଦ୍ଧା-ବଲାଙ୍ଗୀର, ତାଳଚେର-ସମ୍ବଲପୁର, ତାଳଚେର-ବିମଳାଗଡ଼, ଜଖପୁରା-ବାଂଶପାଣି, ପାରାଦ୍ୱୀପ-ହରିଦାସପୁର, ସମ୍ବଲପୁର-ଟିଟିଲାଗଡ଼ ଆଦି ଅନେକ ଗୁରୁତ୍ୱପୂର୍ଣ୍ଣ ରେଳ ଲାଇନ ପ୍ରକଳ୍ପ ଯଦି ବାକି ତିନିବର୍ଷ ଭିତରେ ସରିପାରନ୍ତା ଏବଂ ଦ୍ୱୈତ ନଗରୀରେ ବନ୍ଦ କରାଯାଇଥିବା ମେଟ୍ରୋ ଟ୍ରେନ୍ ପ୍ରକଳ୍ପର ପୁନଃ ଆରମ୍ଭ ହୋଇପାରନ୍ତା ଡବଲ୍ ଇଞ୍ଜିନ୍‌କୁ ଓଡ଼ିଶାବାସୀ କ୍ଷମତାକୁ ଆଣି କିଛି ଭୁଲ୍ କରିନାହାନ୍ତି ବୋଲି ଆଶ୍ୱସ୍ତ ହୁଅନ୍ତେ।

# ସ୍ମରଣର ବହୁବିଧ ଝରକା

ପ୍ରଫେସର୍ ଫକୀର ମୋହନ ସାହୁ



ଆଧୁନିକ ଜୀବନରେ ସ୍ମରଣଜନିତ ସମସ୍ୟା ଏକ ବହୁଚର୍ଚ୍ଚିତ ପ୍ରସଙ୍ଗର ରୂପ ନେଇଛି। 'ବନ୍ଧୁଙ୍କର ନାମ ମନେପଡୁ ନାହିଁ', 'ପରିବାରର ଦୂରସଂପର୍କୀୟ ଭାଇଙ୍କ ନାମ ମନେପଡୁନାହିଁ'- ଏପରି ସବୁ ବକ୍ତବ୍ୟ କାନଘଷା ହୋଇଗଲାଣି। ବିଶେଷତଃ ଏବେ ଆମ ଦେଶରେ ବାର୍ଦ୍ଧକ୍ୟଜନିତ ରୋଗ ଆଲଜେମର୍ ଓ ସ୍ମୃତିଭ୍ରଂଶର ପ୍ରାଦୁର୍ଭାବ ଏକ ଭୟାବହ ପରିବେଶ ସୃଷ୍ଟି କରିଛି। ପୁଣି ଯେଉଁସବୁ ପରିବାରରେ ବର୍ଷୀୟାନ୍ ବ୍ୟକ୍ତିମାନେ ଅଛନ୍ତି କିମ୍ବା ବୟସ୍କହେବାକୁ ଯାଉଛନ୍ତି, ସେପରି ପରିବାରରେ ଅନାଗତ ଆତଙ୍କର ମାନସିକତା ରାଜତ୍ୱ କରୁଛି।

ସ୍ମରଣର ସଫଳତା ବିଫଳତାର କାରଣ ଏଠାରେ ବିଚାର୍ଯ୍ୟ ନୁହେଁ। ବାସ୍ତବରେ ସ୍ମରଣ ସଂପର୍କିତ ମନସ୍ତାତ୍ତ୍ୱିକ ତଥ୍ୟ ଖୁବ୍ ଜଟିଳ ଓ ବ୍ୟାପକ। ଏକ ସୀମିତ ଲେଖାର କଳେବର ମଧ୍ୟରେ ଏହାର ଆଲୋଚନା ସମ୍ଭବ ନୁହେଁ। କିନ୍ତୁ ଏ କଥା ସତ ଯେ ସ୍ମରଣର ବିବିଧ ରୂପ ରହୁଛି ଏବଂ ଏଗୁଡ଼ିକର ବିକାଶ ଓ ବିଲୟର ଧାରା ସମାନ ନୁହେଁ। ଏହାର ତାତ୍ପର୍ଯ୍ୟ ହେଉଛି ଯେ ଗୋଟିଏ ପ୍ରକାର ସ୍ମରଣ ସାମଗ୍ରୀର ବିଲୟ ଘଟିଥିଲେ ମଧ୍ୟ ଅନ୍ୟପ୍ରକାର ସ୍ମରଣ ଅବ୍ୟାହତ ରହିଥାଏ। ସୁତରାଂ ଗୋଟିଏ ଧରଣର ବିସ୍ମରଣ ଘଟିଥିଲେ ମଧ୍ୟ ମଣିଷ ଅଯଥା ଆତଙ୍କିତ ହେବାର ବିଶେଷ କାରଣ ନାହିଁ।

ସ୍ମରଣର ବ୍ୟାପକ ପ୍ରକାରଭେଦ ରହିଛି। କିନ୍ତୁ ମୋଟାମୋଟି ଭାବରେ ଏହାକୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ। ସେଗୁଡ଼ିକ ହେଉଛି- ନିତିଦିନିଆ ସ୍ମୃତି, ଜ୍ଞାନଭିତ୍ତିକ ସ୍ମୃତି ଓ କୌଶଳଜ୍ଞାନଭିତ୍ତିକ ସ୍ମୃତି। ସ୍ମରଣ ପ୍ରକ୍ରିୟାର ଏ ତିନୋଟି ଝରକା ଖୋଲିବା ଓ ବନ୍ଦ ହେବା ନିୟମ ଭିନ୍ନ ଧରଣର।

ଆପଣ ଗତକାଲି ସକାଳେ ପ୍ରାତଃଭୋଜନ ସମୟରେ କ'ଣ ଖାଇଥିଲେ? ଗତ ରବିବାର ଦିନ କେଉଁ ସ୍ଥାନକୁ ବୁଲିଯାଇଥିଲେ? ସେଦିନ କେଉଁ ବନ୍ଧୁଙ୍କ ସହିତ ସାକ୍ଷାତ ହୋଇଥିଲା? ତାଙ୍କ ସହ କ'ଣ ସବୁ କଥାବାର୍ତ୍ତା ହୋଇଥିଲା? ଏପରି ସବୁ ଗତାନୁଗତିକ ଜୀବନର ଘଟଣା-କୈନ୍ଦ୍ରିକ ଅନୁଭବର କିଛି ଅଂଶ ମନେପଡ଼ିବ। ହୁଏତ ବହୁଅଂଶ ଆପଣ ମନେପକାଇ ପାରିବେ ନାହିଁ। ଏହାହେଉଛି ଦୈନନ୍ଦିନ ଜୀବନର ଘଟଣାକୈନ୍ଦ୍ରିକ ସ୍ମୃତି। ମୋଟମୋଟି ଭାବରେ ଘଟଣା ଘଟିବାର ୨୪ ଘଣ୍ଟା ମଧ୍ୟରେ ଏହାର ଅଧାଅଧି ବିସ୍ମୃତ ହୁଏ। ଅବଶିଷ୍ଟ ଅଂଶ ଧୀରେ ଧୀରେ ବିସ୍ମୃତ ହୁଏ। ସ୍ଥୂଳତଃ ଏପରି ନିତିଦିନିଆ ସ୍ମୃତିର ବିଲୟ ଖୁବ୍ ଦ୍ରୁତ। ଏଥିରେ ଆତଙ୍କିତ ହେବାର କିଛି ନାହିଁ।

ଅବଶ୍ୟ ଏହାର ଏକ ବ୍ୟତିକ୍ରମ ଅଛି। ଏହାକୁ ଫ୍ଲାସବଲ୍‌ବ ସ୍ମୃତି କୁହନ୍ତି। ମନେକରାଯାଉ ଆପଣଙ୍କୁ ପଚରାଗଲା- ଓଡ଼ିଶାରେ ମହାବାତ୍ୟା ଘଟିବା ଦିନ ଆପଣ କେଉଁଠି ଥିଲେ ଏବଂ କ'ଣ ଖାଇଥିଲେ? କିମ୍ବା ଜଣେ ତରୁଣ କିମ୍ବା ତରୁଣୀକୁ ପଚରାଗଲା; ତୁମର ବିବାହ ଉତ୍ସବରେ କେଉଁ କେଉଁ ବନ୍ଧୁ ବା ବାନ୍ଧବୀ ତୁମକୁ ଅଭିନନ୍ଦନ ଜଣାଇଥିଲେ? ଏହା ହୁଏତ ସ୍ପଷ୍ଟଭାବରେ ସ୍ମୃତିଭଣ୍ଡାରରେ ରହିଥିବ। ସୁତରାଂ ଗୋଟିଏ ସାମାନ୍ୟ ଘଟଣାକୁ ଅସାମାନ୍ୟ ପରିସ୍ଥିତି ସହ ଯୋଡ଼ିପାରିଲେ ସେପରି ମାମୁଲି ସ୍ମୃତି ମଧ୍ୟ ଅବିସ୍ମୃତ ରହିବ।

ଦ୍ୱିତୀୟ ଧରଣର ସ୍ମରଣ ସାମଗ୍ରୀ ହେଉଛି ଜ୍ଞାନଭିତ୍ତିକ ସ୍ମୃତି। ଗୋଟିଏ 'କଲମ'କୁ କଲମ କହିବା ବା ସ୍ମରଣ କରିବା ଏବଂ 'କମଳା'କୁ କମଳା କହିବା ଏ ଧରଣର ସ୍ମରଣପ୍ରକ୍ରିୟା। ଏହାର ବିଲୟ (ସ୍ମରଣ ବିଫଳତା) ମଧ୍ୟମ ମାତ୍ରାର ହୋଇଥାଏ। କ୍ରମାଗତ ଶିକ୍ଷଣ ଓ ଅଭ୍ୟାସ ମାଧ୍ୟମରେ ଏପରି ସ୍ମୃତି ବଳବତ୍ତର ରହେ।

ତୃତୀୟ ଧରଣର ସ୍ମରଣ ସାମଗ୍ରୀ ହେଉଛି କୌଶଳଜ୍ଞାନ। ସାଇକେଲ୍ କିପରି ବ୍ୟବହାର କରାଯିବ, କାର୍ ଚାଳନା ଏବଂ କମ୍ପ୍ୟୁଟର୍‌ର ବ୍ୟବହାର ସଂପର୍କିତ ସ୍ମୃତି ଏ ଧରଣର। ଏହାର ବିଲୟର ଗତି ଖୁବ୍ ମନ୍ଥର। ଦୀର୍ଘଦିନ ଧରି ସାଇକେଲ କିମ୍ବା କାର୍ ଚାଳନା ନ କରିବାରୁ ଲୋକଟି ମନେକରେ ଯେ ସେ ଭୁଲିଯାଇଛି। ମାତ୍ର ଏହା ଠିକ୍ ନୁହେଁ। ଆରମ୍ଭରେ କାର୍‌ଚାଳନା ଶିଖିବା ପାଇଁ ହୁଏତ ସମୁଦାୟ ୧୦୦ ଘଣ୍ଟା ଲାଗିଥିଲା। ମାତ୍ର ବର୍ତ୍ତମାନ ବିସ୍ମରଣ ଅନୁଭବ କରୁଥିବା ଲୋକଟି ମାତ୍ର ୧୫ଘଣ୍ଟାର ଅଭ୍ୟାସ ପରେ ପୂର୍ବ ସ୍ଥିତିକୁ ଫେରିଆସିବା ସମ୍ଭବ ହେବ। ସୁତରାଂ କାର୍‌ଚାଳନାର ସ୍ମୃତି ପ୍ରକୃତରେ ବିସ୍ମୃତ ହୋଇ ନ ଥିଲା; ସ୍ମରଣର ଏକପ୍ରକାର ବିଫଳତା ପରିଦୃଷ୍ଟ ହେଉଥିଲା। ଏ ପର୍ଯ୍ୟବେକ୍ଷଣର ଏକ ପ୍ରୟୋଗାତ୍ମକ ଦିଗ ହେଉଛି ଯେ କୌଶଳଜ୍ଞାନ ସଂପର୍କିତ ସ୍ମୃତିକୁ ଅତୁଟ ରଖିବା ପାଇଁ ମଝିରେ ମଝିରେ ଅଭ୍ୟାସର ଉପଯୋଗ କରିବା ଆବଶ୍ୟକ।

ସ୍ଥୂଳତଃ ନିତିଦିନିଆ ସ୍ମୃତି, ଜ୍ଞାନଭିତ୍ତିକ ସ୍ମୃତି ଓ କୌଶଳଭିତ୍ତିକ ସ୍ମୃତିର ବିଲୟର ମାତ୍ରାର ଭିନ୍ନ ଭିନ୍ନ ହୋଇଥିବାରୁ ଗୋଟିଏ ପ୍ରକାର ବିସ୍ମରଣକୁ ଅକ୍ଷମତା ବା ଅସାମର୍ଥ୍ୟର ଚିହ୍ନ ରୂପେ ବିଚାର କରିବା ଠିକ୍ ହେବ ନାହିଁ। ବୟସ ଅଧିକ ହେଲେ (ସାଧାରଣତଃ ୫୦ ବର୍ଷ ପରେ) ବ୍ୟକ୍ତିର ନାମ ଓ ସ୍ଥାନର ନାମ ପରି ନାମବାଚକ ବିଶେଷ୍ୟ ଭୁଲିଯିବାର ସମସ୍ୟାଟିକୁ ମାମୁଲି ବିଚାର କରି ସ୍ଥିର ରହିବା ପ୍ରୟୋଜନ।

ସ୍ମରଣର ବହୁବିଧ ଝରକା ପ୍ରସଙ୍ଗରେ ମସ୍ତିଷ୍କ ସଂପର୍କରେ ଗୋଟିଏ ଦୁଇଟି କଥା ଆମର ଜାଣିବା ଉଚିତ୍। ପ୍ରଥମତଃ, ପଚାଶବର୍ଷ ବୟସ ପରେ ମସ୍ତିଷ୍କର ଓଜନ ଧୀରେ ଧୀରେ କମିବାକୁ ଆରମ୍ଭ କରେ। ଏପରି ପ୍ରକ୍ରିୟା ପ୍ରାୟ ସମସ୍ତଙ୍କର ସ୍ମରଣ ସାଫଲ୍ୟକୁ କିଛି କିଛି ପ୍ରଭାବିତ କରିଥାଏ। ଦ୍ୱିତୀୟତଃ, ମସ୍ତିଷ୍କ ଆମର ସମସ୍ତପ୍ରକାର ବ୍ୟବହାରକୁ ନିୟନ୍ତ୍ରଣ କରେ। ସ୍ମରଣକୁ ମଧ୍ୟ ନିୟନ୍ତ୍ରଣ କରେ। କିନ୍ତୁ ବିଭିନ୍ନ ଧରଣର ସ୍ମରଣ ସାମର୍ଥ୍ୟ ପାଇଁ ମସ୍ତିଷ୍କର ସ୍ନାୟୁକେନ୍ଦ୍ରମାନ ପୃଥକ୍ ପୃଥକ୍ ରହିଛି। ଗୋଟିଏ ଉଦାହରଣ ଦ୍ୱାରା ଏହାକୁ ସ୍ପଷ୍ଟ କରାଯାଇପାରେ। ଥରେ ଜଣେ ତରୁଣ ତାଙ୍କର ମୋଟର ସାଇକେଲ୍‌ରେ ଦ୍ରୁତଗତିରେ କାର୍ଯ୍ୟସ୍ଥଳରୁ ଘରକୁ ଫେରୁଥିଲେ। ତାଙ୍କର ଏକ ବିରାଟ ଦୁର୍ଘଟଣା ଘଟିଲା। ତୁରନ୍ତ ତାଙ୍କୁ ଚିକିତ୍ସାଳୟକୁ ନିଆଗଲା ଏବଂ ସେ କିଛିଦିନ ପରେ ଠିକ୍ ହୋଇଗଲେ। ମାତ୍ର ଦେଖାଗଲା ଯେ ସେ ନିଜର କାର୍‌ଟି ଠିକ୍‌ରୂପେ ଚଳାଇପାରୁଥିଲେ ମଧ୍ୟ ଅତୀତରେ ତାଙ୍କ କାର୍‌ରେ କେଉଁମାନେ ଯାଇଥିଲେ, ତାହା ସ୍ମରଣ କରିପାରୁ ନାହାନ୍ତି। ସେହିପରି ସେ ବର୍ତ୍ତମାନ ଭଲ ରୂପେ ଚେସ୍ ଖେଳୁପାରୁଥିଲେ ମଧ୍ୟ ଅତୀତରେ କାହା ସହିତ ଖେଳିଛନ୍ତି, ତାହା ମନେପକାଇ ପାରୁନାହାନ୍ତି। ଏହାର ତାତ୍ପର୍ଯ୍ୟ ହେଉଛି ଯେ ମସ୍ତିଷ୍କର ନିତିଦିନିଆ ସ୍ମରଣ କେନ୍ଦ୍ର କ୍ଷତିଗ୍ରସ୍ତ ହେଲେ ମଧ୍ୟ କୌଶଳଜ୍ଞାନର ମସ୍ତିଷ୍କ କେନ୍ଦ୍ର ଠିକ୍‌ଠାକ୍ ରହିଛି। ସୁତରାଂ ଗୋଟିକର ବିପର୍ଯ୍ୟୟ ସବୁଦିଗର ବିପର୍ଯ୍ୟୟ ନୁହେଁ।

ପରିଶେଷରେ କୁହାଯିବ ଯେ ବୟସ୍କମାନଙ୍କ କ୍ଷେତ୍ରରେ ପରିଦୃଷ୍ଟ ହେଉଥିବା ପ୍ରକାଣ୍ଡ ସ୍ମୃତିଭ୍ରଂଶ ଅଧିକାଂଶ ସମୟରେ ବାର୍ଦ୍ଧକ୍ୟଜନିତ ରୋଗ ଆଲ୍‌ଜେମର୍ କାରଣରୁ ଘଟିଥାଏ। ତେବେ ସବୁବେଳେ ଆଲ୍‌ଜେମର୍ କାରଣ ନୁହେଁ। ଆମ ଶରୀରରେ ଯେପରି ରକ୍ତସଞ୍ଚାଳନ ସଂସ୍ଥା ରହିଛି, ଆମ ମସ୍ତିଷ୍କରେ ମଧ୍ୟ ଏକ ରକ୍ତସଞ୍ଚାଳନ ସଂସ୍ଥା ରହିଛି। ଏହି ସଂସ୍ଥା ମସ୍ତିଷ୍କକୁ ଅମ୍ଳଜାନ ଦେଇଥାଏ ଏବଂ ମସ୍ତିଷ୍କର ସକ୍ରିୟତା ପାଇଁ ଅମ୍ଳଜାନ ଜରୁରୀ। ଏହି ରକ୍ତସଞ୍ଚାଳନରେ କୌଣସି କାରଣରୁ ବାଧା ଉପୁଜିଲେ ସ୍ମରଣ କ୍ରିୟା ବ୍ୟାହତ ହୁଏ। ଏହାକୁ ଭାସ୍କୁଲାର୍ ସ୍ମୃତିଭ୍ରଂଶ କୁହନ୍ତି।

ଆମକୁ ମନେରଖିବାକୁ ଦେବ ଯେ ସ୍ମରଣର ଝରକା ବହୁବିଧ; ରୂପରେଖରେ ଭିନ୍ନତା ଅଛି। ସୁତରାଂ ଗୋଟିଏ ଧରଣର ସ୍ମୃତି ସମସ୍ୟାବିଜଡିତ ହେଲେ ଆତଙ୍କିତ ନ ହୋଇ ପ୍ରତିବିଧାନ କରିବା ଉଚିତ୍। ଗୋଟିଏ ଝରକାର ସମସ୍ୟା ସାମଗ୍ରିକ ସମସ୍ୟା ନୁହେଁ।

ଭୁବନେଶ୍ୱର, ମୋ: ୯୪୩୭୧୨୧୨୭୯

# ଶୈଶବର ନିର୍ବିକଳ୍ପ ପରିବାର

ଜଗନ୍ନାଥ ବେହେରା



ନିଷ୍ପାପ ଶିଶୁ, ହସ ହସ ମୁହଁ, ଖନି ଖନି କଥା, ପଡ଼ି ଉଠି ଚାଲି। ବୁଝେ ନାହିଁ ଖରାପ-ଭଲ ଭିତରେ ଅନ୍ତର। ଶତ୍ରୁ-ମିତ୍ର ଭେଦଭାବ। ଶିଶୁ ପାଇଁ ପିତାମାତା ଆଦି ଗୁରୁ, ଯିଏ ଶିଶୁକୁ ଚିହ୍ନାଇ ଦେଇଥାଏ କାଉ, କୋଇଲି, ଜହ୍ନ, ମାଛ, ଦାଦା, ଭାଇ ଇତ୍ୟାଦି। ପରିବାର ହେଉଛି ଦୀକ୍ଷା ଗୁରୁ, ଯିଏ ସଂସ୍କାର ଶିକ୍ଷା ଦିଏ। ସାଙ୍ଗସାଥୀ ହେଉଛନ୍ତି କର୍ଣ୍ଣଗୁରୁ, ଯେଉଁମାନେ ଭଲ, ମନ୍ଦ, ପାପ ପୁଣ୍ୟ ଓ ଅନେକ ଗୁପ୍ତ କଥା ଶିଖାଇ ଥା'ନ୍ତି, ଯାହା ପରିବାର ଶିକ୍ଷା ଦେଇ ପାରେ ନାହିଁ। ଗାଁ ପ୍ରକୃତି ଓ ପରିବେଶ ଶିଶୁର ଶାରୀରିକ ଓ ମାନସିକ ବୃଦ୍ଧିର ଗୁରୁ, ଯିଏ ଫଳନ୍ତି ଗଛର ସହିବା ଶକ୍ତି ଶିଖାଇ ଦିଏ, ଆକାଶରେ ଉଡ଼ିବାର ସ୍ୱପ୍ନ ଭରିଦିଏ। ପରେ ଆସନ୍ତି ବିଦ୍ୟା ଗୁରୁ, ଯିଏ କେବଳ କିଛି ଶବ୍ଦ ଚିହ୍ନିବାକୁ ଶିକ୍ଷା ଦିଅନ୍ତି।

ବର୍ତ୍ତମାନ କିନ୍ତୁ ଏ କ୍ରୂର ସମାଜ ଶିଶୁଙ୍କୁ ପାଠ ନାଁ ରେ ପରିବାର ଓ ପ୍ରକୃତିଠାରୁ ଛଡ଼ାଇ ନେଉଛି। ମଣିଷ ପାଠକୁ ହିଁ ମୁଖ୍ୟ ବାଟ ବୋଲି ଧରି ନେଇଛନ୍ତି। ବହି ବସ୍ତାନି ବିନା ସତେଯେମିତି ମଣିଷ ଅନ୍ଧାର ଭିତରକୁ ଚାଲିଯିବ। ଜନ୍ମ ନେଉ ନେଉ ହାତରେ ଖଡ଼ି ପଟା ଧରି ମୁଣ୍ଡୁଳା ବୁଲାଇ ଦେଇ ମଥାରେ ଚନ୍ଦନ ପରି ପୁଳାଏ ଲେସି ଦେଲେ ପିଲା ମହାଜ୍ଞାନୀ ସାଜି ବଡ଼ ଚାକିରି କରିବ। ଭବିଷ୍ୟତ ଉଜ୍ଜ୍ୱଳ ହେବ। ତିନି ବର୍ଷର ଶିଶୁ ବର୍ତ୍ତମାନ ବାଟିକାରେ ଅଙ୍ଗନୱାଡି କେନ୍ଦ୍ରରେ ଶିକ୍ଷକଙ୍କ ବେତ ଭୟରେ ଚୁପ ଚାପ୍ ବସି ରହି ନିଜ ଶରୀରର ଗଠନ ପ୍ରକ୍ରିୟାକୁ ନଷ୍ଟ କରିଦିଏ। ହସିବା, ବସିବା, ସାଙ୍ଗ ସାଥୀ ସଙ୍ଗରେ ବୁଲିବା, ଶବ୍ଦ ଶିଖିବା, ପ୍ରଜାପତି ଦେଖି କିଛି କଳ୍ପନା କରିବା, ପଶୁ ପକ୍ଷୀ ବୃକ୍ଷଲତାଠାରୁ କିଛି ଶିଖିବା ସମୟକୁ ବନ୍ଦୀଶାଳାରେ ବିତେଇ ଦେବାକୁ ଆମେ ବାଧ କରୁ। ଜେଜେ ମା', ଜେଜେ ବାପା, ଅଜା, ଆଇ ମୁହଁରୁ ଗପଟିଏ ଶୁଣାଇ ଶିଖିବାର ପ୍ରଥାକୁ ଛଡ଼ାଇ ନେଉ। ଅନେକ ଅବୁଝା ଶବ୍ଦ ଜବରଦସ୍ତ ଭରି କରି ଦେଉ। ହସ ଖୁସି ସମୟରେ ଆମେ ନିର୍ଯାତନା ଆରମ୍ଭ କରି ଦେଉ। ପଡ଼ିଶା ଘର ପିଲା ସହିତ ତୁଳନା କରି ଆମ ପିଲା ନିକଟରେ ଥିବା ସୃଜନଶୀଳ କ୍ଷମତାକୁ ଚାପି ଦେଉ।

ଆଜିର ସମୟହୀନ ଶିକ୍ଷିତ ପିତାମାତାଙ୍କ ପାଇଁ ଲକ୍ଷ ଲକ୍ଷ ପ୍ଲେ ସ୍କୁଲ ଗଢ଼ି ଉଠିଛି। କୋଚିଂ ସେଣ୍ଟର୍‌ଗୁଡ଼ିକ ଠିଆ ହୋଇ ଯାଇଛି। ନୈତିକ ଶିକ୍ଷାର ମୂଲ୍ୟବୋଧ ବଦଳରେ ସାର୍ଟିଫିକେଟର ମାନରେ ବାନ୍ଧି ଦିଆଯାଉଛି ଲୋକଙ୍କୁ। ଉଡ଼ାଜାହାଜ ତିଆରି କରିଥିବା ରାଇଟ୍ ଭାତୃଦ୍ୱୟ, ମାଧ୍ୟାକର୍ଷଣ ଶକ୍ତି ଆବିଷ୍କାର କରିଥିବା ନିଉଟନ୍, ଦୂରବୀକ୍ଷଣ ଯନ୍ତ୍ର ଉଦ୍‌ଭାବନ କରିଥିବା ଗାଲିଲିଓ କେଉଁ କଲେଜରେ ଇଞ୍ଜିନିୟର ପଢ଼ିଥିଲେ? ଭାସ୍କୋଡାଗାମାଙ୍କୁ କେଉଁ ପ୍ରାଧ୍ୟାପକ କଳାପଟାରେ ନକ୍ସା ଦେଖାଇ ପଢ଼ାଇ ଥିଲେ ଯେ ଭାରତ ବଙ୍ଗୋପସାଗର କୂଳରେ ଅବସ୍ଥିତ? ରେଡିଓ, ଟିଭି, ଘଣ୍ଟା ଆଦି ସୃଷ୍ଟି କରିଥିବା ବୈଜ୍ଞାନିକମାନେ କେଉଁ ବୟସରେ ବିଦ୍ୟାଳୟ ବାରଣ୍ଡା ଚଢ଼ିଥିଲେ? ଆଜିର ବାପା ମା' ପରିବାରଠାରୁ ପିଲାଙ୍କୁ ଅଲଗା କରି ଟଙ୍କା ଦେଇ ବିଭିନ୍ନ ହଷ୍ଟେଲରେ ଛାଡୁଛନ୍ତି। ସେତେବେଳେ କେଉଁଠି ହଷ୍ଟେଲ ଥିଲା? ପିଲାଙ୍କ ସ୍ୱାଧୀନତାକୁ ନିଜେ ବିକ୍ରି କରି ଦେଉଛନ୍ତି। ପାଠପଢ଼ାର ଚାପରେ ପିଲା ମାନସିକ ସ୍ତରରେ ଦୁର୍ବଳ ହେଇ ଯାଉଛି। ବର୍ତ୍ତମାନ ସମୟରେ ୩୫ ବର୍ଷ ବର୍ଗର ୬୦% ଲୋକ ମାନସିକ ସ୍ତରରେ ଦୁର୍ବଳ ହୋଇ ଯାଉଛନ୍ତି ବୋଲି ସର୍ଭେ କହୁଛି।

ପରିବାର ମଧ୍ୟରେ ରହୁଥିବା ବୈଦ୍ୟ ବିନା ପାଠରେ ନାଡ଼ି ଦେଖି ଡାକ୍ତର ପରି ରୋଗ ନିରୂପଣ କରି ପାରୁଥିଲେ। ଆଜି ବି ଅନେକ ଚାଷୀ ପରିବାରରେ ରହି ଦେଶକୁ ଅନ୍ନ ଦେବାରେ ସକ୍ଷମ। ଆଜି ମଧ୍ୟ ଅନେକ ଗାଁ ଗହଳିର ପିଲା ପରିବାର ମଧ୍ୟରେ ରହି ପାଠ ପଢ଼ି ବଡ଼ ଚାକିରି ଓ ଉଚ୍ଚ ପଦପଦବୀରେ ରହିଛନ୍ତି। ହଷ୍ଟେଲ ରହି ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରି ଯେଉଁ ପିଲା ଇଞ୍ଜିନିୟର ଡାକ୍ତର ହୋଇଛନ୍ତି, ତାଙ୍କୁ ଜଣେ ଶ୍ରେଣୀରେ ସେକେଣ୍ଡ ଡିଭିଜନ ରଖି ପାସ ହୋଇଥିବା ପିଲା ଆଇଏଏସ ପାଇ ଶାସନ କରୁଛନ୍ତି। ପରିବାର ମଧ୍ୟରେ ରହି ତୃତୀୟ ଡିଭିଜନରେ ପାସ କରିଥିବା ପିଲାଟି ମନ୍ତ୍ରୀ, ବିଧାୟକ ହୋଇ ଡାକ୍ତର, ଇଞ୍ଜିନିୟର, କଲେକ୍ଟର, ଫରେଷ୍ଟର, ଆରକ୍ଷୀ ଅଧିକ୍ଷକଙ୍କ ପରି ଲୋକଙ୍କୁ ଶାସନ କରୁଛି। ଏଥିରୁ ହଷ୍ଟେଲ ଓ ପରିବାର ମଧ୍ୟରେ ରହି ଶିକ୍ଷା ଲାଭ କରିଥିବା ବଡ଼ ଉଦାହରଣ କ'ଣ ମିଳିପାରିବ?

ଶିଶୁଙ୍କୁ ପରିବାରଠାରୁ ଅଲଗା କରିବା ପୂର୍ବରୁ ପିତାମାତା ହଜାରେ ଥର ଚିନ୍ତା କରନ୍ତୁ। ଜରାଶ୍ରମ ପରି ଶିଶୁଙ୍କୁ ଏକ ଅଲୋଡ଼ା ଶିଶୁ ଆଶ୍ରମକୁ ପଠାଇ ଦେଉ ନାହାନ୍ତି ତ? ବାହାରେ ରଖି ସାମାଜିକ ସଂସ୍କାର, ସାମାଜିକ ରୀତିନୀତି, ଚାଲିଚଳଣ, ବେଶପୋଷାକ, ମାନମର୍ଯ୍ୟାଦା, ସହନଶୀଳତା ଆଦି ଶିଶୁଠାରୁ କିପରି ଆଶା କରିବା? ଅନ୍ୟର ଦୁଃଖ, ସୁଖରେ ଛିଡ଼ା ହେବା, ପର୍ବପର୍ବାଣୀରେ ମିଳିମିଶି କାର୍ଯ୍ୟ କରିବା, ପରସ୍ପରକୁ ସାହାଯ୍ୟ ସହଯୋଗ କରିବା ଗୁଣ ଶିଶୁଠାରୁ କେମିତି ପାଇବା? ଆଜି ମଧ୍ୟ ସମୟ ଅଛି, ଶିଶୁଙ୍କୁ ପରିବାର ସହିତ ରହିବାକୁ ଦିଅନ୍ତୁ। ଆମକୁ ମନେ ରଖିବାକୁ ହେବ ଯେ ଶିଶୁ ପାଇଁ ପରିବାରର ବିକଳ୍ପ ନାହିଁ।

ନବରଙ୍ଗପୁର, ମୋ: ୯୪୩୭୭୮୫୧୫୮

# ବାଇଶି ପାହାଚର ଗଙ୍ଗାରୁଦ୍ଧ ଶିଳା

ସ୍ୱପ୍ନେଶ୍ୱର

ଲୋକକଥାରେ ଲୋକଦେବତା

ମହାପ୍ରଭୁ ଜଗନ୍ନାଥଙ୍କର ଅନନ୍ୟ ଭକ୍ତ ଗଙ୍ଗବଂଶୀ ମହାରାଜା ଭାନୁଦେବ ଥିଲେ ଜଣେ ଅଦ୍ଭୁତ ଖିଆଲର ମଣିଷ। ସେ ଖାଉଥିବା ଫଳମୂଳ ଓ ପରିବାକୁ ନ କାଟି ଏକ କନାରେ ପୂରେଇ ପଥର ବା କାଠରେ ପିଟି ଖଣ୍ଡ ଖଣ୍ଡ କରାଯାଉଥିଲା। ତାଙ୍କ ରୋଷେଇ ଘରେ ଶିଳ ନ ଥିଲା। ମସଲାକୁ ମଧ୍ୟ ପଥରରେ ଛେଚି ବ୍ୟବହାର କରା ଯାଉଥିଲା। ତେଣୁ ପ୍ରଜାମାନେ ତାଙ୍କୁ 'ଅକଟା ଅବଟା ଭାନୁଦେବ' ବୋଲି କୁହାକୁହି ହେଉଥିଲେ। ତାଙ୍କ ରାଜତ୍ୱ କାଳରେ ଶ୍ରୀମନ୍ଦିରରେ ଏକ ଅଦ୍ଭୁତ ଘଟଣା ଘଟିଲା। ବାଇଶିପାହାଚର ତଳପାହାଚରୁ ଗଣି ଆସିଲେ ସପ୍ତମପାହାଚରେ ହଠାତ୍ ପାଣିର ଏକ ଝରଣା ସୃଷ୍ଟି ହେଲା। ବଉଳ ମାଳ ପଥରରେ ନିର୍ମିତ ପାହାଚ ଫଟେଇ ସୃଷ୍ଟି ହୋଇଥିବା ପାଣିର ଝରଣା ଦେଖି ଯାତ୍ରୀ, ସେବକ ଓ କ୍ଷେତ୍ରବାସୀ ଆଶ୍ଚର୍ଯ୍ୟଚକିତ ହେଲେ। ମାଟି ଓ ପଥର ଦେଇ ଝରଣାକୁ ବନ୍ଦ କରିବା ପାଇଁ ଯେତେ ଚେଷ୍ଟା କଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ବରଂ ଝରଣାରୁ ବେଳକୁ ବେଳ ଅଧିକରୁ ଅଧିକ ପାଣି ବାହାରି ବଡ଼ଦାଣ୍ଡକୁ ଜଳମଗ୍ନ କଲା। ସେବକ ଓ ଯାତ୍ରୀମାନେ ମନ୍ଦିରକୁ ଯିବାରେ ଅସୁବିଧା ସୃଷ୍ଟି ହେଲା। ମନ୍ଦିର ଅପରିଷ୍କାର ହେଲା। ଠାକୁରଙ୍କ ସେବାରେ ବିଭ୍ରାଟ ସୃଷ୍ଟି ହେଲା। କ୍ଷେତ୍ରବାସୀ କୁହାକୁହି ହେଲେ ଯେ 'ସେବକମାନେ ମହାପ୍ରଭୁଙ୍କ ସେବାପୂଜାରେ ଅନ୍ୟାଚାର କରୁଛନ୍ତି। ଯାତ୍ରୀଙ୍କୁ ଶୋଷଣ କରୁଛନ୍ତି। ମହାପ୍ରଭୁ ଭୋକରେ ରହୁଛନ୍ତି। ପ୍ରଥମ ସେବକ ରାଜା ମଧ୍ୟ ଅନୀତି କରୁଛନ୍ତି। କେତେ ସହନ୍ତା କାଳିଆ? ମନ୍ଦିର ନିର୍ମାଣ ପୂର୍ବରୁ ନୀଳାଚଳ ପର୍ବତରେ ଅନେକ ଝରଣା ଥିଲା। ସେହି ଚିରସ୍ରୋତା ଝରଣାରୁ ଗୋଟେ ଖୋଲିଦେଲେ ସାଆନ୍ତେ।' ପୁଣି ଆଉ କିଏ କହିଲା, 'ପ୍ରଭୁଙ୍କ ନଖକୋଣରେ ଗଙ୍ଗା। ମନ୍ଦିରର ଅନୀତି ଅନ୍ୟାଚାର ଦେଖି ସାଆନ୍ତେ ରାଗିକି ଗଙ୍ଗାକୁ ଆଦେଶ ଦେଇଛନ୍ତି। ତାଙ୍କ ଆଜ୍ଞା ବିନା ଧାର ବନ୍ଦ କରିବ କିଏ?'

ଶେଷରେ ସମସ୍ୟା ସମାଧାନ ପାଇଁ ରାଜା ଅଖିଆ ଅପିଆ ଗର୍ଭଗୃହରେ ଗୁହାରିଆ ପଡ଼ିଲେ। ଦେବୀ ବିମଳାଙ୍କୁ ପ୍ରାର୍ଥନା କରିବା ପାଇଁ ମହାପ୍ରଭୁ ରାଜାଙ୍କୁ ସ୍ୱପ୍ନରେ ଆଦେଶ ଦେଲେ। ରାଜା ମାତା ବିମଳାଙ୍କ ମନ୍ଦିରରେ ଅଧିଆ ପଡ଼ିଲେ। ରାଜାଙ୍କ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ମାଆ ବିମଳା ଶୂନ୍ୟବାଣୀରେ କହିଲେ, 'ଆଜି ରାତି ଓ କାଲି ଦିନର ସନ୍ଧିକ୍ଷଣରେ ମନ୍ଦିରରୁ ବାହାରି ଦକ୍ଷିଣପୂର୍ବ ଦିଗରେ ଏକମୁହାଁ ହୋଇ ଚାଲି ଚାଲି ଛଦ୍ମବେଶରେ ଯିବୁ। ରାତି ପାହି ନ ଥିବ, ସକାଳ ହୋଇ ନ ଥିବ। ପ୍ରଭୁଙ୍କର ବିଷ୍ଣୁଗାୟତ୍ରୀ ପାଠ କରି କରି କୌଣସି ସ୍ଥାନରେ ନ ଅଟକି ବାଙ୍କି ମୁହାଣରେ ପହଞ୍ଚିବୁ। ସତ୍ୟଯୁଗରେ ରାଜା ଇନ୍ଦ୍ରଦ୍ୟୁମ୍ନ ଏକସହସ୍ର ଅଶ୍ୱମେଧ ଯଜ୍ଞ କଲା ପରେ ମହାପ୍ରଭୁଙ୍କ ଦିବ୍ୟଦାରୁ ସେଠାରେ ପ୍ରକଟ ହୋଇଥିଲେ। ସେଠାରେ ତୁ ଏକ ଦିବ୍ୟ ପଦାର୍ଥ ଦେଖିବାକୁ ପାଇବୁ। ତାକୁ ଆଣି ଝରଣା ମୁହଁରେ ରଖିଦେଲେ ସ୍ରୋତ ବନ୍ଦ ହୋଇଯିବ।'

ମାଆ ବିମଳାଙ୍କ ଆଦେଶମତେ ରାଜା ବାଙ୍କି ମୁହାଣରେ ପହଞ୍ଚିଲେ। ସେଠାରେ ଜଣେ ଲୋମଶ ସାଧୁ ମହୋଦଧି ପାଣିରେ ଭାସୁଥିବା ଏକ ପଥର ଚାରି ପଟେ ନାଚି ନାଚି ଗାଉଥିଲେ - 'ହରି ବୋଲ ଭାଇ ଗୋବିନ୍ଦ ବୋଲ, ଭାସିଲା ପଥର ବୁଡ଼ିଲା ସୋଲ।' ରାଜା ଲୋମଶ ସାଧୁଙ୍କ ଆଡ଼କୁ ଯିବା ବେଳକୁ ସାଧୁ ଅନ୍ତର୍ଦ୍ଧାନ ହୋଇଗଲେ। ରାଜା ଦେଖିଲେ ଯେ ଏକ ମାଙ୍କଡ଼ା ପଥର ପାଣିରେ ଭାସୁଥିଲା। ରାଜା ଭାବିଲେ ଯେ ମାଆଙ୍କ ନିର୍ଦ୍ଦେଶିତ ପଦାର୍ଥ ସେହି ପଥର। ସେ ପଥରକୁ ପାଟକନାରେ ଗୁଡ଼େଇ ମୁଣ୍ଡରେ ମୁଣ୍ଡେଇ ଶ୍ରୀମନ୍ଦିର ଅଭିମୁଖେ ଚାଲିଲେ। ରାସ୍ତାରେ ଗଲା ବେଳେ ଅନେକ ଚିନ୍ତା ତାଙ୍କ ମୁଣ୍ଡକୁ ଆସୁଥିଲା - 'ପାଣିରେ ଭାସୁଥିବା ଏ ପଥର ତ୍ରେତୟା ଯୁଗରେ ସେତୁବନ୍ଧ ନିର୍ମାଣରେ ବ୍ୟବହୃତ ହୋଇଥିବା ପଥରରୁ ଗୋଟେ ନୁହେଁ ତ? ସେ ଲୋମଶ ସାଧୁ ହନୁମାନ ମହାରାଜ ନୁହନ୍ତି ତ?' କୌଣସି ନିଷ୍କର୍ଷରେ ପହଞ୍ଚିବା ପୂର୍ବରୁ ସେ ମନ୍ଦିରରେ ପହଞ୍ଚି ସାରିଥିଲେ। ପଥରଟାକୁ ନେଇ ଝରଣା ମୁହଁରେ ରଖିଦେବା ପରେ ଝରଣା ବନ୍ଦ ହୋଇଗଲା। ସେବକମାନେ ରାଜାଙ୍କୁ ଚିହ୍ନି ପାରିଲେ। 'ଜୟଜଗନ୍ନାଥ' ଓ ରାଜାଙ୍କର ଜୟଘୋଷରେ ବଡ଼ଦାଣ୍ଡ କମ୍ପି ଉଠିଲା। ପଥର ଦ୍ୱାରା ଗଙ୍ଗାଙ୍କ ପ୍ରବାହ ବନ୍ଦ ହୋଇଥିବାରୁ ସେ ପଥରକୁ 'ଗଙ୍ଗାରୁଦ୍ଧ ଶିଳା' କୁହାଗଲା।

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ରାସ୍ତା ପାଇଁ କଂକ୍ରିଟ୍ ଉପରେ କଂକ୍ରିଟ୍ ଢଳେଇ



- ଘର ଅଗଣାରୁ ୨ ଫୁଟ ଉଚ୍ଚ ରାସ୍ତା
- ସମାଧାନ ପାଇଁ ପ୍ରଶାସନ ନିକଟରେ ଦାବି

**ଝାରସୁଗୁଡ଼ା,୩।୨(ସମିସ):** ଲଖନପୁର ବ୍ଲକ୍‌ର ଲଖନପୁର ପଞ୍ଚାୟତର ଲଖନପୁର ଗାଁ ମଧ୍ୟରେ ପୂର୍ବରୁ କଙ୍କ୍ରିଟ ରାସ୍ତା ଥିବା ସତ୍ତ୍ୱେ ପୁଣି କଙ୍କ୍ରିଟ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଗାଁ ମଧ୍ୟରେ ଥିବା ରାସ୍ତା ଉପରେ ପୁଣି ଦେଢ଼ ଫୁଟ ଉଚ୍ଚର କଙ୍କ୍ରିଟ ଢାଳି ରାସ୍ତା ନିର୍ମାଣ ଚାଲିଛି। ଠିକାଦାରଙ୍କ ଏପରି ଅଦୂରଦର୍ଶୀ ନିର୍ମାଣ କାର୍ଯ୍ୟ ଗ୍ରାମବାସୀଙ୍କ ମୁଣ୍ଡ ବିନ୍ଧାର କାରଣ ସାଜିଛି। ଜନସାଧାରଣଙ୍କ ସୁବିଧା ପାଇଁ ରାସ୍ତା ନିର୍ମାଣ ହୁଏ। ଅଥଚ ଲଖନପୁର ଗାଁରେ ରାସ୍ତା ନିର୍ମାଣ, ଲୋକଙ୍କ ଘର ସାମ୍ନାରେ କଂକ୍ରିଟ ଭଳି ସ୍ଥାୟୀ ସମସ୍ୟା ସୃଷ୍ଟି କରିଛି। କାହା ଘର ସମ୍ମୁଖରେ ୨ ଫୁଟ ତ କାହାର ୩ ଫୁଟର ରାସ୍ତା। ଏପରି ତ୍ରୁଟିପୂର୍ଣ୍ଣ ରାସ୍ତା ନିର୍ମାଣ ହେଉଥିବାରୁ ଘରୁ ବାହାରିବା ପାଇଁ ଗ୍ରାମବାସୀଙ୍କୁ ଅସୁବିଧାର ସାମ୍ନା କରିବାକୁ ହେଉଛି। ଗ୍ରାମବାସୀ ଏହାକୁ ବିରୋଧ କରୁଥିବା ବେଳେ ଲଖନପୁର ସରପଞ୍ଚ, ସ୍ଥାନୀୟ ବିଧାୟକ କିମ୍ବା ଜିଲ୍ଲା ପ୍ରଶାସନର ଏହା ଦୃଷ୍ଟିଗୋଚର ହେଉନାହିଁ। ଏପରି ଅପରିପକ୍ୱ ସରକାରୀ ଯନ୍ତ୍ରୀ ଅଧିକାରୀ ତଥା ନିର୍ମାଣକାରୀ ସଂସ୍ଥାର ମନମୁଖୀ ପାଇଁ ସ୍ଥାନୀୟ ଜନସାଧାରଣଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ପୂର୍ବରୁ ଥିବା କଙ୍କ୍ରିଟ ରାସ୍ତାକୁ ନ ଖୋଳି ଘର ଅଗଣାରୁ ୩ ଫୁଟ ଉଚ୍ଚ କଙ୍କ୍ରିଟ ରାସ୍ତା ନିର୍ମାଣକୁ ଗ୍ରାମବାସୀ ନାପସନ୍ଦ କରିଛନ୍ତି। ଲଖନପୁର ବ୍ଲକ୍ ମୁଖ୍ୟାଳୟ ମାତ୍ର ଏକ କିମି ଦୂରତାରେ ଏଭଳି ବିକୃତ ରାସ୍ତା କାର୍ଯ୍ୟ ଏବଂ ନିର୍ମାଣକାରୀ ସଂସ୍ଥା ପକ୍ଷରୁ ମନଇଚ୍ଛା କାର୍ଯ୍ୟ ହେଉଥିବା ବେଳେ କିପରି କୌଣସି ଅଧିକାରୀଙ୍କ ଦୃଷ୍ଟି ପଡିନାହିଁ ତାହା ସମସ୍ତଙ୍କୁ ଚକିତ କରିଛି। ଅଳ୍ପ କାମ ହୋଇଥିବା ଏହି ରାସ୍ତାକୁ ତୁରନ୍ତ ଉଠାଇ ଲୋକଙ୍କୁ ସୁବିଧା ହେବା ପରି ରାସ୍ତା ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ଏଭଳି ମନମୁଖୀ କାର୍ଯ୍ୟକୁ ପ୍ରଶ୍ରୟ ଦେଉଥିବା ସରକାରୀ ଅଧିକାରୀ ଏବଂ ରାସ୍ତା ନିର୍ମାଣ କରୁଥିବା ସଂସ୍ଥା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ସ୍ଥାନୀୟ ଅଞ୍ଚଳରେ ମତ ପ୍ରକାଶ ପାଇଛି।

## ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ



**ଝାରସୁଗୁଡ଼ା,୩।୨(ସମିସ):** ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମଙ୍ଗଳବାର ଲଇକେରା ବ୍ଲକ୍ ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ତଦାରଖ ଏବଂ ସମୀକ୍ଷା କରିଛନ୍ତି। ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ପ୍ରଥମେ ଲଇକେରା ସ୍ଥିତ ନୀଳକଣ୍ଠେଶ୍ୱର ଶିବ ମନ୍ଦିର, କଲ୍ୟାଣ ମଣ୍ଡପ, ସାପ୍ତାହିକ ବଜାର, ଶ୍ମଶାନ ଓ ଖୋଲା ବ୍ୟାୟାମଶାଳା, ଆଭ୍ୟନ୍ତରୀଣ ଖେଳ ପଡିଆ ଆଦି କାର୍ଯ୍ୟର ସମୀକ୍ଷା ଓ ତଦାରଖ କରଥିଲେ। ସମସ୍ତ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସାରିବାକୁ ଲଇକେରା ବିଡିଓ ଜର୍ଜ ଡୁଙ୍ଗଡୁଙ୍ଗଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳଙ୍କ ଏହି ସମୀକ୍ଷା ଓ ତଦାରଖ କାର୍ଯ୍ୟ ସମୟରେ ବିଡିଓ ଡୁଙ୍ଗଡୁଙ୍ଗଙ୍କ ସମେତ ବହୁ ବ୍ଲକ୍‌ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଗୁରୁ ଭଗବାନ ସାହୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବିପତ୍ର



**ବରଗଡ଼,୩।୨(ସମିସ):** ଗୁରୁ ଭଗବାନ ସାହୁ ସ୍ମୃତି କମିଟି ପକ୍ଷରୁ ଗୁରୁ ଭଗବାନ ସାହୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାହୋଇଛି। ପଶ୍ଚିମ ଓଡ଼ିଶା ଭାଷା କଳା ସଂସ୍କୃତିର ପ୍ରଚାରକ ଗୋଟିଏ ଦିନରେ ନୂଆଁଖାଇ ପାଳନ ପଛର ମହାନାୟକ ଲୋକ ମହୋତ୍ସବର ଜନକ ଗୁରୁ ଭଗବାନ ସାହୁଙ୍କ ସ୍ମୃତିରକ୍ଷା ଦାବିପତ୍ର ଉଦ୍ଦେଶ୍ୟ ରହିଛି। ସହରର ଏକ ମୁଖ୍ୟ ସ୍ଥାନରେ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ସହିତ ଆଲୋଚନା କରି ଖୁବ ଶୀଘ୍ର ପଦକ୍ଷେପ ନିଆଯିବାକୁ ଅତିରିକ୍ତ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଦାବିପତ୍ର ପ୍ରଦାନ ସମୟରେ ସ୍ମୃତି କମିଟି ସଭାପତି ଦଧିବାବନ ଶତପଥୀ, ସମ୍ପାଦକ ତୁଳସୀ ଚରଣ ଦାଶ, ସହ ସମ୍ପାଦକ ଡ.ଯଶବୀର ସିଂ ସୈନୀ, କୋଷାଧ୍ୟକ୍ଷ ଅଚ୍ୟୁତାନନ୍ଦ ବାରିକ, ଉପଦେଷ୍ଟା କୃଷ୍ଣ ଚନ୍ଦ୍ର ପଣ୍ଡା, ଲୁଲୁରବିନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଓ ଭାଗବତ କଥାମୃତ କାର୍ଯ୍ୟକ୍ରମ

**ଝାରବନ୍ଧ,୩।୨(ସମିସ):** ଝାରବନ୍ଧ ବଜାର ପଡାରେ ଆଧ୍ୟାତ୍ମିକ ପରିବେଶରେ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଏବଂ ଭାଗବତ କଥାମୃତ କାର୍ଯ୍ୟକ୍ରମ ଭକ୍ତିଭାବ ଓ ଆଡମ୍ବରର ସହ ମହାସମାରୋହରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ସ୍ଥଳୀରେ ଭକ୍ତମଣ୍ଡଳୀଙ୍କ ବିଶେଷ ଭିଡ଼ ଦେଖାଯାଇଥିଲା। ଛତିଶଗଡର ପ୍ରସିଦ୍ଧ ଧାର୍ମିକ ପ୍ରବଚକ ପ୍ରମୋଦ ଗୁରୁ ପ୍ରବଚନ ଦେଇ ଭାଗବତ ମହିମା, ଧର୍ମ, ସଂସ୍କାର ଓ ମାନବ ଜୀବନର ଆଦର୍ଶ ଉପରେ ଆଲୋକପାତ କରିଥିଲେ। ପୁରନ୍ଦର ସାହୁ ଓ ଯୋଗୀରାମ ସାହୁ ସପତ୍ନୀକ ଯଜ୍ଞ କାର୍ଯ୍ୟରେ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ରାଜ ସାହୁ, ଦୀନବନ୍ଧୁ ସାହୁ, ସୁରେଶ ସାହୁ, ଦିବ୍ୟ ପାଣ୍ଡେ ଓ ପଦ୍ମଲୋଚନ ମାଝୀଙ୍କ ସମେତ ପଡାବାସୀ ସହଯୋଗ କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ୫ ସ୍ମାର୍ଟ ଅଙ୍ଗନବାଡ଼ି କେନ୍ଦ୍ର ଉଦ୍‌ଘାଟିତ

**ଝାରସୁଗଡ଼ା,୩।୨(ସମିସ):** ଅଙ୍ଗନବାଡ଼ି କେନ୍ଦ୍ର ମାନଙ୍କୁ ଅତ୍ୟଧିକ ଜ୍ଞାନକୌଶଳ କେନ୍ଦ୍ରରେ ପରିଣତ କରିବା ପାଇଁ ଭାରତୀୟ ଷ୍ଟେଟ ବ୍ୟାଙ୍କ ଓ ସର୍ବୋତ୍ତମ ସୋସିଆଲ ଆର୍ଗାନାଇଜେସନ ମିଳିତ ସହଯୋଗରେ ଝାରସୁଗୁଡ଼ା ଜିଲ୍ଲାରେ ୫ଟି ସ୍ମାର୍ଟ ଅଙ୍ଗନବାଡି କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଅତ୍ୟାଧୁନିକ ସ୍କୁଲ ମାନଙ୍କ ପରି ସ୍ମାର୍ଟ ଅଙ୍ଗନବାଡି କେନ୍ଦ୍ରରେ ପରିଣତ କରିବା ଏହାର ଉଦ୍ଦେଶ୍ୟ ରହିଛି। ଏଥିପାଇଁ ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ବ୍ଲକ୍ ଅଧୀନ ଟାଙ୍ଗରପାଲି, ଅର୍ଡା, ଆମପଡା, ପାଇକପଡା, ଧୁବେନ ବୁଡରେ ପ୍ରାୟ ୫ଟି ଅଙ୍ଗନବାଡି କେନ୍ଦ୍ରକୁ ବିଭିନ୍ନ ପ୍ରକାର ଖେଳ ଉପକରଣ, ସ୍ମାର୍ଟ ଟିଭି, ଆକ୍ୱାଗାର୍ଡ, ବିଭିନ୍ନ ପ୍ରକାର ବହି ଓ ପାଠ ଉପକରଣ ଆଦି ପ୍ରଦାନ କରାଯାଇଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ଓ ମହିଳା କଲ୍ୟାଣ ଅଧିକାରୀ ଜୟନ୍ତୀ ଗଡତିଆ ଓ ବିଭିନ୍ନ ବ୍ଲକ୍‌ର ସିଡିପିଓ, ଅଙ୍ଗନବାଡି ସୁପରଭାଇଜର, ଭାରତୀୟ ଷ୍ଟେଟ ବ୍ୟାଙ୍କର ଆଞ୍ଚଳିକ ଶାଖାର ଆର୍ଥିକ ସାମିଲିକରଣ ପ୍ରବନ୍ଧକ ପ୍ରଦୀପ ଲୁଗୁନ୍ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦିକା ଶ୍ରାବଣୀ ରାୟ, ପୂନମ ନାୟକ ପ୍ରମୁଖ ପରିଚାଳନା କରିଥିଲେ।



## ୨୪ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ଝାରସୁଗୁଡ଼ା,୩।୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ଅଧୀନ କଦମଡିହି ପଞ୍ଚାୟତ ପରିସିଆଁ ଗାଁରେ ଜାନୁଆରୀ ୩୦ରୁ ଆରମ୍ଭ ହୋଇଥିବା ଶ୍ରୀଶ୍ରୀ ୨୪ ପ୍ରହର ଅଖଣ୍ଡ ଅହୋରାତ୍ର ନାମଯଜ୍ଞ ମଙ୍ଗଳବାର ନଗର ଭ୍ରମଣ, ଦଧିଭାଣ୍ଡ ଭଞ୍ଜନ, ପ୍ରସାଦ ସେବନ ସହ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର କଳସ ଶୋଭାଯାତ୍ରା ପରେ ଶୁଭ ଅଧିବାସ ସହିତ ଅଖଣ୍ଡ ନାମଯଜ୍ଞର ଶୁଭାରମ୍ଭ କରାଯାଇଥିଲା। ଶନିବାରରୁ ବିଭିନ୍ନ ସଙ୍କୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ନାମଗୁଞ୍ଜନ କରାଯାଇଥିବା ବେଳେ ମଙ୍ଗଳବାର ପୂର୍ଣ୍ଣାହୁତି, ନଗର ଭ୍ରମଣ, ଦଧିଭଞ୍ଜନ ପରେ ନାମଯଜ୍ଞର ସମାପନ ହୋଇଥିଲା। ନଗର ଭ୍ରମଣରେ ଅଞ୍ଚଳର ୧୩ଟି ସଙ୍କୀର୍ତ୍ତନ ଦଳ ସାମିଲ ହୋଇଥିଲେ। ନାମଯଜ୍ଞ ଅବସରରେ ସୋମବାର ଛପନ ଭୋଗ ଲାଗି କରାଯିବା ସହିତ ବୈଷ୍ଣବ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନାମଯଜ୍ଞର ପୂର୍ଣ୍ଣାହୁତି, ନଗରଭ୍ରମଣ ଓ ଦଧିଭାଣ୍ଡଭଞ୍ଜନରେ ହଜାର ହଜାର ଭକ୍ତ ସାମିଲ ହୋଇଥିଲେ। ଆୟୋଜକ ପରସିଆଁ ଗ୍ରାମବାସୀଙ୍କ ତରଫରୁ ସମସ୍ତ ଭକ୍ତବୃନ୍ଦଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା।

## ବରଗଡ଼ରେ 'ଭାରତ ବୁଟ୍ ହାଉସ୍'ର ମେଗା ସୋ'ରୁମ୍ ଉଦ୍‌ଘାଟିତ



**ବରଗଡ଼,୩।୨(ସମିସ):** ବରଗଡ଼ ସହରର ବାଣିଜ୍ୟିକ ଇତିହାସରେ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡିବାକୁ ଯାଉଛି ସହରର ସର୍ବ ପୁରାତନ ଜୋତା ପ୍ରତିଷ୍ଠାନ 'ଭାରତ ବୁଟ୍ ହାଉସ୍'। ସହରର ବରୋଦା ବ୍ୟାଙ୍କ ସମ୍ମୁଖରେ ମଙ୍ଗଳବାର ଏହି ପ୍ରତିଷ୍ଠାନର ଅତ୍ୟାଧୁନିକ ମେଗା ସୋରୁମ୍ ଉଦ୍‌ଘାଟିତ ହୋଇଛି। ଆଜିର ଉତ୍ସବରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ସୋରୁମ୍ ଉଦ୍‌ଘାଟନ କରିଥିଲେ। ଭାରତ ବୁଟ୍ ହାଉସ୍ ୧୯୮୦ରେ ବରଗଡ଼ ସହରର ଏକ କ୍ଷୁଦ୍ର ଦୋକାନରୁ ଆରମ୍ଭ ହୋଇଥିଲା। ସୀମିତ ସମ୍ବଳ ଏବଂ କଠିନ ପରିଶ୍ରମକୁ ପାଥେୟ କରି ଧୀରେ ଧୀରେ ନିଜର ପରିଚୟ ସୃଷ୍ଟି କରିଥିଲା। ଆଜି ପ୍ରାୟ ୪୫ ବର୍ଷ ପରେ, ସେହି ପୁରାତନ ଦୋକାନଟି ଏକ ବିଶାଳ ମେଗା ସୋରୁମ୍‌ର ରୂପ ନେଇଛି। ପାରମ୍ପରିକ ବିଶ୍ୱାସ ସହିତ ଏଠାରେ ଉଚିତ୍ ମୂଲ୍ୟରେ ଉନ୍ନତ ମାନର ସାମଗ୍ରୀ ଯୋଗାଇ ଦେବାକୁ କର୍ତ୍ତୃପକ୍ଷ ପ୍ରତିଶ୍ରୁତିବଦ୍ଧ। ଆଜିର ଉତ୍ସବରେ ସହରର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି, ବ୍ୟବସାୟୀ ସଂଘର ସଦସ୍ୟ ଏବଂ ବହୁ ସଂଖ୍ୟାରେ ଗ୍ରାହକ ଉପସ୍ଥିତ ଥିଲେ।

## ନିଃଶୁଳ୍କ ଚିକିତ୍ସା କରୁଥିବା ଡାକ୍ତର



**ବରଗଡ଼,୩।୨(ସମିସ):** ଅନେକ ଲୋକ ଉଚ୍ଚ ଶିକ୍ଷିତ ହୋଇ ଚାକିରି କଲାପରେ ସେମାନଙ୍କ ସ୍ୱଭାବରେ ପରିବର୍ତ୍ତନ ଦେଖା ଯାଇଥାଏ। ନିଜର ଜନ୍ମମାଟି ତ ଦୂର କଥା ଜନ୍ମ କରିଥିବା ମା' ବାପାଙ୍କୁ ଭୁଲି ଯାଇଥାନ୍ତି। ହେଲେ ମେଲଛାମୁଣ୍ଡା ମାଟିର ଜଣେ ସୁଯୋଗ୍ୟ ସନ୍ତାନ ଭାବେ ଡ.କମଳାକାନ୍ତ ଭୋଇ ଜଣେ ପ୍ରତିଷ୍ଠିତ ଡାକ୍ତର ହୋଇ ସୁଦ୍ଧା ପ୍ରତି ମାସ ଶେଷ ରବିବାର ନିଜ ଗାଁକୁ ଆସିଥାନ୍ତି; କେବଳ ଶହ ଶହ ରୋଗୀଙ୍କୁ ନିଃଶୁଳ୍କ ଚିକିତ୍ସା କରିବାକୁ।

ବରଗଡ଼ ଜିଲ୍ଲା ମେଲଛାମୁଣ୍ଡା ଗାଁରେ ଡ.କମଳାକାନ୍ତ ଭୋଇଙ୍କ ଜନ୍ମ। ହାଇସ୍କୁଲ ଯାଏଁ ଗାଁ ସ୍କୁଲରେ ହିଁ ପାଠ ପଢ଼ିଥିଲେ। ପରେ ନିଜ ଅଧ୍ୟବସାୟରୁ ସମ୍ବଲପୁର ଗଙ୍ଗାଧର ମେହେର କଲେଜରୁ ବିଜ୍ଞାନରେ ଉଚ୍ଚ ମାଧ୍ୟମିକ ଶିକ୍ଷା ଓ ବୁର୍ଲାର ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜରୁ ଏମବିବିଏସ୍ ଏବଂ ଏମଡି (ଜେନେରାଲ ମେଡିସିନ୍) ଡିଗ୍ରୀ ହାସଲ କରିଥିଲେ। ୧୯୯୭ରେ ଓଡ଼ିଶାର ଏକ ପଛୁଆ ଗ୍ରାମୀଣ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡାକ୍ତର ଭାବେ ଚାକିରି ଜୀବନ ପ୍ରାରମ୍ଭ କରିଥିଲେ। କଲିକତା ବିଶ୍ୱବିଦ୍ୟାଳୟର ଆଇପିଜିଏମଇଆରର ବାଙ୍ଗୁର ଇନଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁରୋଲୋଜିରେ ପୋଷ୍ଟ ଡକ୍ଟରାଲ୍ ଡିଏମ୍ (ନ୍ୟୁରୋଲୋଜି) ପୂର୍ବରୁ ନୂଆଦିଲ୍ଲୀର ସ୍ୱୟଂଶାସିତ ଆଇଏଚବିଏଏସରେ ନ୍ୟୁରୋଲୋଜିରେ ତାଲିମ ନେଇଥିଲେ। ଉଚ୍ଚଶିକ୍ଷିତ, ଦକ୍ଷ ଡାକ୍ତର କମଳାକାନ୍ତ ବର୍ତ୍ତମାନ ରାୟପୁରର ଶ୍ରୀ ବାଲାଜୀ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ୍‌ରେ ପରାମର୍ଶଦାତା ନ୍ୟୁରୋଲୋଜିଷ୍ଟ ଏବଂ ସହଯୋଗୀ ପ୍ରଫେସର ଭାବେ କାର୍ଯ୍ୟରତ। ଷ୍ଟ୍ରୋକ୍ ଉପରେ ଗବେଷଣା ତାଙ୍କ ସଫଳତାର ଏକ ମାଇଲଖୁଣ୍ଟ। ବହୁମୁଖୀ ପ୍ରତିଭା ଓ ଅଭିଜ୍ଞତା ବଳରେ ଡ.କମଳାକାନ୍ତ ଛତିଶଗଡ ନ୍ୟୁରୋସାଇଣ୍ଟିଷ୍ଟ ଆସୋସିଏସନ୍‌ର ସଚିବ ପଦରେ ଅଭିସିକ୍ତ ତଥା ରାୟପୁରରେ ଜେସିଆଇ ମେଡିକୋସିଟି, ଇଣ୍ଡିଆନ୍ ଏକାଡେମୀ ଅଫ୍ ନ୍ୟୁରୋଲୋଜି, ଇଣ୍ଡିଆନ୍ ମେଡିକାଲ୍ ଆସୋସିଏସନ୍, ୱାର୍ଲ୍ଡ ପାର୍କିନସନ ଡିଜିଜ୍ ଆଣ୍ଡ ମୁଭମେଣ୍ଟ ଡିସଅର୍ଡର ଏବଂ ଆମେରିକୀୟ ଏକାଡେମୀ ଅଫ୍ ନ୍ୟୁରୋଲୋଜିର ସଦସ୍ୟ। ଏହାଛଡ଼ା ସେ ବର୍ତ୍ତମାନ ରାୟପୁରରେ ଉତ୍କଳ ସଂସ୍କୃତି ପରିଷଦର ସଭାପତି, ଛତିଶଗଡରେ ଉତ୍କଳ ମହାସଭାର କାର୍ଯ୍ୟନିର୍ବାହୀ ସଦସ୍ୟ, ଜଗନ୍ନାଥ ମନ୍ଦିର ଏବଂ ରାୟପୁରରେ ଶ୍ରୀ ବାଲାଜୀ ମନ୍ଦିରର ଟ୍ରଷ୍ଟି ରହିଛନ୍ତି।

## ୧୫ରେ ଶତାୟୁ ସମ୍ମାନ କାର୍ଯ୍ୟକ୍ରମ




**ବରଗଡ଼,୩।୨(ସମିସ):** ଆସନ୍ତା ଫେବୃଆରୀ ୧୫ରେ ମହାଦେବଙ୍କ ଜାଗର ଯାତ୍ରା ଓ ମହାଶିବରାତ୍ରି ମହୋତ୍ସବକୁ ବରଗଡ଼ ସହରର ଡ.ରାମକୃଷ୍ଣ ପୁରୋହିତ ଓ ତାଙ୍କ ଧର୍ମପତ୍ନୀ ମମତା ପୁରୋହିତ ଦ୍ୱିତୀୟ ଥର ପାଇଁ ଶତାୟୁ ପୁରୁଷ ଓ ମହିଳାଙ୍କୁ ପୂଜାର୍ଚ୍ଚନା କରି ମହାଶିବରାତ୍ରି ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବରଗଡ଼ର ହେଲଥ ଏଜୁକେସନ ଫାଉଣ୍ଡେସନ ଓ ପୁରୋହିତ ଜେନେରାଲ ହସ୍ପିଟାଲ ତରଫରୁ ଶତାୟୁ ଟ୍ରାଏ ଟୁ ଲିଭ ହଣ୍ଡ୍ରେଡ ଇୟର୍ସ ଏଭଳି ସଚେତନତା ବାର୍ତ୍ତା ନେଇ ପଣ୍ଡିତଙ୍କ ମହାମୃତ୍ୟୁଞ୍ଜୟ ମନ୍ତ୍ର, ଶଙ୍ଖ ବାଦ୍ୟ ତାଳେ ତାଳେ ପଶ୍ଚିମଓଡ଼ିଶାର ଅନେକ ଶତାୟୁ ମହିଳା ଓ ପୁରୁଷଙ୍କୁ ଫୁଲ, ଚନ୍ଦନ ସହ ପୂଜାର୍ଚ୍ଚନା କରି ସେମାନଙ୍କଠାରୁ ଆଶୀର୍ବାଦ ନେବେ। ଆଧୁନିକ ଯୁଗର ଖାଦ୍ୟପେୟରୁ ଦୂରେଇ ପ୍ରକୃତିରୁ ମିଳୁଥିବା ଫଳମୂଳ, କନ୍ଦା, ବିନା ରାସାୟନିକ ଯୁକ୍ତ ଖାଦ୍ୟ ଖାଇ ନିରାମୟ ଜୀବନ ବିତାଉଥିବା ଶତାୟୁ ବ୍ୟକ୍ତିଙ୍କ ଜୀବନ ଉପରେ ଅଧିକ ଗବେଷଣା କରାଯାଇପାରିବ। ଏଥିପାଇଁ ଆଜି ପୁରୋହିତ ଜେନେରାଲ ହସ୍ପିଟାଲ ସମ୍ମିଳନୀ କକ୍ଷରେ ଶତାୟୁ ସମ୍ମାନ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସାମ୍ବାଦିକ ରଞ୍ଜନ ଦେବତାଙ୍କ ସଂଯୋଜନାରେ ହେଲଥ ଏଜୁକେସନ ଫାଉଣ୍ଡେସନ ଓ ପୁରୋହିତ ଜେନେରାଲ ହସ୍ପିଟାଲର ମୁଖ୍ୟ ପରିଚାଳକ ଡ.ରାମକୃଷ୍ଣ ପୁରୋହିତ ଓ ତାଙ୍କ ଧର୍ମପତ୍ନୀ ମମତା ପୁରୋହିତ ଶତାୟୁ ସମ୍ମାନ ଉତ୍ସବର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ସୂଚନା ଦେଇଥିଲେ। ଆସନ୍ତା ୧୫ ତାରିଖ ବରଗଡ଼ ସହର ବିଜୁ ପଟ୍ଟନାୟକ ଟାଉନ ହଲଠାରେ ଏହି ଶତାୟୁ ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଦେବଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ, ବରଗଡ଼, ବଲାଙ୍ଗିର, ସୋନପୁର, କଳାହାଣ୍ଡି, ନୂଆଁପଡା ଜିଲ୍ଲାର ଶତାୟୁ ପୁରୁଷ ଓ ମହିଳା ଆଧାର କାର୍ଡ ଓ ଭୋଟ ପରିଚୟ ଦେଇ ଶତାୟୁ ସମ୍ମାନ ପାଇଁ ୯୪୩୭୦୫୪୪୦୩ ଓ ୯୮୬୧୦୦୬୧୦୦ରେ ହ୍ୱାଟ୍ସଆପ ନମ୍ବରକୁ ପଠାଇବେ। ଶତାୟୁ ବ୍ୟକ୍ତିଙ୍କୁ ମନୋନୀତ କରିବା ପରେ ସେମାନଙ୍କୁ ସମ୍ମାନିତ କରାଯିବ। ଫେବୃଆରୀ ୧୨ ସନ୍ଧ୍ୟା ସୁଦ୍ଧା ଶତାୟୁ ବ୍ୟକ୍ତି ନିଜର ପରିଚୟ ସହିତ ସମ୍ମାନ ପାଇଁ ଆବେଦନ କରିବେ। ଶେଷରେ ଅନୁଷ୍ଠାନର ସମ୍ପାଦକ ରାଜକିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପଦ୍ମପୁର ସ୍ପୋର୍ଟ୍ସ ଆସୋସିଏସନ୍ ଗଠିତ

**ପଦ୍ମପୁର,୩।୨(ସମିସ):** ପଦ୍ମପୁର ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ପଦ୍ମପୁରର ବିଶିଷ୍ଟ ପୂର୍ବତନ ଖେଳାଳି ଏବଂ ଖେଳପ୍ରେମୀ ମାନଙ୍କର ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ପଦ୍ମପୁର ସ୍ପୋର୍ଟସ ଆସୋସିଏସନ୍ ନାମରେ ଏକ କମିଟି ଗଠନ କରାଯାଇଥିଲା। ସର୍ବସମ୍ମତି କ୍ରମେ ସଭାପତି ଭାବେ ଡ.ପ୍ରଭାତ ନାରାୟଣ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ପ୍ରତାପ ମିଶ୍ର, ଉପସଭାପତି ସଚ୍ଚିଦାନନ୍ଦ ବହିଦାର ଏବଂ ବିଦେଶୀ ସାହୁ, ସାଧାରଣ ସମ୍ପାଦକ ଚିନ୍ମୟ ପଣ୍ଡା, କୋଷାଧ୍ୟକ୍ଷ ସଞ୍ଜୀବ ମାଝୀ, କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଅଶୋକ କାଲସାଏ, ନରେଶ ବାରିକ, ପ୍ରଦୀପ ଜାଲ୍, ନରେନ୍ଦ୍ର ସାହୁ, ଡ.ନାରାୟଣ ପୁରୋହିତ, ରସପାଲ୍ ସିଂ ଖେରା, ଚନ୍ଦ୍ରମଣି ସାହୁ, ସରୋଜ ମିଶ୍ର, ନିରୋଜ ସିହ୍ନା, ନରୋତ୍ତମ ପଧାନ, ପ୍ରଦୀପ ପାତ୍ର, ଶିରିଷ ସାହୁ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ବୈଠକରେ ଆଗାମୀ ଫେବୃଆରୀ ୧୨, ୧୩, ୧୪, ୧୫ରେ ହେବାକୁ ଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନ ପାଇଁ ଆଲୋଚନା ହୋଇଥିଲା। ଶେଷରେ ସମ୍ପାଦକ ଚିନ୍ମୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଗଣ୍ଡା ସମାଜର ବାର୍ଷିକ ସମୀକ୍ଷା ବୈଠକ

**ଝାରବନ୍ଧ,୩।୨(ସମିସ):** ଲକ୍ଷେଘର ଗଣ୍ଡା ସମାଜ, ଝାରବନ୍ଧ ବ୍ଲକ୍‌ର ସମୀକ୍ଷା ବୈଠକ ବ୍ଲକ୍ ସଭାପତି ଭୋଜରାଜ ବାଗଙ୍କ ସଭାପତିତ୍ୱରେ ଆମ୍ବେଦକର ଭବନ ନିର୍ମାଣ ସ୍ଥଳରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମାଜର ସଂଗଠନାତ୍ମକ କାର୍ଯ୍ୟକଳାପ, ପାରମ୍ପରିକ ସାମାଜିକ ରୀତିନୀତି ସମ୍ବନ୍ଧୀୟ ନୀତିନିୟମ ଇତ୍ୟାଦି ବିଷୟରେ ଆଲୋଚନା ହୋଇଥିଲା। ସମାଜର ଐକ୍ୟ ଓ ପାରମ୍ପରିକ ପରିଚୟ ରକ୍ଷା ପାଇଁ ସଚେତନତା ବଢ଼ାଇବାକୁ ମତ ପ୍ରକାଶ ପାଇଥିଲା। ସଦସ୍ୟମାନେ ଧର୍ମ ପରିବର୍ତ୍ତନ ସମ୍ବନ୍ଧୀୟ ବିଷୟ ଉଠାଇ ସମାଜର ଅଧିକାର, ସାମାଜିକ ପରିଚୟ ଓ ସରକାରୀ ସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଭାରତୀୟ ସମ୍ବିଧାନ ଆଧାରରେ ଗଣ୍ଡା ଜାତିର ବ୍ୟକ୍ତି ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିଥିବା ପରିବାରର ସାମାଜିକ ସ୍ଥିତି ଓ ସରକାରୀ ନୀତି ସମ୍ପର୍କରେ ସ୍ପଷ୍ଟତା ଆଣିବା ଆବଶ୍ୟକତା ଥିବା କଥା ଉଲ୍ଲେଖ ହୋଇଥିଲା।

ଯେଉଁମାନେ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିଛନ୍ତି ସେମାନେ ଅନୁସୂଚିତ ଜାତି ବର୍ଗର ସରକାରୀ ଫାଇଦାରୁ ବାଦ ଦେବା ପାଇଁ ଜିଲ୍ଲା ପ୍ରଶାସନଙ୍କୁ ଅବଗତ କରିବା ଏବଂ ସେହି ଖ୍ରୀଷ୍ଟିଆନ ପରିବାର ଗୁଡ଼ିକୁ ଚିହ୍ନଟ କରିବା ପାଇଁ ପ୍ରସ୍ତାବ ହୋଇଥିବା ସୂଚନା ରହିଛି। ଏ ନେଇ ସଚେତନତା ମୂଳକ ଦିଗଦର୍ଶନ ଦେବା ପ୍ରସଙ୍ଗରେ ମତ ପ୍ରକାଶ ପାଇଥିଲା। ଆମ୍ବେଦକର ଭବନ ନିର୍ମାଣ କାର୍ଯ୍ୟକୁ ଶୀଘ୍ର ସମାପ୍ତ କରିବା ପାଇଁ ସମାଜର ପ୍ରତ୍ୟେକ ପରିବାର ପକ୍ଷରୁ ଆର୍ଥିକ ସହଯୋଗ ଦେବାକୁ ପ୍ରସ୍ତାବ ହୋଇଥିଲା। ବ୍ଲକ୍ ସମ୍ପାଦକ ରସିକ କୁମ୍ଭାର, ସଂଯୋଜକ ସାମନ୍ତ ଶେଖର ମୁନା, ଉପଦେଷ୍ଟା ଭରତ ମହାନନ୍ଦ, ଅଙ୍ଗଦ ମୁଙ୍ଗୁରି, ଗହଳକୁମ୍ଭାରଙ୍କ ସମେତ ସମସ୍ତ ପଞ୍ଚାୟତର ସଭାପତି ସମ୍ପାଦକ, ସଭ୍ୟ ଉପସ୍ଥିତ ଥିଲେ। ସର୍ବସମ୍ମତି କ୍ରମେ ଉପଦେଷ୍ଟା କମିଟିର ସଭାପତି ଭାବେ ବିନୋଦ ବିହାରୀ ବାଗଙ୍କୁ ମନୋନୀତ କରାହୋଇଥିଲା।

## ସରସରା ସରକାରୀ ହାଇସ୍କୁଲର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ




**ବରଗଡ଼,୩।୨(ସମିସ):** ସରକାରୀ ଉଚ୍ଚ ବିଦ୍ୟାଳୟ ସରସରାର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ସ୍କୁଲ ପରିସର ଠାରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ତଥା ବିଶିଷ୍ଟ କବି ରୋହିତ ଦାଶ ଯୋଗ ଦେଇଥିଲେ। କ୍ରୀଡାବିତ ନାଟ୍ୟ ନିର୍ଦ୍ଦେଶକ ତଥା ଅବସରପ୍ରାପ୍ତ ଅଧ୍ୟାପକ ସନ୍ତୋଷ ପଣ୍ଡା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅତିଥି ମାନଙ୍କୁ ଫୁଲତୋଡା ଓ ଉତ୍ତରୀୟ ଦେଇ ସମ୍ମାନିତ କରା ଯାଇଥିଲା। ସ୍କୁଲର ପ୍ରଧାନଶିକ୍ଷକ ପ୍ରବୋଧ ଦାଶ ଏଥିରେ ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ଶିକ୍ଷକ ପ୍ରଦେଶୀ ବାରିକ ମଞ୍ଚ ପରିଚାଳନା କରିଥିଲେ। କବି ଶ୍ରୀ ଦାଶ ସ୍କୁଲ ପାଠାଗାରକୁ ତାଙ୍କ ଦ୍ୱାରା ଲିଖିତ କିଛି ମୂଲ୍ୟବାନ ପୁସ୍ତକ ପ୍ରଦାନ କରିଥିଲେ। ମଞ୍ଚାସୀନ ଅତିଥି ମାନଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶିକ୍ଷକ ସୁଦାମ ଚରଣ ସା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଓଡ଼ିଆ ସଂସ୍କୃତି ଆଧାରିତ କୀର୍ତ୍ତନ ନୃତ୍ୟ ଛାତ୍ର ମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା। ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଅମୀୟ ଭୋଇ, ଭକ୍ତରାମ ଦଣ୍ଡସେନା, ସବିତା ପାଣିଗ୍ରାହୀ ତଥା ଶୋଭାରାଣୀ ପ୍ରଧାନ ପରିଚାଳନା କରିଥିଲେ।

### ଝାରବନ୍ଧରେ ସଡ଼କ ସୁରକ୍ଷା ଜାଗରଣ

## ପୁଲିସ, ଅଗ୍ନିଶମ ଓ ବନ ବିଭାଗର ଏକତ୍ର ସଚେତନତା ଯାତ୍ରା

**ଝାରବନ୍ଧ,୩।୨(ସମିସ):** 'ଟ୍ରାଫିକ ନିୟମ ମାନନ୍ତୁ, ଜୀବନ ବଞ୍ଚାନ୍ତୁ' ବାର୍ତ୍ତା ଦେଇ ଝାରବନ୍ଧ ଥାନା ପକ୍ଷରୁ ଝାରବନ୍ଧ ଟାଉନ୍ ଅଞ୍ଚଳରେ ଏକ ବ୍ୟାପକ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଥାନା ଅଧିକାରୀ ଶୁକ୍ରା ମାଢ଼ିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଯାଇଛି। ଏହି ଅଭିଯାନରେ ପୁଲିସ ବିଭାଗ ସହ ଅଗ୍ନିଶମ ବିଭାଗ, ବନ ବିଭାଗ ଓ ସ୍ଥାନୀୟ ଜନସାଧାରଣ ସଂଯୁକ୍ତ ଭାବେ ଅଂଶଗ୍ରହଣ କରିଥିଲେ। ଏହି ସମୟରେ ଯାନ ଚାଳକମାନଙ୍କୁ ହେଲମେଟ ପିନ୍ଧିବା, ସିଟ୍ ବେଲ୍ଟ ବ୍ୟବହାର, ଅତ୍ୟଧିକ ବେଗରେ ଯାନ ଚଳାଇବାରୁ ବିରତ ରହିବା ସହିତ ମଦ୍ୟପାନ କରି ଯାନ ଚଳାଇବା ନିଷେଧ ସମ୍ପର୍କରେ ସଚେତନ କରାଯାଇଥିଲା। ରାସ୍ତାରେ ଚଳାଚଳ ସମୟରେ ମୋବାଇଲ ଫୋନ ବ୍ୟବହାର ନ କରିବାକୁ କୁହାଯାଇଥିଲା। ସଚେତନତା ଅଭିଯାନରେ ଝାରବନ୍ଧ ଥାନା ଅଧିକାରୀ ଶୁକ୍ରା ମାଢ଼ି, ଏଏସଆଇ କୌଶିକ ସାହୁ, ଗୟାରାମ ଷଣ୍ଢ, ଅଗ୍ନିଶମ ବିଭାଗର ଓଆଇସି କୃଷ୍ଣଚନ୍ଦ୍ର ଶବର, ବନ ବିଭାଗର ଫରେଷ୍ଟର ଗିରିରାଜ କୁମ୍ଭାର ପ୍ରମୁଖଙ୍କ ସମେତ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।



## ସାପ କାମୁଡ଼ାରେ ନାବାଳିକା ମୃତ

କେସିଙ୍ଗା, ୩।୨(ସମିସ): କେସିଙ୍ଗା ବ୍ଲକ ଡୁଭେଲା ପାଣ୍ଡି ଟାଙ୍ଗର ଗ୍ରାମରେ ବିଷଧର ସାପ କାମୁଡ଼ାରେ ଜଣେ ୫ ବର୍ଷର ନାବାଳିକାର ମୃତ୍ୟୁ ଘଟିଛି। ଟାଙ୍ଗର ଗ୍ରାମର ଜୟଧନ ମାଝୀଙ୍କ ଝିଅ ସେବିକା ମାଝୀ ଘର ପାଖରେ ଥିବା ବିଲକୁ ବରକୋଳି ତୋଳିବା ପାଇଁ ଯାଇଥିଲା। ସେହି ସମୟରେ ବର ଗଛ ପାଖରେ ଥିବା ଏକ ବିଷଧର ସାପ ତାକୁ କାମୁଡ଼ି ଦେବାରୁ ସେବୀକା ସେହିଠାରେ ପଡ଼ିଯାଇଥିଲା। ପରିବାରଲୋକ ସେବିକାକୁ ଜିଲ୍ଲା ମେଡ଼ିକାଲକୁ ନେଇଥିଲେ ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ।

● ଚାଷୀଙ୍କ ପାଇଁ ଚିନ୍ତାରେ ଚିନ୍ତାମଣି

## ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପ କାର୍ଯ୍ୟରେ ଅନିୟମିତତା

ଜୟପାଟଣା, ୩।୨(ସମିସ): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ମୁଖୀଗୁଡା ଉପର ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପରେ ହେଉଥିବା ଦୁର୍ନୀତି ଅଭିଯୋଗରେ ଅଗରଣ ଅନଶନ ଦେଇଥିଲେ ସମାଜିକ କର୍ମୀ ଚିନ୍ତାମଣି କୁମାର। ଚାଷୀଙ୍କ ପାଇଁ ଚିନ୍ତା କରିଛନ୍ତି ଚିନ୍ତାମଣି, ମଙ୍ଗଳବାର ମୁଖୀଗୁଡ଼ା ମୁଖ୍ୟ ନିର୍ମାଣ ଯନ୍ତ୍ରୀ କାର୍ଯ୍ୟାଳୟ ସମ୍ମୁଖରେ ମହାତ୍ମା ଗାନ୍ଧୀଙ୍କ ଫୋଟୋ ରଖି ଅନଶନରେ ବସିଥିଲେ। ଶ୍ରୀ କୁମାରଙ୍କ ଅଭିଯୋଗ ଅନୁଯାୟୀ ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପରେ ପ୍ରତି ଖରିଫ ଓ ରବି ଋତୁରେ ମୁଖ୍ୟ କେନାଲ ଠାରୁ ଆରମ୍ଭ କରି ମାଇନର ଓ ସବମାଇନର କେନାଲ ଗୁଡ଼ିକରେ କେନାଲ ମରାମତି, ରକ୍ଷଣାବେକ୍ଷଣ କାର୍ଯ୍ୟରେ ବହୁ ଅନିୟମିତତା ଓ ନିମ୍ନମାନର କାର୍ଯ୍ୟ ହେଉଥିବା ଦାବି କରିଛନ୍ତି। ବିନା ସୂଚନା ଫଳକ ଓ ନିମ୍ନମାନର କାମ କରି କୋଟି କୋଟି ଟଙ୍କାର ଦୁର୍ନୀତି ହେଉଥିବା ଅଭିଯୋଗ କରିଛନ୍ତି। କାର୍ଯ୍ୟସ୍ଥଳରେ ସୂଚନାଫଳକ ରହୁନାହିଁ ଯାହାଫଳରେ ଚାଷୀ କିମ୍ବା ଜନ ସାଧାରଣ କାମ ବିଷୟରେ ଜାଣି ପାରୁନାହାନ୍ତି ଫଳରେ କାମ କରୁଥିବା ଠିକାଦାର ନିଜ ମନ ଇଚ୍ଛା କାମ କରୁଛନ୍ତି ଅନ୍ୟପକ୍ଷରେ ଉକ୍ତ କାମଗୁଡ଼ିକ ମଧ୍ୟ ବିଭାଗୀୟ ଅଧିକାରୀମାନେ ନିୟମ ଅନୁଯାୟୀ ତଦାରଖ କରୁନାହାନ୍ତି ବୋଲି ଅଭିଯୋଗ ଆଣିଛନ୍ତି। ଏହାସହ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀ ବହୁ କାମ କରୁଥିବା ବେଳେ ସର୍ଟ ଟେଣ୍ଡରରେ ବହୁ ଅର୍ଥ ହେରଫେର ଓ ଟେଣ୍ଡରରେ ମଧ୍ୟ ପ୍ରତିଯୋଗିତା ନହୋଇ କେବଳ ନିର୍ଦ୍ଦିଷ୍ଟ ବ୍ୟକ୍ତିମାନେ କାମ ପାଉଥିବା ଭଳି ଅଭିଯୋଗ କରିଛନ୍ତି ଚିନ୍ତାମଣି। ଅନଶନ ଦେଉଥିବା ସ୍ଥାନରେ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଜଗନ୍ନାଥ ନାଏକ, ଜୟପାଟଣା ଥାନା ଅଧିକାରୀ ଅର୍ଚ୍ଚନା ନାୟକ ପ୍ରମୁଖ ଯାଇ ଆଲୋଚନା କରିବା ସହ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ଲିଖିତ ଭାବେ ଦେଲା ପରେ ଅନଶନରୁ ହଟିଥିଲେ ଚିନ୍ତାମଣି।

## କାଣିଗୁମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଥୁଆମୂଳରାମପୁର, ୩।୨(ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ କାଣିଗୁମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବପାଳିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶିବ ଶଙ୍କର ରାଏଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ତପିମଣୀ ଜାନୀ ସମ୍ମାନିତ ଅତିଥି ଭାବେ ବିଡିଓ ଧ୍ରୁବ ଚରଣ ମୁଦୁଲି, ବ୍ଲକ ଯୋଗାଣ ନିରୀକ୍ଷକ ବିଭୁ ରଞ୍ଜନ ସାହୁ ଏବଂ ସିଆର୍‌ସିସି ହେମନ୍ତ କୁମାର ଲୁହାର ଉପସ୍ଥିତ ଥିବାବେଳେ ଥୁଆମୂଳରାମପୁର ମା'ମାଣିକେଶ୍ୱରୀ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ଆମନ୍ତ୍ରିତ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ସହ ଉତ୍ସବର ଶୁଭାରମ୍ଭ ହୋଇଥିଲା। ମଞ୍ଚରେ ଅବିଭୁଷିତ ଅତିଥି ଗଣ ଛାତ୍ରଛାତ୍ରୀଙ୍କ ଶିକ୍ଷା, ନୀତିମୂଲ୍ୟ ଓ ସଂସ୍କୃତିମୂଳକ ଅଭିରୁଚି ବିକାଶ ଉପରେ ଗୁରୁତ୍ୱ ଦେଇ ଉଦ୍‌ବୋଧନ ଦେଇଥିଲେ। ପରେ ଛାତ୍ରଛାତ୍ରୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।ପୂର୍ବରୁ ଆୟୋଜିତ ବାର୍ଷିକ କ୍ରୀଡ଼ା ଉତ୍ସବ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷା, କ୍ରୀଡା ଓ ସଂସ୍କୃତି କ୍ଷେତ୍ରରେ ସଫଳ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।ମଞ୍ଚ ପରିଚାଳନା କରିଥିଲେ ସୁଧାଂଶୁ ଶେଖର ମହାପାତ୍ର। ଶିକ୍ଷକ ସୁବାସ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## କବି ରାଜେନ୍ଦ୍ର ପାଢ଼ୀଙ୍କ ବିୟୋଗରେ ଶୋକ



ମ.ରାମପୁର, ୩।୨(ସମିସ): ଯୁଗ ଯାତ୍ରୀ ସାହିତ୍ୟ ସଂସଦ ପକ୍ଷରୁ କବି ରାଜେନ୍ଦ୍ର କୁମାର ପାଢ଼ୀଙ୍କ ବିୟୋଗରେ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ପଦ୍ମ ଲୋଚନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକ ସଭାରେ ସମ୍ପାଦକ ପ୍ରାରମ୍ଭିକ ସୂଚନା ଦେବା ସହିତ ସଭା ପରିଚାଳନା କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ପାଢ଼ୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ନୀରବ ପ୍ରାର୍ଥନା କରାଯାଇଥିଲା। ସହ ସମ୍ପାଦକ ପରମାନନ୍ଦ ବିଶି, ବରିଷ୍ଠ ସଦସ୍ୟ ପବନ ମହାଲିକ, ସୁଶାନ୍ତ ମିଶ୍ର, ରଜନୀକାନ୍ତ ମହାଖୁଡ, ସତ୍ୟ ନାରାୟଣ ସାହୁ, ସାମ୍ବାଦିକ ଉଦ୍ଧବ ପଣ୍ଡା, ସଦସ୍ୟ ଜଳେଶ୍ୱର ହେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଛାତ୍ରଛାତ୍ରୀଙ୍କ ଖେଳ ପଡ଼ିଆରେ ପିଚୁ ପ୍ଲାଣ୍ଟ

କଳମପୁର, ୩।୨(ସମିସ)



ବିଦ୍ୟାଳୟ ଲାଗି ସଂରକ୍ଷିତ ଖେଳ ପଡ଼ିଆ ମଧ୍ୟ ଜମି ମାଫିଆଙ୍କ କବଳରୁ ବର୍ତ୍ତି ପାରୁନାହିଁ। ବିଡ଼ମ୍ବନା ଯେ ସେହି ସ୍ଥାନରେ ପିଚୁ ପ୍ଲାଣ୍ଟ ନିର୍ମାଣ ହୋଇ କାର୍ଯ୍ୟକ୍ଷମ ହେବାକୁ ବସି ଥିବା ବେଳେ କେହି ମଧ୍ୟ ପ୍ରତିବାଦ କରୁ ନାହାନ୍ତି। ଏପରି କି ଏନ୍‌ଓସି ଦେବାକୁ ମଧ୍ୟ ପଛାଇ ନାହାନ୍ତି। ଏମିତି ଘଟଣା କଳାହାଣ୍ଡି ଜିଲ୍ଲା କଳମପୁର ତହସିଲ ଅନ୍ତର୍ଗତ ପାତ୍ରବସା ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ କଳମପୁର ତହସିଲ ଅନ୍ତର୍ଗତ ପାତ୍ରବସା ହାତୀ ନଦୀ ବ୍ରିଜ ନିକଟରେ ଏକ ପିଚୁ ପ୍ଲାଣ୍ଟ ଗଢି ଉଠିଛି। ଏହି ସ୍ଥାନ ସରକାରଙ୍କ ଅଧୀନରେ ରହିଥିବା ବେଳେ ଏହାକୁ ପାତ୍ରବସା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଖେଳକୁଦ କରିବା ଲାଗି ସଂରକ୍ଷିତ ରଖିଥିଲେ। ଏହି ସ୍ଥାନ ବିଦ୍ୟାଳୟ ଠାରୁ ଦୂରରେ ଥିଲେ ମଧ୍ୟ ଛାତ୍ରଛାତ୍ରୀଙ୍କ ଖେଳକୁଦ ଲାଗି ବିଦ୍ୟାଳୟ ପରିସରରେ ସ୍ଥାନନ ଥିବାରୁ ଏହାକୁ ସଂରକ୍ଷିତ ରଖାଯାଇ ଥିଲା। ସେହି ଠାରେ କୋକସରା ଅଞ୍ଚଳର ଜନୈକ ବ୍ୟକ୍ତି ପିଚୁ ପ୍ଲାଣ୍ଟ ନିର୍ମାଣ କରିଛନ୍ତି। ପ୍ରଶ୍ନ ଉଠୁଛି ସେହି ସ୍ଥାନରେ ପିଚୁ ପ୍ଲାଣ୍ଟ ନିର୍ମାଣ ପାଇଁ କିଏ ଅନୁମତି ଦେଲା। ଉକ୍ତ ପ୍ଲାଣ୍ଟ ପାତ୍ରବସା ବ୍ରିଜ ନିକଟରେ ନିର୍ମିତ ହୋଇଥିବା ବେଳେ ସେଠାରେ ଗାଁ ଶ୍ମଶାନକୁ ଯିବା ରାସ୍ତା ରହିଛି। ପିଚୁ ପ୍ଲାଣ୍ଟ ପାଇଁ ସେହି ରାସ୍ତାର ଚିହ୍ନବର୍ଣ୍ଣ ଦେଖିବାକୁ ମିଳୁ ନାହିଁ। ହାତୀ ନଦୀରୁ ଉଠା ପାନୀୟ ଜଳ ଯୋଗାଣ ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ସେଠାରେ ଏକ ଟାଙ୍କି ନିର୍ମିତ ହୋଇଛି, କେତେକ ଗଛ କାଟି ଦେଇ ଏସବୁ ନିର୍ମାଣ କରାଯାଇ ଥିବା ବେଳେ ସରକାରୀ ଭାବେ ଲଗା ଯାଇଥିବା ବିପୁଳ ସଂଖ୍ୟକ ଆମ୍ବ ଗଛରେ ବଉଳ ଧରିଛି।ଏସବୁ ଏବେ ବିପଦ ପଥକୁ ଟାଣି ହୋଇଯିବା ଯଥେଷ୍ଟ ସମ୍ଭାବନା ରହିଛି। ପ୍ରଶ୍ନ ଉଠେ ଏଠାରେ ପଥରକ୍ୱାରି ନ ଥାଇ କେମିତି ପିଚୁ ପ୍ଲାଣ୍ଟ ନିର୍ମାଣ କରାଗଲା।ଏଠାରେ ଏଭଳି ବଡକାମ ନାହିଁ ଯେ ଯାହାକି ପିଚୁ ପ୍ଲାଣ୍ଟର ଆବଶ୍ୟକ ପଡ଼ିବ। ଏଠାରୁ ଉତ୍ପାଦିତ ସାମଗ୍ରୀ ତେବେ କେଉଁ ଅଞ୍ଚଳକୁ ଚାଲାଣ ହେବ, ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏହି ପିଚୁ ପ୍ଲାଣ୍ଟ ପାଇଁ ହାତୀ ନଦୀର ଜଳ ପ୍ରଦୂଷଣ ହେବା ଆଶଙ୍କାରେ ଖଙ୍ଗାରଗୁଡା ଗ୍ରାମବାସୀ ତୀବ୍ର ବିରୋଧ କରୁଛନ୍ତି। ଏପଟେ ଯାତାୟାତର ପ୍ରମୁଖ ରାସ୍ତା ନିକଟରେ ଏହି ପ୍ଲାଣ୍ଟ ନିର୍ମିତ ହୋଇ ଥିବାରୁ ପଥଚାରୀମାନେ ମଧ୍ୟ ଏହା ଦ୍ୱାରା ପ୍ରଭାବିତ ହେବା ଆଶଙ୍କା ରହିଛି। କୋକସରା ଅଞ୍ଚଳର ଏହି ପ୍ଲାଣ୍ଟ ମାଲିକ ଜୟପାଟଣା ଅଞ୍ଚଳରେ ଏକ କ୍ରସର ସ୍ଥାପନ କରିଥିବା ବେଳେ ସେଠାରେ ଗତବର୍ଷ ବିସ୍ଫୋରକ ଜବତ ହୋଇଥିବା ଘଟଣା କାହାରିକୁ ଅଛପା ନାହିଁ। ତାଙ୍କ ପିଛାରେ ଜମି ବିବାଦ ମଧ୍ୟ ରହିଥିବା କୁହାଯାଉଛି।ସରକାର ପ୍ରଦ୍ୟୁଷଣ ନେଇ ନାନାଦି କଟକଣା ଜାରି କରିଥିବା ବେଳେ ଏହା ବାୟୁ ସହିତ ଜଳ ପ୍ରଦୂଷଣ କରିବା ଘଟଣାକୁ ଅଣଦେଖା କରାଯାଇ ନ ପାରେ। ଏନେଇ ବିଭିନ୍ନ ବିଭାଗ ସହିତ ଯୋଗାଯୋଗ କଲେ ମଧ୍ୟ କେହି ମୁହଁ ଫିଟାଉ ନ ଥିବାରୁ କୌଣସି ପ୍ରତିକ୍ରିୟା ମିଳି ନ ଥିବା ବେଳେ ଜନ ସାଧାରଣରେ ଭିଜିଲାନ୍ସ ତଦନ୍ତ ପାଇଁ ଦାବି ହେଉଛି।

● ଏନଓସି ଦେଲା କିଏ
● ଜଳବାୟୁ ପ୍ରଦୂଷଣ ଆଶଙ୍କା
● ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପ୍ରଭାବିତ

## ଶିଶୁସେବିକା ଚୟନରେ ଅନିୟମିତତା ଅଭିଯୋଗ

ଧର୍ମଗଡ଼, ୩।୨(ସମିସ): ଧର୍ମଗଡ଼ ବ୍ଲକ ଗୋଡ଼ିଆଜୋର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିଶୁ ସେବୀକା ଚୟନ ରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଛି।ଏନେଇ ଧର୍ମଗଡ଼ ଉପଜିଲ୍ଲାପାଳ ନିକଟରେ ଗ୍ରାମବାସୀ ଦ୍ୱାରସ୍ଥ ହୋଇଛନ୍ତି।ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ ପ୍ରାକ୍ ପ୍ରାଥମିକ ପାଠପଢ଼ାକୁ ଗୁଣାତ୍ମକ କରିବା ଲାଗି ରାଜ୍ୟ ସରକାର ଗୁରୁତ୍ୱ ଦେଇ ସ୍କୁଲରେ ଶିଶୁ ବାଟିକା ଖୋଲିଛନ୍ତି।ଏହି ସବୁ ଶିଶୁ ବାଟିକାରେ 'ଶିଶୁ ସେବିକା' ନିୟୋଜିତ କରାଯିବାର ବ୍ୟବସ୍ଥା ରହିଛି।ସରକାର ପ୍ରାଥମିକ ବିଦ୍ୟାଳୟମାନଙ୍କରେ ଶିଶୁ ବାଟିକା ଖୋଲିଛନ୍ତି। ଶିଶୁ ବାଟିକା ଥିବା ସରକାରୀ ବିଦ୍ୟାଳୟମାନଙ୍କରେ ଶିଶୁ ସେବିକା ନିଯୁକ୍ତି ଦିଆଯାଉଛି। ଧର୍ମଗଡ଼ ବ୍ଲକର ବିଭିନ୍ନ ବିଦ୍ୟାଳୟ ରେ ମଧ୍ୟ ଶିଶୁ ସେବିକା ଚୟନ କରାଯାଇଛି।ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପୂର୍ବରୁ ପତ୍ର ସଂଖ୍ୟା ୧୩୩୮୮/୧୧.୧୨.୨୦୨୫ ନିର୍ଦ୍ଦେଶ ମତେ ଜିଲ୍ଲା ଶିକ୍ଷା ବିଭାଗ ପତ୍ର ସଂଖ୍ୟା ୩୯୯୪/୨୯.୧୨.୨୦୨୫ ଓ ଧର୍ମଗଡ଼ ଗୋଷ୍ଠୀ ଶିକ୍ଷା ବିଭାଗ ନିର୍ଦ୍ଦେଶପତ୍ର ସଂଖ୍ୟା ୧୧୬/୫-୧.୨୦୨୬ ଅନୁଯାୟୀ ଉକ୍ତ ବିଦ୍ୟାଳୟ କାର୍ଯ୍ୟାଳୟରେ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇଥିଲା।୧୮ ରୁ ୪୫ ବର୍ଷର ମହିଳାଙ୍କୁ ନିଯୁକ୍ତ କରାଯିବ। ଶିକ୍ଷକଙ୍କୁ ଶ୍ରେଣୀକକ୍ଷ ପରିଚାଳନା ଓ ପିଲାଙ୍କ ଯତ୍ନରେ ସାହାଯ୍ୟ କରିବା, ପ୍ରାଥମିକ ଶ୍ରେଣୀ ଶିକ୍ଷକଙ୍କୁ ଶିଶୁ ଶିକ୍ଷା ଓ ଦୈନନ୍ଦିନ କାର୍ଯ୍ୟରେ ସହାୟତା ଦେବା ଉଦ୍ଦେଶ୍ୟରେଶିଶୁ ସେବିକା ନିଯୁକ୍ତ ହେବେ। ପିଲାଙ୍କୁ ସୁରକ୍ଷିତ, ସ୍ନେହପୂର୍ଣ୍ଣ ପରିବେଶ ଦେବା, ଦୁଃଖୀ ପିଲାଙ୍କୁ ସାନ୍ତନା ଦେବା, ଖେଳନା, ପୁସ୍ତକ, ଚାଟ ଆଦି ଯୋଗାଇ ଦେବା, ପିଲାଙ୍କୁ ଶୌଚାଳୟ ବା ବାହାରକୁ ନେବା, ପିଲା ଅସୁସ୍ଥ ବା ବିବ୍ରତ ହେଲେ ଶିକ୍ଷକଙ୍କୁ ଜଣାଇବା, ଶ୍ରେଣୀକକ୍ଷ ଓ ଶିକ୍ଷା ସାମଗ୍ରୀ ସଫା ରଖିବା ଆଦି ଦାୟିତ୍ୱ ଶିଶୁ ସେବିକାଙ୍କ ଉପରେ ନ୍ୟସ୍ତ ରହିବ ବୋଲି ବିଜ୍ଞପ୍ତି ରେ ସ୍ପଷ୍ଟ ରହିଛି। ଗଡ଼ିଆଜୋରଗ୍ରାମର ବକ୍ରତା ସୁନାନୀ ଗତ ୧୩.୧.୨୦୨୬ତାରିଖରେ ନିଜ ଆବେଦନ ବିଦ୍ୟାଳୟରେ ଦାଖଲ କରିଥିଲେ।ଏଥିସହ ଅନୁସୂଚିତଜାତିର ୩ଜଣ ଓ ପଛୁଆ ବର୍ଗର ୨ଜଣ ଆଶାୟୀ ପ୍ରାର୍ଥୀ ମଧ୍ୟ ଆବେଦନ କରିଥିଲେ।ସ୍କୁଲ କମିଟିର ଚୟନସଭାରେ ପ୍ରାର୍ଥୀଙ୍କ ଆବେଦନ ଗ୍ରହଣ କରୁଥିଲେ ହେଁ ବେନିୟମ ଭାବେ ପଛୁଆବର୍ଗର ଜଣେ ମହିଳାଙ୍କୁ ଚୟନ କରିଥିଲେ। ଏହା ଅନିୟମିତତା ଭାବେ ଚୟନ ହୋଇଥିବା ନେଇ ବିରୋଧ ହୋଇଥିଲା।ଏହାପରେ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଓ ସ୍କୁଲ କମିଟି ନିର୍ଦ୍ଧାରିତ ସମୟ ସୀମା ଭିତରେ ଆବେଦନ କରି ନ ଥିବା ଜଣେ ଏସଟି ମହିଳାଙ୍କୁ ଚୟନ କରି ଥିବା ଜଣାପଡ଼ିଛି।ଯାହାକୁ ନେଇ ଆଶୟୀ ପ୍ରାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।ତେବେ ନିୟମ ଅନୁଯାୟୀ ନିର୍ଦ୍ଧାରିତ ସମୟ ମଧ୍ୟରେ ବିଜ୍ଞପ୍ତି ଅନୁଯାୟୀ ଆବେଦନ କରିଥିବା ଆଶାୟୀଙ୍କୁ ଚୟନ କରା ନଯାଇ ଅନିୟମିତତା ଭାବେ ଚୟନ ହୋଇ ଥିବା ଅଭିଯୋଗ ନେଇ ସୋମବାର ଦିନ ଗ୍ରାମବାସୀ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି।ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଉପଜିଲ୍ଲାପାଳ ଅଜୟ ପ୍ରକାଶ ତିର୍କୀ ଦାବିପତ୍ର ଗ୍ରହଣ କରିଥିଲେ।ଗ୍ରାମର ବକ୍ରତା ସୁନାନୀ, ଝାରୁ ସୁନାନୀ ପ୍ରେମଲାଲ ସୁନାନୀ, ପ୍ରିୟଙ୍କା ତାଣ୍ଡି, ତୁଳମଣି ତାଣ୍ଡି, ମନୋରମା ସୁନାନୀ, ମଦନା ସୁନାନୀ, ଧନେଶ୍ୱର ସୁନାନୀ ନେପୁର ସୁନାନୀ ପ୍ରମୁଖ ଦାବିପତ୍ର ଦେଇଥିଲେ।

ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ଗ୍ରାମବାସୀ

● ବିଇଓଙ୍କ ସାମ୍ନାରେ ସିଆରସିସିଙ୍କୁ ମାଡ଼ ପ୍ରସଙ୍ଗ

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଏଲଡିଏର ଧାରଣା

ନୂଆପଡ଼ା, ୩।୨(ସମିସ): ନୂଆପଡ଼ା ଜିଲ୍ଲା ବୋଡେନ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବିଇଓଙ୍କ ସାମ୍ନାରେ ସିଆରସିସି ଦିଲୀପ ସୁନାଙ୍କୁ ଜଣେ ଆକାଉଣ୍ଟାଣ୍ଟ ମାଡ ମାରିଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ଅଭିଯୁକ୍ତକୁ ଗିରଫ ଦାବିରେ ନୂଆପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏଲଡିଏ ସଂଗଠନ ପକ୍ଷରୁ ଧାରଣା ଦିଆଯାଇଥିଲା। ଏଲଡିଏ ମୁଖ୍ୟ ଲବ ସୁନାଙ୍କ ନେତୃତ୍ୱରେ ବହୁ କାର୍ଯ୍ୟକର୍ତ୍ତ ଧାରଣା ଦେଇଛନ୍ତି। ଗତ ସାଧାରଣତନ୍ତ୍ର ଦିବସ ଦିନରେ କୁଆଡେ ଛୁଟି ଥିବା ସତ୍ତ୍ୱେ ଅଫିସ କାମ ଚାଲିଥିଲା। ଏହି ସମୟରେ ସିଆରସିସି ସୁନା କିଛି ଅଫିସ ଫାଇଲ ଜମା ଦେବାକୁ ଆସିଥିଲେ। ଆକାଉଣ୍ଟାଣ୍ଟଙ୍କ ଯୁକ୍ତି ତର୍କ ଚାଲିଥିଲା। ପରେ ହଠାତ ଆକାଉଣ୍ଟାଣ୍ଟ ଜଣକ ରାଗିଯାଇ ସିଆରସିସିଙ୍କୁ ନିସ୍ତୁକ ମାଡ଼ ମାରିଥିଲେ।ଏହାକୁ ନେଇ ଦୁଇ ପକ୍ଷରୁ ଗୋଟିଏ ଲେଖାଏଁ ମାମଲା ଥାନାରେ ରୁଜୁ ହୋଇ ତଦନ୍ତ ଚାଲିଛି। ହେଲେ ଏହାକୁ ନେଇ ଦୁଇ ଦିନତଳେ ଏଲଡିଏ ସଂଗଠନ ତରଫରୁ ବୋଡେନ ବିଇଓ ଅଫିସ ଘେରାଉ କରି ଦାବି କରାଯାଇଥିଲା। ମଙ୍ଗଳବାର ସଂଗଠନ ତରଫରୁ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଥିଲ।। ଅଭିଯୁକ୍ତ ଙ୍କୁ ଗିରଫ ନକରିବା ଯାଏଁ ଏଠାରେ ବସି ରହିବେ ବୋଲି ଅଡ଼ି ବସିଥିଲେ। ସନ୍ଧ୍ୟାରେ ଜିଲ୍ଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରାଇତଙ୍କ ସହ ଅଧିକାରୀମାନେ ଆସି ବୁଝା ସୁଝା କରି ତିନି ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରତିଶ୍ରୁତି ଦେବାପରେ ରାତି ୮ଟା ବେଳେ ଧାରଣା ପ୍ରତ୍ୟାହୃତ ହୋଇଥିଲା।ଧାରଣାରେ ଜୟନ୍ତବାଗ ବୋଡେନ ସଭାପତି, ଭିତେଶ ପାଣ୍ଡେ, କୈଳାସ ଦୁରିଆ, ପ୍ରତାପ ସୁନାନୀ, ଭୀଷ୍ମ ଦୀପ, ଦିଗାମ୍ବର ଦୁରିଆ, ବାସୁଦେବ ଦୁରିଆ, ଯୋଗେଶ୍ୱର ଦୁରିଆ, ଦେବସିଙ୍ଗ ଜଗତ, ଦେବାର୍ଚ୍ଚନ ଜଗତ, ପପୁ ସୁନାନୀ, ତପନ କୁମାର ଦୀପ, ମୁକେଶ ଦୀପ, ହରେନ୍ଦ୍ର ସୁନା, ସୌରଭ ପାଣ୍ଡେ, ବିଟୁ ଦୁରିଆ, ମୂଖ ସୁନାନୀ, ଲକ୍ଷ୍ମୀକାନ୍ତ ତାଣ୍ଡି, ଅଜମ୍ବର ତାଣ୍ଡି, ବୁଲେଇ ତାଣ୍ଡି, ମୁକେଶ ସୁନା ପ୍ରମୁଖ ସାମିଲ ହୋଇଥିଲେ।

● ନୂଆପଡ଼ାରେ ଜାତୀୟ ଜନଗଣନା-୨୦୨୭

## ଅଧିକାରୀମାନଙ୍କୁ ନେଇ ସମୀକ୍ଷା ଓ ତାଲିମ

ନୂଆପଡ଼ା, ୩।୨(ସମିସ): ନୂଆପଡ଼ା ଜିଲ୍ଲାରେ ଜାତୀୟ ଜନଗଣନା-୨୦୨୭ର ସଫଳ ରୂପାୟନ ପାଇଁ ଜନଗଣନା ନିର୍ଦ୍ଦେଶାଳୟ ଓଡ଼ିଶା ଏବଂ ନୂଆପଡ଼ା ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସମୀକ୍ଷା ଓ ତାଲିମ କାର୍ଯ୍ୟକ୍ରମ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ତାଲିମ କାର୍ଯ୍ୟକ୍ରମରେ ଜନଗଣନା ନିର୍ଦ୍ଦେଶାଳୟ, ଓଡ଼ିଶା ପକ୍ଷରୁ ଯୁଗ୍ମ ନିର୍ଦ୍ଦେଶକ ଡ. ଅଭୟ ନାରାୟଣ ନାୟକ ସମ୍ପୃକ୍ତ ଅଧିକାରୀମାନଙ୍କୁ ଜନଗଣନାର ପ୍ରକ୍ରିୟା, ଡିଜିଟାଲ ଉପକରଣ, ଗୃହତାଲିକା ବ୍ଲକ ଗଠନ ଏବଂ ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ତାଲିମ ପ୍ରଦାନ କରିଥିଲେ।ଏହି ଜନଗଣନା ଭାରତର ୧୬ତମ ଜନଗଣନା ଏବଂ ସ୍ୱାଧୀନତା ପରେ ଅଷ୍ଟମ ଜନଗଣନା ହେବ। ଏହା ଦୁଇଟି ପର୍ଯ୍ୟାୟରେ ସମ୍ପନ୍ନ ହେବ। ପ୍ରଥମ ପର୍ଯ୍ୟାୟରେ ଗୃହତାଲିକା ଓ ଗୃହ ଗଣନାସବୁ ୨୦୨୬ ଏପ୍ରିଲ ୧୬ ତାରିଖରୁ ୧୫ ମଇ ପର୍ଯ୍ୟନ୍ତ ହେବ। ଏହା ପୂର୍ବରୁ ଏପ୍ରିଲ ୧ରୁ ୧୫ ତାରିଖ ମଧ୍ୟରେ ଜଣସାଧାରଣଙ୍କ ପାଇଁ ସ୍ୱ-ଗଣନା ସୁବିଧା ଉପଲବ୍ଧ ରହିବ, ଯାହା ମାଧ୍ୟମରେ ନାଗରିକମାନେ ନିଜ ତଥ୍ୟ ଅନଲାଇନ ୱେବସାଇଟ ଜରିଆରେ ପ୍ରଦାନ କରିପାରିବେ।ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ଗଣନା ୨୦୨୭ ଫେବୃଆରୀ ୯ରୁ ୨୮ ପର୍ଯ୍ୟନ୍ତ ହେବ ଏବଂ ୧ରୁ ୫ ମାର୍ଚ୍ଚ, ୨୦୨୭ ମଧ୍ୟରେ ପୁନର୍ବୀକ୍ଷଣ କରାଯିବ। ମାର୍ଚ୍ଚ ୧, ୨୦୨୭ ରାତି ୧୨ଟାକୁ ଆଧାର ମୁହୂର୍ତ୍ତ ଭାବେ ଗ୍ରହଣ କରାଯିବ। ଜନଗଣନା ପ୍ରଥମ ଥର ପାଇଁ ସମ୍ପୂର୍ଣ୍ଣ ଡିଜିଟାଲ ପ୍ରଣାଳୀରେ କରାଯିବ। ମୋବାଇଲ ଆପ ମାଧ୍ୟମରେ ଗଣନାକାରୀମାନେ ଘର ଘର ଯାଇ ତଥ୍ୟ ସଂଗ୍ରହ କରିବେ।ସମୀକ୍ଷା ଓ ତାଲିମ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଉପଜିଲ୍ଲାପାଳ ସୂର୍ମୀ ସୋରେନ, ସମସ୍ତ ତହସିଲଦାର, ତିନି ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ, ଆସିଷ୍ଟାଣ୍ଟ କଲେକ୍ଟର ବିଜୟ କୁମାର ଛତ୍ରିଆ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଏନଆଇସି ଡିଆଇଓ ବିନୟ ତିୱାରୀ, ସମ୍ପୃକ୍ତ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ବୋଧନ କରି ଜିଲ୍ଲାପାଳ ମଧୁସୂଦନ ଦାଶ କହିଲେ ଯେ, ଜନଗଣନା ଏକ ମହତ୍ତ୍ୱପୂର୍ଣ୍ଣ ଜାତୀୟ କାର୍ଯ୍ୟକ୍ରମ। ଜିଲ୍ଲା ତଥା ଦେଶର ବିକାଶରେ ଏହି ସୂଚନା ସବୁର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।ଜନଗଣନା ସମୟରେ ଗଣନାକାରୀ ଓ ସୁପରଭାଇଜରମାନଙ୍କୁ ଜନ ସାଧାରଣ ସଠିକ ଓ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରନ୍ତୁ।

ଜୁନାଗଡ଼ ମହୋତ୍ସବ ଉଦ୍‌ଘାଟିତ

## ବୀରବାଦ୍ୟରେ ଦୁଲୁକିଲା ଲଙ୍କେଶ୍ୱରୀ ମଞ୍ଚ

ଜୁନାଗଡ଼, ୩।୨(ସମିସ): କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ସହରରେ ଜୁନାଗଡ଼ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଆଜି ଠାରୁ ତିନିଦିନ ଧରି ଆରମ୍ଭ ହୋଇଥିବା ମହୋତ୍ସବକୁ କଳାହାଣ୍ଡି ମହାରାଜା ଅନନ୍ତ ପ୍ରତାପ ଦେଓ ଏବଂ ମହାରାଣୀ ରିତୁଜା ଦେବୀ ଉଦ୍‌ଘାଟନ କରିଥିଲେ। ପ୍ରଥମେ କଳାହାଣ୍ଡି ମହାରାଜଙ୍କୁ ଭବ୍ୟ ସାଂସ୍କୃତିକ ଶୋଭାଯାତ୍ରାରେ ନଗର ପରିକ୍ରମା କରାଇବା ସହିତ ମଞ୍ଚରେ ସ୍ୱାଗତ କରାଯାଇଥିଲା। ମହାରାଜାଙ୍କ ଦ୍ୱାରା ମାଁ ଲଙ୍କେଶ୍ୱରୀଙ୍କମୂର୍ତ୍ତିକୁ ପୂଜାର୍ଚ୍ଚନା ପରେ ଆନୁଷ୍ଠାନିକ ଭାବେ ମଞ୍ଚ ଉଦ୍‌ଘାଟନ ହୋଇଥିଲା। ସଭା ପରେ କଳାହାଣ୍ଡି ର ବିରବାଦ୍ୟ ଘୁମୁରା ଓ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ ସନ୍ଧ୍ୟାରେ ଜୁନାଗଡ଼ ମହୋତ୍ସବ କମିଟିର ସଭାପତି ଦୁର୍ଗା ପ୍ରସାଦ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ମୁଖ୍ୟଅତିଥି ଭାବେ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ନିବେଦିତା ନାଥ, ମୁଖ୍ୟବକ୍ତା ଥୁଆମୂଳ ରାମପୁର ମାଁ ମାଣିକେଶ୍ୱରୀ ମହାବିଦ୍ୟାଳୟ ର ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା, ସମ୍ମାନିତ ଅତିଥି ଜାରିଙ୍ଗ ନବମଆଇଆରବି ବାଟାଲିଆନ ଆସିଷ୍ଟାଣ୍ଡ କମାନଣ୍ଡେଣ୍ଟ ମହେନ୍ଦ୍ର ଭୋଇ, ଜୁନାଗଡ଼ ଏନଏସି ଅଧକ୍ଷ୍ୟା ହିମାଦ୍ରୀ ନାଏକ, ବ୍ଲକ ଅଧକ୍ଷ୍ୟା ସବିତା ମେହେର, ପୂର୍ବ ଜିଲ୍ଲା ପରିଷଦ ଉପାଧକ୍ଷ ଭବସିନ୍ଧୁ ମଙ୍ଗରାଜ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଓଡ଼ିଶା ସାମ୍ବାଦିକ ୟୁନିୟନର ରାଜ୍ୟ ଉପସଭାପତି ସନ୍ତୋଷ କୁମାର ସିଂହଦେଓ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ବିନୟ ସାହୁଙ୍କ ନେତୃତ୍ୱରେ ମନୋଜ ମେହେର, ରଶ୍ମିତ ନାୟକ, ବେଣୁଧର ବାଗ, ବେଦବର ଡୋଙ୍ଗରୀ, ଲିପସା ଦଣ୍ଡସେନା, ଖୋଲାନନ୍ଦ ଝଙ୍କର ଅନୁବନ୍ଧନ ଭରଦ୍ୱାଜ, ସୂର୍ଯ୍ୟ ପ୍ରସାଦ ଠାକୁର, ଅନୁପମା ନାୟକ, ଶ୍ମିତାରାଣୀ ସାହୁ, ସଞ୍ଜୀବ ସାହୁ, ପିପୁନ ପୁଝାରୀ, ଓମ ପ୍ରକାଶ, ଶିଭାଂଶି ପଟ୍ଟନାୟକ, ଭାଗିରଥି ଶାଗର, ମେହେକ ସରାଫ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।କଳା ବିକାଶକେନ୍ଦ୍ରର ଓଡିଶୀ, ଜୁଡା ପଏଁରର ଧାପ, କର୍ତ୍ତବ୍ୟ ଅନୁଷ୍ଠାନର ଘୁମୁରା, ସୁବର୍ଣ୍ଣପୁରର ଦୁଲଦୁଲି, ଭାରତୀ କଳା ପରିଷଦର ପଞ୍ଚରସି, ଟ୍ରାଇବାଲ ଡ୍ୟାନ୍ସ ଏକାଡେମୀର ବଜାଶାଲ, ସଖ୍ୟମ ଡ୍ୟାନ୍ସ ଏକାଡେମୀର ଓଡିଶୀ, ଈଶ୍ୱର ରାଓଙ୍କ ଘୁଡକା, ରାୟଗଡ଼ା ପିଡ଼ିସି ଡ୍ୟାନ୍ସ ଗ୍ରୁପର ଢେମସା, ସଙ୍ଗୀତ ସାଧନାର ବଜାଶାଲ, ଢୋଲ ମହୁରୀ କଳାପରିଷଦର ବଜାଶାଲ, ନରେଶ ସୁନାନୀଙ୍କ ବଜାଶାଲ, ପ୍ରସାଦ ରଞ୍ଜନ ସାଂସ୍କୃତିକ ଅନୁଷ୍ଠାନର ବଜାଶାଲ, ରେକପୁରର ବଜାଶାଲ ଦର୍ଶକଙ୍କୁ ବାନ୍ଧି ରଖିଥିଲା।



ବଲାଙ୍ଗିରରେ ଡକାୟତି ଯୋଜନା ପଣ୍ଡ

# ମାରଣାସ୍ତ୍ର, ବନ୍ଧୁକ ସହ ଡିକେ ଗ୍ୟାଙ୍ଗର ୪ ଦୁର୍ଦ୍ଧାନ୍ତ ଅଭିଯୁକ୍ତ ଗିରଫ

ବଲାଙ୍ଗିର, ୩।୨(ସମିସ)





ବଲାଙ୍ଗିର ସହରରେ ଏକ ବଡ଼ ଧରଣର ଡକାୟତି ଯୋଜନାକୁ ଟାଉନ ଥାନା ପୁଲିସ ପଣ୍ଡ କରିଛି। ମଙ୍ଗଳବାର ଅପରାହ୍ନରେ ସାଲେପାଲି ଅଞ୍ଚଳରେ ଚଢ଼ଉ କରି ପୁଲିସ ୪ ଜଣ ସଶସ୍ତ୍ର ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାରପାଲିପଡ଼ାର ସୁମନ୍ତ ଓରଫ ମୋଟୁ ବାରିକ (୨୩), ବିଭୂତିପଡ଼ାର କରୁଣା ଓରଫ ଆଶିଷ ସ୍ୱାଇଁ (୨୪), କୁଲଥିପାଲି ଗାଁର କୁଶଳେଶ୍ୱର ବାଗ (୨୫), ବରପାଲିପଡ଼ାର ସିଲୁ ପ୍ରଧାନ (୨୬)। ଅନ୍ୟ ୨ ଜଣ ଫେରାର ହୋଇ ଯାଇଛନ୍ତି। ଏମାନେ ସହରର ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଘରେ ଡକାୟତି ପାଇଁ ଯୋଜନା କରୁଥିବା ପୁଲିସ ନିକଟରେ ସ୍ୱୀକାର କରିଥିବା ଏସଡିପିଓ ସରୋଜ ଉପାଧ୍ୟାୟ ସୂଚନା ଦେଇଛନ୍ତି।

ଏସଆଇ ଡି. ଶତପଥୀ ଏବଂ ଏଏସଆଇ ବୈକୁଣ୍ଠ ଦେହେରୀଙ୍କ ନେତୃତ୍ୱରେ ପୁଲିସ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ସାଲେପାଲି ନିକଟସ୍ଥ ଏକ ନିଛାଟିଆ ସ୍ଥାନରେ ୬-୭ ଜଣ ଯୁବକ ମାରଣାସ୍ତ୍ର ସହ ଏକତ୍ରିତ ହୋଇ ଡକାୟତି ପାଇଁ ଯୋଜନା କରୁଥିବା ଖବର ପାଇଥିଲେ। ପୁଲିସ ତୁରନ୍ତ ସେଠାରେ ଚଢ଼ଉ କରି ୪ ଜଣଙ୍କୁ କାବୁ କରିଥିଲା। ଅଭିଯୁକ୍ତ ସିଲୁ ନିକଟରୁ ପୁଲିସ ଏକ ପିସ୍ତଲ ଓ ୨ଟି ଗୁଳି, ଏକ ବଡ଼ କଟୁରୀ, ୪ଟି ମୋବାଇଲ୍ ଫୋନ୍, ନଗଦ ୧୮, ୫୩୦ ଟଙ୍କା ଜବତ କରିଛି। ଏସଡିପିଓଙ୍କ ସୂଚନା ଅନୁସାରେ ଗିରଫ ସିଲୁ, ଆଶିଷ ଏବଂ ସୁମନ୍ତ ନାମରେ ଅନେକ ମାରପିଟ୍, ହତ୍ୟା ଉଦ୍ୟମ, ଡକାୟତି ମାମଲା ରହିଛି। ଜେରା ସମୟରେ ଅଭିଯୁକ୍ତମାନେ ପ୍ରକାଶ କରିଛନ୍ତି ଯେ, କୁଖ୍ୟାତ ଡିକେ ଗ୍ୟାଙ୍ଗର ଜଣେ ମୁଖ୍ୟ ସେମାନଙ୍କୁ ସଂଗଠିତ କରିବା ସହ ସହରରେ ଆତଙ୍କ ଖେଳାଇବା ପାଇଁ ମାରଣାସ୍ତ୍ର ଯୋଗାଇ ଦେଉଥିଲା। ଟାଉନ ଥାନା ପୁଲିସ ଏନେଇ ଏକ ମାମଲା ରୁଜୁ କରିଛି। ଏହି ଘଟଣାରେ ସମ୍ପୃକ୍ତ ଫେରାର ଅଭିଯୁକ୍ତ ଏବଂ ମୁଖ୍ୟ ସୂତ୍ରଧରକୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

## ସୀମାନ୍ତ ଅଞ୍ଚଳରେ ବୁଲୁଛି ବାଘ



ସିନାପାଲି, ୩।୨(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଛତିଶଗଡ଼ ସୀମାନ୍ତ ଅଞ୍ଚଳରେ ବାଘ ଘୁରି ବୁଲୁଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସୀମାନ୍ତରେ ଥିବା ନୂଆମାଲପଡ଼ା ପଞ୍ଚାୟତର ବଣପାହାଡ ଘେରା ଡଙ୍ଗର ଗାଁରେ କିଛି ଲୋକ ବାଘକୁ ଦେଖି ଭୟଭୀତ ଅବସ୍ଥାରେ ଦୌଡ଼ି ପଳାଇଥିବା ବେଳେ ଘଟଣାର ସତ୍ୟତା ଜଣାପଡ଼ିଛି। ଏହି ଅଞ୍ଚଳ ଘଞ୍ଚ ଜଙ୍ଗଲ ପରିବେଷ୍ଟିତ ରହିଥିବା ବେଳେ ଛତିଶଗଡ଼ ରାଜ୍ୟ ସୀତାନଦୀ ଅଭୟାରଣ୍ୟ ଅନ୍ତର୍ଗତ ଉଦନ୍ତୀ ବ୍ୟାଘ୍ର ଅଭୟାରଣ୍ୟ କୁ ଅଞ୍ଚଳ ଟି ସଂଲଗ୍ନ କରୁଛି। ଏହି ଅଞ୍ଚଳ ସମେତ ଘାଟମାଳ ଓ ନଙ୍ଗଲବୋର୍ଡ ପଞ୍ଚାୟତ ମଧ୍ୟ ସୀମାନ୍ତରେ ରହିବା ସହିତ ଏହି ଅଭୟାରଣ୍ୟ ସହିତ ସୁନାବେଡ଼ା ଅଭୟାରଣ୍ୟକୁ ସଂଲଗ୍ନ ରହିଛି। ଯାହା ଫଳରେ ବାଘ କେଉଁ ମୁହୂର୍ତ୍ତରେ ବିଭିନ୍ନ ଗାଁ ଗଣ୍ଡା ଘୁରି ବୁଲୁଛି। କୌଣସି ମୁହୂର୍ତ୍ତରେ ଅଘଟଣ ହେବାର ଆଶଙ୍କା ଥିବାରୁ ଲୋକେ ସନ୍ଧ୍ୟା ହେଇଗଲେ ପଦାକୁ ବାହାରିବାକୁ ଭୟ କରୁଛନ୍ତି। ଏ ନେଇ ବନ ବିଭାଗ ତରଫରୁ ମଧ୍ୟ ସତର୍କ ଦୃଷ୍ଟି ଦିଆଯାଇଥିବା ବେଳେ ଲୋକଙ୍କୁ ଭୟଭୀତ ନ ହେବା ପାଇଁ ନଙ୍ଗଲବୋର୍ଡ ବିଟ ଫରେଷ୍ଟର କନ୍ଦର୍ପ ସୁନାନୀ କହିବା ସହ ବନ୍ୟ ପ୍ରାଣୀ ବଣରେ ରହିବ ଏଥିରେ ଭୟଭୀତ ହେବା କଥା ନୁହେଁ। ଲୋକ ଦେଖିଥିବା କହୁଛନ୍ତି ଆମେ ବି ଏହା ଉପରେ ସ୍ୱତନ୍ତ୍ର ନଜର ରଖିଛୁ ବୋଲି ପ୍ରକାଶ କରିଛନ୍ତି। ବାଘକୁ ନୂଆପଡ଼ା ଜିଲ୍ଲାରେ ବାରମ୍ବାର ଅନେକ ଅଘଟଣ ଘଟିଥିବା ବେଳେ ଏଥିପ୍ରତି ବନ ବିଭାଗ ତରଫରୁ ସତର୍କତା ରହିବା ଅତ୍ୟନ୍ତ ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

# ଭିଜିଲାନ୍ସ ଜାଲରେ କନିଷ୍ଠ ଯନ୍ତ୍ରୀ, ସହଯୋଗୀ



ମାଲକାନଗିରି, ୩।୨(ସମିସ): ଇଟା କାରଖାନାକୁ ବିଦ୍ୟୁତ୍ ସଂଯୋଗ ଯୋଗାଇବା ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଟାଟା ପାୱାରର ଜଣେ କନିଷ୍ଠ ଯନ୍ତ୍ରୀ ଓ ତାଙ୍କ ସହଯୋଗୀ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଅଭିଯୁକ୍ତଦ୍ୱୟ ହେଲେ, ଟିପିଏସ୍ଓଡିଏଲ୍‌ର କନିଷ୍ଠ ଯନ୍ତ୍ରୀ ଇଂ. ପ୍ରଦେଶ ପ୍ରସାଦ ନାୟକ ଓ ବହିଦୋକାନୀ ଭଞ୍ଜ କିଶୋର ସ୍ୱାଇଁ। ଦୁହିଁଙ୍କୁ ଭିଜିଲାନ୍ସ ଗିରଫ କରିଛି। ଉଭୟଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରାଯାଇଥିବା ଭିଜିଲାନ୍ସ କହିଛି। ଏହାସହ ଆୟ ବହିର୍ଭୂତ ସଂପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ଯନ୍ତ୍ରୀ ଶ୍ରୀ ନାୟକଙ୍କ ଦୁଇଟି ସ୍ଥାନରେ ଏକକାଳୀନ ଚଢ଼ଉ କରିଛି। ଅଭିଯୁକ୍ତଦ୍ୱୟଙ୍କ ବିରୋଧରେ କୋରାପୁଟ ଭିଜିଲାନ୍ସ ଏକ ମାମଲା ରୁଜୁ କରିଛି।

## ତଳାବିରା କୋଇଲା ଖଣି ଦୁର୍ନୀତି

# ସମ୍ବଲପୁରରେ ଦିଲ୍ଲୀ ସିବିଆଇ ଟିମ୍

ସମ୍ବଲପୁର, ୩।୨ (ସମିସ) : ତଳାବିରା କୋଇଲା ଖଣି ଦୁର୍ନୀତିକୁ ନେଇ ଦିଲ୍ଲୀରୁ ଆସିଥିବା ଦୁଇଜଣିଆ ସିବିଆଇ ଟିମ୍ ଆଜି ବହୁ ଲୋକଙ୍କୁ ପଚରାଉଚରା କରିଛି। କୋଇଲା ଖନନରେ ଦୁର୍ନୀତିକୁ ନେଇ ଅଭିଯୋଗ ହୋଇଥିଲା। ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକର ଖିଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ଏହି ତଦନ୍ତ ହୋଇଥିଲା। ରେଙ୍ଗାଲି ତହସିଲ ଖିଣ୍ଡା ପଞ୍ଚାୟତର ଖୁଣ୍ଡା ଓ ବାବୁଖିଣ୍ଡା ଗ୍ରାମର ୧୯ ଜଣଙ୍କୁ ଆଜି ଉପସ୍ଥିତ ରହିବାକୁ ସିବିଆଇ ଇନ୍ସପେକ୍ଟର ରବିରାଜ ଖଟିକ୍ ନୋଟିସ ଜାରି କରିଥିଲେ। ସେମାନଙ୍କ ସହ ଖିଣ୍ଡାର ହେମନ୍ତ ରାଉତ ଓ ତଳାବିରାର ପଦ୍ମ ବୋବନ ଧୋଜଙ୍କୁ ମଧ୍ୟ ଉପସ୍ଥିତ ରହିବାକୁ କୁହାଯାଇଥିଲା। ଆଜି ଦିନତମାମ ଏହି ତଦନ୍ତ ଜାରି ରହିଥିଲା। ସୂଚନା ଅନୁଯାୟୀ, ୧୯୯୪ ମସିହା ଫେବୃଆରୀରେ ଇଣ୍ଡଲ ତଥା ବର୍ତ୍ତମାନର ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିକୁ ତଳାବିରା-୧ କୋଇଲା ଖଣି ଆବଣ୍ଟନ କରାଯାଇଥିଲା। ୨୦୦୩-୦୪ ମସିହାରୁ ଖନନ ଆରମ୍ଭ ହୋଇଥିଲା। ଯେତିକି କୋଇଲା ଖନନ ପାଇଁ ଅନୁମତି ମିଳିଥିଲା, ତା'ଠାରୁ ବହୁ ଅଧିକ ପରିମାଣର କୋଇଲା ଖନନ କରିଥିବା ନେଇ ଅଭିଯୋଗ ହୋଇଥିଲା। ସରକାରଙ୍କ ପକ୍ଷରୁ ଦିଆଯାଉଥିବା ଆବଶ୍ୟକ ଅନୁମତି ବିନା କମ୍ପାନୀ କୋଇଲା ଖନନ କରିଥିଲା। ଏହାକୁ ନେଇ ୨୦୨୨ ମସିହାରେ ମଧ୍ୟ ସିବିଆଇ ପକ୍ଷରୁ ତନାଘନା କରାଯାଇଥିଲା। ଆଜି ସିବିଆଇର ଦୁଇଜଣିଆ ଟିମ୍ ସମ୍ବଲପୁର ପହଞ୍ଚି ଖିଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ଖିଣ୍ଡା ଓ ବାବୁଖିଣ୍ଡା ଗାଁର ୧୯ଜଣ ଲୋକଙ୍କ ସମେତ ଖିଣ୍ଡାର ହେମନ୍ତ ରାଉତ ଓ ତଳାବିରାର ପଦ୍ମ ଧୋଜଙ୍କୁ ସ୍ୱତନ୍ତ୍ର ଭାବେ ପଚରାଉଚରା କରିଥିଲେ। ଝାରସୁଗୁଡ଼ା ଆଞ୍ଚଳିକ ପ୍ରଦୂଷଣ ଅଧିକାରୀ ହିରଣ୍ୟ କୁମାର ନାଏକ ଓ ସମ୍ବଲପୁର ଆଞ୍ଚଳିକ ପ୍ରଦୂଷଣ ଅଧିକାରୀ ଡଃ ସତ୍ୟନାରାୟଣ ନନ୍ଦ ମଧ୍ୟ ଏହି ତଦନ୍ତ ସମୟରେ ଉପସ୍ଥିତ ଥିଲେ।

ବାବୁଖିଣ୍ଡାର ମନବୋଧ ବିଶ୍ୱାଳ କହିବାନୁଯାୟୀ, ୨୦୧୦ ମସିହାରେ ତଳାବିରା-୧ ଏକ୍ସଟେନ୍‌ସନ୍ ପାଇଁ ଜନଶୁଣାଣି ହୋଇଥିଲା। ଏହାକୁ ଆମେ ବିରୋଧ କରିଥିଲୁ। କାରଣ, ଇବ୍-ଭ୍ୟାଲି ଅଞ୍ଚଳ ଅତ୍ୟନ୍ତ ପ୍ରଦୂଷିତ ଅଞ୍ଚଳ ଏବଂ ଏହାଦ୍ୱାରା ଆମର ଜଳ, ଜମି, ଜଙ୍ଗଲ ପ୍ରଦୂଷିତ ହେଉଛି। ଏଠାରେ ଏକ୍ସଟେନ୍‌ସନ୍ ନହେଉ ଏବଂ ଖଣି ନହେଉ ବୋଲି ବିରୋଧ କରିଥିବା ସେ କହିଛନ୍ତି। ଏଠାରେ ଜନଶୁଣାଣି ବନ୍ଦ କରାଯାଇଥିବାରୁ ରେଙ୍ଗାଲିରେ ହୋଇଥିଲା ଏବଂ ଅଧିକ ଖନନ ମଧ୍ୟ ହୋଇଛି। କମ୍ପାନୀ ପକ୍ଷରୁ କୋଇଲା ଖନନ ପ୍ରଥମେ ୦.୪ ପରେ ୧.୫ ଏବଂ ପରେ ୩.୦ କରିବା ପାଇଁ ଜନଶୁଣାଣି କରାଯାଇଥିବା ଗ୍ରାମବାସୀ କହିଛନ୍ତି।

# ପୁଲିସ୍ ଏସ୍ଆଇ ପରୀକ୍ଷା କଥା ଭୁଲିଗଲେ ସରକାର

## ୫ ରେ ଆନ୍ଦୋଳନକୁ ଓହ୍ଲାଇବ 'ଷ୍ଟୁଡେଣ୍ଟସ ଏଗେନେଷ୍ଟ କରପସନ'

ଭୁବନେଶ୍ୱର,୩।୨(ସମିସ): ରାଜ୍ୟର ସବୁଠୁ ବଡ ନିଯୁକ୍ତି ଦୁର୍ନୀତି କୁହାଯାଉଥିବା ପୁଲିସ ଏସ୍ଆଇ ନିଯୁକ୍ତି ଜାଲିଆତି ଘଟଣାର ସିବିଆଇ ତଦନ୍ତ ଜାରି ରହିଛି। ହେଲେ ଏହି ତଦନ୍ତ ଆଳରେ ସରକାର ଧାର୍ଯ୍ୟ ହୋଇଥିବା ଏସ୍ଆଇ ପରୀକ୍ଷା କଥା ସମ୍ପୂର୍ଣ୍ଣ ଭୁଲିଯାଇଛି। ସାନି ତାରିଖ ଘୋଷଣା ହେଉ ନ ଥିବାରୁ ହଜାର ହଜାର ମେଧାବୀଙ୍କ ଭିତରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ଯାହାକୁ ନେଇ ମଙ୍ଗଳବାର ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କ ଉପରେ ବର୍ଷିଛି ଷ୍ଟୁଡେଣ୍ଟସ ଏଗେନେଷ୍ଟ କରପସନ। ସଂଗଠନର ଆବାହକ ବିଭୂତି ଭୂଷଣ ମହାପାତ୍ର କହିଛନ୍ତି, ଏସ୍ଆଇ ପରୀକ୍ଷା ପ୍ରଶ୍ନପତ୍ର ଦୁର୍ନୀତି ମାମଲାର ତଦନ୍ତ ସ୍ଥିତି ଓ ପୁଲିସ୍ ଏସ୍ଆଇ ପରୀକ୍ଷା ବିଷୟରେ ସରକାର ସମ୍ପୂର୍ଣ୍ଣ ନୀରବ ରହିଛନ୍ତି। ସେମାନଙ୍କୁ ଏହି ପରୀକ୍ଷା ସମ୍ପର୍କରେ ମନେ ପକେଇବା ଉଦ୍ଦେଶ୍ୟରେ ଆସନ୍ତା ୫ ତାରିଖରେ ଏକ ବିରାଟ ଆନ୍ଦୋଳନ ପାଇଁ ନିଷ୍ପତ୍ତି ହୋଇଛି। ଶୀଘ୍ର ପରୀକ୍ଷା ତାରିଖ ଘୋଷଣା କରିବାକୁ ଏହି ଆନ୍ଦୋଳନ ହେବ। ସରକାରଙ୍କୁ ପରୀକ୍ଷା କଥା ମନେ ପକାଇବା ପାଇଁ ବାଧ ହୋଇ ମେଧାବୀଙ୍କୁ ଗାନ୍ଧୀ ମାର୍ଗକୁ ଓହ୍ଲାଇବାକୁ ପଡୁଛି ବୋଲି ସେ କହିଛନ୍ତି।

ସଂଗଠନ ପକ୍ଷରୁ କୁହାଯାଇଛି ଯେ ରାଜ୍ୟରେ ତାରିଖ ୨୦୨୬ ରେ ଘୋଷଣା ନ ହେଇ ପାରିବା ସରକାରଙ୍କ ପାରିବା ପଣିଆ ଉପରେ ପ୍ରଶ୍ନ ଉଠାଉଛି। ଏହାଦ୍ୱାରା ଲକ୍ଷ ଲକ୍ଷ ମେଧାବୀଙ୍କ ମାନସିକ ସ୍ଥିତି ଓ ଭବିଷ୍ୟତ ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଶ୍ରୀ ମହାପାତ୍ର



ଚାକିରୀ ବିକ୍ରି ବନ୍ଦ କରିବା ପାଇଁ ହେଲେ ଏହି ମାମଲାରେ ସିବିଆଇ ଆମୂଳଚୂଳ ତଦନ୍ତ କରି ବଡବଡିଆ ଅଧିକାରୀଙ୍କୁ ବାନ୍ଧିବା ଆବଶ୍ୟକ। ଏସ୍ଆଇ ପରୀକ୍ଷା ପୂର୍ବରୁ ଦୁଇ ଦୁଇ ଥର ବାତିଲ ହେବା ଓ ୨୦୨୪ମସିହା ବିଜ୍ଞପ୍ତିର ପରୀକ୍ଷା କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସଂଗଠନର ସଦସ୍ୟ ତଥା ପରୀକ୍ଷାର୍ଥୀ ସୌମ୍ୟ ଅନୁପ୍ରାସ, ସ୍ମୃତି ରଞ୍ଜନ ଆଚାର୍ଯ୍ୟ, ବିଘ୍ନେଶ ପଟେଲ, ସନ୍ତୋଷ ସାହୁ, ମହେଶ କୁମାର ବଁଶୁର, ବିଷ୍ଣୁ ପ୍ରସାଦ ଆଦି ଉପସ୍ଥିତ ଥିଲେ।

# ଗୁଣି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା

ମୁନିଗୁଡ଼ା, ୩।୨(ସମିସ): ଗୁଣି ସନ୍ଦେହରେ ବୃଦ୍ଧଙ୍କୁ ବୀଭତ୍ସ ହତ୍ୟା। ରାୟଗଡ଼ା ଜିଲ୍ଲା ଆମ୍ବଦଳା ଥାନା ଶରଧାପୁର ପଞ୍ଚାୟତ ଶୁଣ୍ଠୀପଦର ଗ୍ରାମରେ ଏଭଳି ଏକ ଘଟଣା ଘଟିଛି। ମୃତକ ହେଲେ, ଗାଁର ଚିଚି ରାମ ବାଗ (୮୧)। ଦୁର୍ବୃତ୍ତମାନେ ତାଙ୍କୁ କାତିରେ ହାଣିବା ପରେ ପଥରରେ ଛେଚି ହତ୍ୟା କରିଛନ୍ତି। ଅମ୍ବାଦଳା ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସାଇଣ୍ଟିଫିକ୍ ଟିମ ଓ ସନ୍ଧାନୀ କୁକୁର ସହ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ମୃତଦେହ ନିକଟରୁ ପୁଲିସ ଏକ ଟର୍ଚ୍ଚ ଲାଇଟ୍ ଓ କାତି ଜବତ କରିଛି। ପରିବାରଲୋକଙ୍କ କହିବାନୁଯାୟୀ, ପାଖାପାଖି ୬ମାସ ତଳେ କିଛି ଯୁବକଙ୍କ ସହ ଚିଚିରାମଙ୍କ ପାଟିତୁଣ୍ଡ ହୋଇଥିଲା। ଚିଚିରାମ ଗୁଣିଗାରେଡ଼ି କରୁଥିବା ଅଭିଯୋଗ କରି ସେମାନେ ତାଙ୍କୁ ଧମକଚମକ ଦେଇଥିଲେ। ସେମାନେ ତାଙ୍କୁ ହତ୍ୟା କରିଛନ୍ତି ବୋଲି ପରିବାରଲୋକ ସନ୍ଦେହ କରିଛନ୍ତି। ବୃଦ୍ଧଜଣଙ୍କ ଗତ ୧ ତାରିଖ ଦିନ ଢୁପାପଡ଼ର ଗ୍ରାମକୁ ଯାଇ ଫେରି ନଥିଲେ। ପରିବାରଲୋକେ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ପାଇନଥିଲେ। ଆଜି ସକାଳୁ ଧାନବିଲ ନିକଟ ଏକ ନାଳରେ ତାଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକ ଅମ୍ବାଦଳା ପୁଲିସକୁ ଖବର ଦେଇଥିଲେ। ତେବେ ତଦନ୍ତ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଆଇଆଇସି କଳ୍ପନା ବେହେରା କହିଛନ୍ତି। ଘଟଣାସ୍ଥଳରେ ମୁନିଗୁଡ଼ା ଆଇଆଇସି କେଶବ ଷଡ଼ଙ୍ଗୀ ମଧ୍ୟ ଯାଇ ତଦନ୍ତ କରିଛନ୍ତି।

# ବ୍ରହ୍ମପୁର ବନଖଣ୍ଡରେ ୨୮୫୬ କୃଷ୍ଣସାର



ଘୁମୁସୁର ଦକ୍ଷିଣ ଡିଭିଜନ୍‌ର ବେତନଇରେ ଗଣନା ବେଳେ ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ୱାର୍ଡେନ ସେବାଶିଷ ଜେନାଙ୍କ କ୍ୟାମେରା ଲେନ୍ସରେ ବିରଳ କୃଷ୍ଣସାର

ବ୍ରହ୍ମପୁର,୩।୨(ସମିସ): ଚଳିତବର୍ଷ ଗଣନା ରିପୋର୍ଟ ଅନୁଯାୟୀ ବ୍ରହ୍ମପୁର ବନଖଣ୍ଡରେ ୯୮ଟି ଅଧିକ କୃଷ୍ଣସାର ଦେଖାଦେଇଛନ୍ତି। ୨୦୨୫ ମସିହା ଗଣନାରେ ବନଖଣ୍ଡରେ ୨୭୫୮ଟି କୃଷ୍ଣସାର ରହିଥିବା ବେଳେ ଚଳିତବର୍ଷ ଏହା ୨୮୫୬କୁ ବୃଦ୍ଧି ପାଇଛି। ସେଥିମଧ୍ୟରୁ ୮୨୬ଟି ପୁରୁଷ, ୧୯୮୨ଟି ମହିଳା ଓ ୪୮ଟି ଶାବକ ଥିବା ଜଣାପଡ଼ିଛି। ବନଖଣ୍ଡର ବ୍ରହ୍ମପୁର, ଖଲ୍ଲିକୋଟ ଓ ଦିଗପହଣ୍ଡି ବନାଞ୍ଚଳରେ ୩୫ଟି ଟିମ୍ ଗଣନାରେ ନିୟୋଜିତ ରହିଥିବା ଭାରପ୍ରାପ୍ତ ବନଖଣ୍ଡ ଅଧିକାରୀ ବିପାଶା ପାରୁଲ୍ ସୂଚନା ଦେଇଛନ୍ତି।

# ମୁନ୍ଦାଏ ପାଣି ଦେବାକୁ ଅସମର୍ଥ, ବିକଶିତ ଭାରତ ଗଢ଼ିବେ କେମିତି: ଭକ୍ତ




ଭୁବନେଶ୍ୱର,୩।୨(ସମିସ): ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅନ୍ତର୍ଗତ ପାଲଟପୁର ପଞ୍ଚାୟତ ଗସ୍ତ କରି ସେଠାକାର ଜଳ ସମସ୍ୟାର ସ୍ଥିତି ସମୀକ୍ଷା କରିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ପାଲଟପୁରରୁ ଫେରିବା ପରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଫୋନ ମାଧ୍ୟମରେ ସ୍ଥିତି ବିଷୟରେ ଜଣାଇ ତୁରନ୍ତ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଛନ୍ତି ବୋଲି ମଙ୍ଗଳବାର ସାମ୍ବାଦିକ ସମ୍ମିଳନୀରେ ଭକ୍ତ କହିଛନ୍ତି। ସେ କହିଛନ୍ତି, ପାଲଟପୁରର ମୋଟ ଜନସଂଖ୍ୟା ୬୮୪୧ ଏବଂ ୫ଟି ରାଜସ୍ୱଗ୍ରାମ। ବର୍ତ୍ତମାନ ପରୀକ୍ଷା ପାଇଁ ୮୨୭ ଟି ନଳକୂପରୁ ନମୂନା ନିଆଯାଇଥିଲା। ସେଥିରୁ ୪୨ଟି ନଳକୂପର ନମୂନା ମିଳିନଥିବା ବେଳେ ୧୬୦ଟି ରିପୋର୍ଟ ଆସିଲା ଏବଂ ସେଥିରୁ ୯୦ ଟି ନଳକୂପର ନମୂନା ପରୀକ୍ଷଣରୁ ଆର୍ସେନିକ, ଲିଡ, ମାଗ୍ନେସିୟମ, ଆଇରନ ଭଳିଆ ରସାୟନିକ ପଦାର୍ଥ ମିଳିଥିଲା। ଏହି ସ୍ଥିତି ଦେଖି ଜଳ ଯୋଗାଣ ମନ୍ତ୍ରୀ କ'ଣ କରୁଛନ୍ତି ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି। ଆଧୁନିକ ଭାରତରେ ବିଷାକ୍ତ ପାଣି ପିଇ ଲୋକେ ମରୁଛନ୍ତି। ସରକାର ଉତ୍ତରଦାୟୀ ହେବେନାହିଁ କାହିଁକି ବୋଲି ସେ କହିଛନ୍ତି।

ସାଧାରଣ ମୁନ୍ଦିଏ ବିଶୁଦ୍ଧ ପାଣି ଯୋଗାଇବାରେ ସରକାର ବିଫଳ। ଏଭଳି ପରିସ୍ଥିତିରେ ବିକଶିତ ଭାରତ ଗଢ଼ିବ କେମିତି ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି। ବିଷାକ୍ତ ପାଣି ଓ ବିଷାକ୍ତ ମଦ ପିଇ ଲୋକେ ମରୁଛନ୍ତି; କିନ୍ତୁ ସରକାର ହାତ ଟେକିଦେଇଛନ୍ତି। କୋରାପୁଟ ଜିଲ୍ଲା ଜୟପୁର ସହର ପାଖ ସାନକଉଡି ଗାଁରେ ଲୋକେ ବିଷାକ୍ତ ମଦପିଇ ୪୦୦ ମହିଳା ବିଧବା ହେଲେଣି। ସମସ୍ତ ପ୍ରଶାସନ କଳ ଥିବା ସତ୍ତ୍ୱେ ସାଧାରଣ ପିଇବାପାଣି ଯୋଗାଣ ହେଇପାରୁ ନାହିଁ। ଉପକୂଳବର୍ତ୍ତୀ ଅଞ୍ଚଳମାନଙ୍କରେ ଥିବା ସମସ୍ତ ନଳକୂପର ପରୀକ୍ଷା କରାଯାଉ ଏବଂ ବିଧିବଦ୍ଧ ଭାବରେ ପ୍ରତିଶେଧାତ୍ମକ କାର୍ଯ୍ୟଗ୍ରହଣ କରାଯାଉ ବୋଲି ସେ କହିଛନ୍ତି।

## ରାଜ୍ୟସଭାରେ ସାଂସଦ ମାନସଙ୍କ ଉଦ୍‌ବେଗ

# ୩ ବର୍ଷରେ ଆୟୁଷ ମିଶନରେ ମିଳିଛି ମାତ୍ର ୨୩ କୋଟି

ଭୁବନେଶ୍ୱର,୩।୨(ସମିସ): ଓଡ଼ିଶାରେ ମୋଟ୍ ୧୩ଟି ଆୟୁଷ୍ ମେଡିକାଲ କଲେଜ ଓ ୯ଟି ଆୟୁଷ୍ ହସ୍ପିଟାଲ ରହିଛି। ଏଠାରେ ମୋଟ୍ ୧୧୩୦ଜଣ ଆୟୁଷ ଡାକ୍ତର କାର୍ଯ୍ୟକ୍ଷମ ଅଛନ୍ତି। ଏହାସହିତ ରାଷ୍ଟ୍ରୀୟ ଆୟୁଷ ମିଶନ ଅଧୀନରେ କେନ୍ଦ୍ର ସରକାର ଗତ ୩ ବର୍ଷ ମଧ୍ୟରେ ଅର୍ଥାତ ୨୦୨୨-୨୩ରୁ ୨୦୨୪-୨୫ ପର୍ଯ୍ୟନ୍ତ ଓଡ଼ିଶାକୁ ମୋଟ ୨୩.୬୯ କୋଟି ଟଙ୍କା ପ୍ରଦାନ କରିଛନ୍ତି। ରାଜ୍ୟରେ ବିଜେଡି ସାଂସଦ ମାନସ ରଞ୍ଜନ ମଙ୍ଗରାଜ ପଚାରିଥିବା ପ୍ରଶ୍ନ ଉତ୍ତରରେ କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ପ୍ରତାପରାଓ ଯାଦବ ଏହି ତଥ୍ୟ ଦେଇଛନ୍ତି। ଯାହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ସାଂସଦ ମାନସ।

ଓଡ଼ିଶାରେ ଉପଲବ୍ଧ ଆୟୁଷ ମେଡିକାଲ କଲେଜ, ହସ୍ପିଟାଲ ଏବଂ ଡାକ୍ତରଙ୍କ ସଂଖ୍ୟା କେତେ ରହିଛି। ଏହାସହିତ ରାଜ୍ୟରେ କେତେକ ଆୟୁଷ ସଂସ୍ଥାଗୁଡ଼ିକରେ ଅପର୍ଯ୍ୟାପ୍ତ ଭିତ୍ତିଭୂମି ଏବଂ ଶିକ୍ଷକ ଅଭାବ ସମ୍ବନ୍ଧୀୟ ରିପୋର୍ଟ ବିଷୟରେ ମନ୍ତ୍ରଣାଳୟ ଅବଗତ ଅଛନ୍ତି କି? ଏହି ଅଭାବଗୁଡ଼ିକୁ ଦୂର କରିବା ପାଇଁ ମନ୍ତ୍ରଣାଳୟ ଦ୍ୱାରା ଗ୍ରହଣ କରାଯାଇଥିବା କାର୍ଯ୍ୟପନ୍ଥା ଓ ଗତ ତିନି ବର୍ଷ ମଧ୍ୟରେ ରାଷ୍ଟ୍ରୀୟ ଆୟୁଷ ମିଶନ ଅଧୀନରେ ଓଡ଼ିଶାକୁ ପ୍ରଦାନ କରାଯାଇଥିବା ଆର୍ଥିକ ସହାୟତା ବିଷୟରେ ଅବଗତ କରାଇବାକୁ ଶ୍ରୀ ମଙ୍ଗରାଜ ଦାବି କରିଛନ୍ତି। ଏହାର ଉତ୍ତରରେ ମନ୍ତ୍ରୀ ଶ୍ରୀ ଯାଦବ କହିଛନ୍ତି ଯେ ବର୍ତ୍ତମାନ ପର୍ଯ୍ୟନ୍ତ ଓଡ଼ିଶା ପକ୍ଷରୁ ଆୟୁଷ୍ ସଂସ୍ଥାଗୁଡ଼ିକରେ ଅପର୍ଯ୍ୟାପ୍ତ ଭିତ୍ତିଭୂମି ସମ୍ବନ୍ଧରେ କୌଣସି ସୂଚନା ପ୍ରଦାନ କରାଯାଇନାହିଁ। ରାଜ୍ୟ ସରକାର ନିୟମିତ ଅଧ୍ୟାପକ ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛନ୍ତି ଏବଂ ଆୟୁଷ ସଂସ୍ଥାଗୁଡ଼ିକରେ ରିଡର ଓ ପ୍ରଫେସରଙ୍କ ପଦୋନ୍ନତି ପାଇଁ ବାର୍ଷିକ ବିଭାଗୀୟ ପଦୋନ୍ନତି କମିଟି (ଡିପିସି) ବୈଠକ ଜାରି ରଖିଛନ୍ତି। ମନ୍ତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ ଅନୁଯାୟୀ ରାଜ୍ୟର ବରଗଡ଼, ବଲାଙ୍ଗିର, କଟକ, ଗଞ୍ଜାମ, ଖୋର୍ଦ୍ଧା, ମୟୂରଭଞ୍ଜ, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ ଆଦି ୯ ଟି ଜିଲ୍ଲାରେ ମୋଟ୍ ୧୩ ଟି ଆୟୁଷ ମେଡିକାଲ କଲେଜ୍ ଓ ୯ ଟି ଆୟୁଷ ହସ୍ପିଟାଲ ରହିଛି। ଏହା ବ୍ୟତୀତ ରାଜ୍ୟର ୩୦ ଟି ଜିଲ୍ଲାରେ ୧୧୩୦ ଜଣ ଆୟୁଷ ଡାକ୍ତର କାର୍ଯ୍ୟକ୍ଷମ ଅଛନ୍ତି।


OFFICE OF THE DIVISIONAL FOREST OFFICER SAMBALPUR FOREST DIVISION
Near Jail Chowk
e-mail id – dfo.sambalpur@odisha.gov.in
Phone/FAX- 0663-2410139
8001/14/2526

**TENDER NOTICE SALE OF CONFISCATED VEHICLES**

The undersigned invites sealed tender in plain paper for sale of 30 (Thirty) numbers of confiscated vehicles on *as is where is basis* separately for each vehicle (details list attached herewith) by 11.00 AM, on 23.02.2026. The Earnest Money Deposit shall be made in shape of Demand Draft payable at State Bank of India, Main Branch, Sambalpur in favour of "Divisional Forest Officer, Sambalpur Forest Division" for each vehicle separately @ 1000/- (One Thousand only). The tender shall be accompanied with aforesaid EMD along with self attested photocopy of AADHAR & PAN Card, without which the tender will not be accepted. The tender shall be open on the same day i.e. on 23.02.2026 at 11.00 AM in Office of the Divisional Forest Officer, Sambalpur Forest Division in the presence of tenderers. The tenderers are advised to inspect the vehicle kept at the place (shown in the list attached) during office hours on working days and also go through the detailed terms & conditions of the sale attached herewith prior to the submission of tender.

The details of the vehicles along with the Terms and Conditions have also been displayed on the Office Notice Board of Divisional Forest Officer, Sambalpur Forest Division & in Range Offices Notice Board of Sambalpur Forest Division.

The undersigned reserves the right to accept/ reject the tender without assigning any reason thereof.

No correspondence in this regard will be entertained.

Divisional Forest Officer
Sambalpur Forest Division

OIPR-8001/8046/1/25-26/0014



13001/13/2526

ପୌରପରିଷଦ କାର୍ଯ୍ୟାଳୟ, ତାଳଚେର
ଜିଲ୍ଲା- ଅନୁଗୋଳ
e.o.talcher@gmail.com

ନଂ.୩୯୮/ତା.୩୧.୧.୨୬

ଟେଣ୍ଡର ନୋଟିସ୍

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି କି, ତାଳଚେର ପୌରପରିଷଦ ଅନ୍ତର୍ଗତ "ବସ ଷ୍ଟାଣ୍ଡ ଆବର୍ଜ୍ଜନା ଶୌଚାଳୟ" ଏକ ବର୍ଷ ପାଇଁ ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଶିଲମୋହର ଟେଣ୍ଡର ଆହ୍ୱାନ କରାଯାଉଅଛି। ଟେଣ୍ଡରରେ ଭାଗ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ତା.୦୨/୦୨/୨୦୨୬ ରିଖ ଠାରୁ ତା.୦୯/୦୨/୨୦୨୬ ରିଖ ଅପରାହ୍ନ ୪ ଘଟିକା ମଧ୍ୟରେ (ସରକାରୀ ଛୁଟି ଦିନ ବ୍ୟତୀତ) ନିର୍ଦ୍ଦିଷ୍ଟ ଟେଣ୍ଡର ଫର୍ମ ଟ. ୫୦୦/- (ପାଞ୍ଚଶହ ଟଙ୍କା) ଦାଖଲ କରି ପୌର କାର୍ଯ୍ୟାଳୟରୁ କ୍ରୟ କରିପାରିବେ। ଟେଣ୍ଡର ତା.୧୦/୦୨/୨୦୨୬ ରିଖ ଅପରାହ୍ନ ଘ.୧:୩୦ ମି. ପର୍ଯ୍ୟନ୍ତ ଗ୍ରହଣ କରାଯିବ ଏବଂ ସେହିଦିନ ଅପରାହ୍ନ ଘ.୩:୩୦ ମି. ସମୟରେ ଟେଣ୍ଡର ଦାତା କିମ୍ବା ତାଙ୍କର କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ। ଟେଣ୍ଡର ଡକାଇବା ସମୟରେ ପୌରପରିଷଦ ଦ୍ୱାରା ସର୍ତ୍ତାବଳି ପାଳନ କରିବା ସହିତ ନିୟମାନୁଯାୟୀ ସମ୍ପତ୍ତି ପରିଚାଳନା କରିବେ ଏବଂ ଫି ଇତ୍ୟାଦି ଆଦାୟ କରିବେ। ଯେକୌଣସି ଟେଣ୍ଡରକୁ ବିନା ନୋଟିସରେ କୌଣସି କାରଣ ନ ଦର୍ଶାଇ ନିମ୍ନ ସ୍ୱାକ୍ଷରକାରୀ ଟେଣ୍ଡର ରଦ୍ଦ କରିପାରିବେ।

| କ୍ର. ନଂ. | ସାଇରାତ ନାମ | ବାର୍ଷିକ ସରକାରୀ ଡାକ | ଅମାନତ ଟଙ୍କା |
|---|---|---|---|
| ୧ | ବସ ଷ୍ଟାଣ୍ଡ ଆବର୍ଜ୍ଜ ଶୌଚାଳୟ | ଟ. ୧,୮୧,୧୦୦ /- | ଟ. ୧୮,୧୧୦ /- |

ନିର୍ବାହୀ ଅଧିକାରୀ
ତାଳଚେର ପୌରପରିଷଦ

OIPR-13001/13077/1/25-26/0013



13001/16/2526

GOVERNMENT OF ODISHA
HOUSING & URBAN DEVELOPMENT DEPARTMENT
OF THE NOTIFIED AREA COUNCIL, PADAMPUR
At- Padampur, Po-Rajborasambar, Dist.: Bargarh , Pin- 768036
Ph.No.: 06683-223436, E-mail: nac.padampur@gmail.com

No.197 / NACP Dt. 30.01.2026

National Competitive Bidding through e-procurement
Bid Identification No. NAC-PDP-09/2025-26

The Executive Officer, N.A.C. Padampur on behalf of NAC invites Percentage bid through e-procurement in Double cover system according to norm of e-Procurement system in on-line mode.

1. Nature of Work : Civil Building Work
2. No. of works : 1 (One No)
3. Estimate Cost : Crore Rs.1.34
4. Class of Contractor : "B" or Equivalent Class"
5. Date & Time of availability of Bid Documents in the portal : 9.00 AM on dt.31-01-2026 up to 05.00 PM on dt.12-02-2026
6. Last date & time for receipt of Bids in the portal. : 12-02-2026 at 05.00 PM.
7. Bid opening Date : Dt.13-02-2026 at 11.00 AM

The bidders have to participate in online bidding only. Further details can be seen from the website https:// www.tendersodisha.gov.in

Executive Officer
N.A.C. Padampur

OIPR-13001/13118/1/25-26/0016



OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BERHAMPUR
(At/po- Ambapua, Near Income Tax Office, Berhampur-760011, Ganjam, Odisha)

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
(ଗ୍ରାମ/ପୋଷ୍ଟ- ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା

Email: serwbpr2004@yahoo.com, Tel No. 0680-2404287
25001/9/2526

No. e-tender/431/RWC/BAM/Dated 29.01.2026
2nd Corrigendum to Bid Identification No. Online Tnder/49-2025-26/BPR

1. The partial modification of Road works under MMSY-TRIP for the year 2025-26 vide above identification has been made as follows.

| | | | |
|---|---|---|---|
| 1 | Date of availability of tender | :: | 10.02.2026 to 25.02.2026 upto 5.30 PM instead of 27.01.2026 to 10.02.2026 upto 5.30 PM. |
| 2 | Last Date & Time of seeking tender clarification | :: | 23.02.2026 at 5.30 PM instead of 07.02.2026 at 5.30 PM |
| 3 | Date of opening of Technical Bid. | :: | 26.02.2026 at 11.00 AM instead of 11.02.2026 at 11.00 AM |
| 4 | Date of opening of Financial Bid | :: | Will be intimated later on. |

*All other contents will remain unchanged.*

Chief Engineer
R.W. Circle, Berhampur

OIPR-25001/25071/1/25-26/0009



GOVERNMENT OF ODISHA, DEPARTMENTOF WATER RESOURCES
Office of the Engineer-In-Chief, Water Resources, Secha Sadan, Bhubaneswar
32001/6/2526

Email Address: cemech.eicwr.od@gmail.com
e-Procurement Notice- Bid Identification No.- CEM/MDC-28/ 2025-26

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : CEM/MDC - 28/2025-26
5. Estimated Cost : Rs. 28,26,008.00
6. Period of Completion : 30 Days
7. Date & time of availability of bid documents in the Portal : From dt.30.01.2026 (10.00 AM) to dt.06.02.2026 (5.30 PM)
8. Last date/ time for receipt of bid In the Portal : dt.06.02.2026(up to 5.30 PM)
9. Date and Place of opening of Bid : dt.07.02.2026 (12.00 Noon onwards in the O/O the undersigned)
10. Name of the Officer inviting bid : Chief Engineer, Mechanical, O/O the E.I.C, Water Resources, Odisha, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Chief Engineer, Mechanical
O/o- Engineer-In-Chief,
Secha Sadan, Bhubaneswar

OIPR-32001/32520/1/25-26/0006



GOVT. OF ODISHA
OFFICE OF THE SUPERINTENDING ENGINEER
BALASORE IRRIGATION DIVISION, BALASORE
e-Mail id. eebid1234@gmail.com
'e'-Procurement Notice No. SEBID 02 of 2025-26
32001/9/2526

| | | | |
|---|---|---|---|
| 1. | Procurement Officer | : | Superintending Engineer, Balasore Irrigation Division, Balasore |
| 2. | Total No. of Works | : | 10(Ten) no. of Works |
| 3. | Estimated Cost | : | Varies from Rs.12.71 lakhs to Rs.77.64 lakhs approximately (details can be seen in the DTCN of bid documents of the respective works) |
| 4 | Class of Contractor | : | (Details can be seen in the DTCN of bid documents of the respective works) |
| 5 | Bid Security | : | Details can be seen in the DTCN of bid documents of the respective works. |
| 6 | Period of completion | : | Details can be seen in the DTCN of bid documents respective works. |
| 7. | Date & Time of Availability of Bid: Documents in the Portal for On-line bidding | : | From dt 05.02.2026, 10.00 hours to 19.02.2026, up to 17.00 hours |
| 8. | Last date/ Time for receipt of Bid only in online | : | 19.02.2026 up to 17.00 hours |
| 9 | Date/ Time of Opening Technical Bid (Cover-I) | : | 20.02.2026 at 11.00 hours onwards at Office of the Superintending Engineer, Balasore Irrigation Division, Balasore. |
| 10. | Date/ Time of Opening Financial Bid for double Cover (Cover-II) | | To be intimated after Evaluation of Technical Bid. |
| 11. | e-mail Id | : | eebid1234@gmail.com |

Further details can be seen from the "e" Procurement Portal http: // tendersodisha.gov.in

SUPERINTENDING ENGINEER,
BALASORE IRRIGATION DIVISION,
BALASORE

OIPR-32001/32110/1/25-26/0009



OFFICE OF THE NOTIFIED AREA COUNCIL, JUNAGARH
13001/11/2526
No- 177 /NAC (J) Date. 27.01.2026

"e" Procurement Notice
Bid Identification No- JNG / NAC / 01 / 25-26

Bid document consisting of the scheduled of quantities and the set of the terms and conditions of contract and other necessary documents can be seen in the Odisha Government website i.e. www.tendersorissa.gov.in.

1. Name of the work : Electrical & PH works under NAC Junagarh.
2. Eligibility : HT/MV Electrical " C " & " D "Class Contractor
3. No of works : 06 (Six)
4. Value of works : 25.81 Lakhs to `9.44 lakhs
5. Completion Period : 30 Days
6. Date and Time of Availability Bid Documents in the Portal : 30.01.26 from 10 AM onwards
7. Last Date and time for Submission : 07.02.26 up to 5 PM
8. BID opening date/time : 09.02.26 at 11 AM
9. Bid opening Place : NAC Office NAC Junagarh

Further details can be seen from the procurement portal i.e. www.tendersorissa.gov.in.

SD/-
Executive Officer NAC Junagarh

OIPR-13001/13133/1/25-26/0011



OFFICE OF THE SUPERINTENDING ENGINEER
25001/13/2526
RURAL WATER SUPPLY AND SANITATION DIVISION, BHUBANESWAR
Plot No.-1214 (Part), Tapovan Road, Khandagiri, Bhubaneswar-30.
Short Quotation Call Notice No - 40 of 2025-26

Sealed quotationers are invited from reputed Suppliers/ Authorized Firms/ Resellers of the State for the work "Supply & Installation of Air Conditioners for Addition, Alternation & Renoation of existing Conference Hall in the Office of the Additional Chief Engineer, RWS&S Circle, Bhubaneswar".

| | |
|---|---|
| Last date of issue of Bid Document : | 05.02.2026 till 03:00 P.M. |
| Last date of submission of Bids : | 05.02.2026 by 04:00 P.M. |
| Opening of Bids : | 06.02.2026 at 11:30 A.M. |

The Quatation details with matgrials description can be collected from Office of the Superintending Enginner, RWS&S Division, Bhubaneswar. The superintending engineer, RWS&S Division, Bhubaneswar reserves the right to accept/reject/modify & cancel the full tender or part thereof at any time without assigning any reason thereof.

*Superintending Engineer*
*RWS&S Division, Bhubaneswar,*

OIPR-25001/25011/1/25-26/0013



OFFICE OF THE SUPERINTENDING ENGINEER
25001/16/2526
RURAL WATER SUPPLY AND SANITATION DIVISION; BHUBANESWAR
Plot No.-1214 (Part), Tapovan Road, Khandagiri, Bhubaneswar-30.
Short Quotation Call Notice No - 38 of 2025-26

Sealed quotationers are invited from reputed Suppliers/ Authorized Firms/ Resellers of the State for the work "Supply & Installation of Conference Table for Addition, Alternation & Renoation of existing Conference Hall in the Office of the Additional Chief Engineer, RWS&S Circle, Bhubaneswar".

| | |
|---|---|
| Last date of issue of Bid Document : | 05.02.2026 till 03:00 P.M. |
| Last date of submission of Bids : | 05.02.2026 by 04:00 P.M. |
| Opening of Bids : | 06.02.2026 at 11:30 A.M. |

The Quatation details with materials description can be collected from Office of the Superintending Enginner, RWS&S Division, Bhubaneswar. The superintending engineer, RWS&S Division, Bhubaneswar reserves the right to accept/reject/modify & cancel the full tender or part thereof at any time without assigning any reason thereof.

*Superintending Engineer*
*RWS&S Division, Bhubaneswar,*

OIPR- 25001/25011/1/25-26/0016



25001/16/2526
E-Mail:rw.kamakhyanagar@yahoo.co.in

Government of Odisha
Office of the Superintending Engineer,
Rural Works Division-II, Dhenkanal.
Kamakhyanagar

e-procurement Notice No 26 / Road Work / 2025-26.

1. Name of the work : Road Work
2. Total No. of Works : 2 (Two) Nos
3. Tender Cost : Rs.5.08 & 10.17 lakhs
4. Class Contractor : D, C & B equivalent
5. Period of Completion : 1 calendar months
6. Availability of Tender online for bidding : 03.02. 2026.. at 11.00 A.M to 10.02.2026 up to 5.00 P.M
7. Last Date & Time of seeking tender clarification : 09.02.2026 up to 5.00 PM
8. Date & Time of opening of Bid : 10.02.2026 at 5.30 P.M

Other Details can be seen from the website http://tendersorissa.gov.in.

Superintending Engineer
Rural Works Division-II, Dkl
Kamakhyanagar

OIPR-25001/25094/1/25-26/0016

## ଆଜିର ରାଶିଫଳ

**ମେଷ:** ସକରାତ୍ମକ ଦୃଷ୍ଟିରୁ ଦିନଟି ଭଲରେ କଟିବ। ପୂର୍ବର ଭୁଲ୍‌କୁ ଅନୁଧ୍ୟାନ କରି ଆଗକୁ ବଢ଼ିବାକୁ ଚେଷ୍ଟା କରିବେ। ବ୍ୟବସାୟରେ ସଫଳତା ପାଇବେ। ଆୟ ଓ ବ୍ୟୟ ସମାନ ରହିବ।

**ବୃଷ:** ଅଟକି ଥିବା କାର୍ଯ୍ୟରେ ସଫଳତା ମିଳିପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପିଠି ଯନ୍ତ୍ରଣା ଅନୁଭବ କରିପାରନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ମାନ ସମ୍ମାନ ବୃଦ୍ଧିପାଇବ।

**ମିଥୁନ:** ଆର୍ଥିକ ସ୍ଥିତି ଠିକ୍ ରହିବ। ବିଦ୍ୟାର୍ଥୀମାନେ ଭଲ ପ୍ରଦର୍ଶନ କରିବେ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ। ଅଯଥା କଥାରେ ଯୁକ୍ତି କରନ୍ତୁନି। ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି।

**କର୍କଟ:** ମାନସିକ ଶାନ୍ତି ମିଳିବ। ଅପେକ୍ଷାର ଫଳ ମିଳିପାରେ। କର୍ମକ୍ଷେତ୍ରରେ ସମସ୍ତଙ୍କ ସହ ଭଲ ଆଚରଣ ଦେଖାନ୍ତୁ। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ। ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି।

**ସିଂହ:** ନିଜ ଲୋକ ଶତ୍ରୁ ସାଜିପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରହନ୍ତୁ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। କଳାକାରଙ୍କ ପାଇଁ ଦିନଟି ଭଲ। ଜମି ବିବାଦର ସମାଧାନ ହେବ। ଅତିଥି ସତ୍କାର କରିପାରନ୍ତି।

**କନ୍ୟା:** ପରିବାର ସହିତ ସମୟ ବିତାନ୍ତୁ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଯାତାୟତ ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

**ତୁଳା:** ଅଫିସ କାମକୁ ନେଇ ଚିନ୍ତାରେ ରହିପାରନ୍ତି। ଅନ୍ୟମାନଙ୍କ କଥାରେ ପରିଚାଳିତ ହୁଅନ୍ତୁ ନାହିଁ। ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ ବିତାନ୍ତୁ। ମହିଳାମାନଙ୍କ ପାଇଁ ଦିନଟି ଭଲ।

**ବିଛା:** ଯୋଜନା ମୁତାବକ କାମ କରିବା ଭଲ। ସ୍ୱାସ୍ଥ୍ୟ ପ୍ରତି ଅଣଦେଖା କରନ୍ତୁନି। ରାଜନୀତିରେ ସକ୍ରିୟ ରହିପାରନ୍ତି। ମନ ମୁତାବକ କାମ କରନ୍ତୁ। ପଡୋଶୀଙ୍କ ସହ ସମ୍ପର୍କ ମଧୁର ହେବ।

**ଧନୁ:** ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ପିଲାମାନଙ୍କ ନକାରାତ୍ମକ ଗତିବିଧିକୁ ନେଇ ଚିନ୍ତାରେ ରହିବେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ।

**ମକର:** ଯୁବପିଢ଼ିଙ୍କ ପାଇଁ ଦିନଟି ଭଲ। ଧାର୍ମିକ ଏବଂ ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ ବିତିବ। ମହିଳାମାନେ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୁଅନ୍ତୁ। ପେଟଜନିତ ସମସ୍ୟା ହେବାର ଆଶଙ୍କା ରହିଛି।

**କୁମ୍ଭ:** ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଆଶା କରିଥିବା ଦିଗରୁ ଅର୍ଥ ମିଳିବ। ଅତିଥି ସତ୍କାରରେ ଦିନ ବିତିବ। ବିଦ୍ୟାର୍ଥୀମାନେ ଶିକ୍ଷା କ୍ଷେତ୍ରରେ ଭଲ ପ୍ରଦର୍ଶନ କରିବେ।

**ମୀନ:** ପରିବାର ପାଇଁ ସମୟ କାଢ଼ନ୍ତୁ। ବିପଦରେ ପଡ଼ିଥିବା ଲୋକଙ୍କୁ ସାହାଯ୍ୟର ହାତ ବଢ଼ାନ୍ତୁ। କର୍ମକ୍ଷେତ୍ରରେ କାର୍ଯ୍ୟର ଚାପ ବଢ଼ିବ। ପାରିବାରିକ ଜୀବନରେ ଝଡ଼ ସୃଷ୍ଟି ହେବାର ଆଶଙ୍କା ରହିଛି।

## ଆଜିର ଦିନରେ

- ୧୮୪୭- ପ୍ରଥମ ଆମେରିକୀୟ ଟେଲିଗ୍ରାମ୍ କମ୍ପାନି ମେରିଲ୍ୟାଣ୍ଡରେ ସ୍ଥାପିତ।
- ୧୯୨୦- ପ୍ରଥମ ଥର ଲଣ୍ଡନରୁ ଆମେରିକା ଉଡ଼ାଣ ଆରମ୍ଭ।
- ୧୯୪୮- ଶ୍ରୀଲଙ୍କା ବ୍ରିଟେନ୍ ଠାରୁ ସ୍ୱାଧୀନ ହେଲା।
- ୨୦୦୪- ଫେସ୍‌ବୁକ୍ ଲଞ୍ଚ୍ ହୋଇଥିଲା।
- ୨୦୧୪- ସତ୍ୟ ନଡେଲା ମାଇକ୍ରୋସଫ୍ଟର ସିଇଓ ନିଯୁକ୍ତ ହେଲେ।

## ଆଜି ବାହୁଡ଼ିଥିଲେ

# ଉତ୍କଳ ଗୌରବ ମଧୁସୂଦନ ଦାସ

ଆଜି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପୁଣ୍ୟତିଥି। ଉତ୍କଳ ପ୍ରଦେଶ ଗଠନର ସେ ଥିଲେ ଅନ୍ୟତମ ପ୍ରମୁଖ ବିନ୍ଧାଣି। ଓଡ଼ିଶାର ମାଟି, ମଣିଷ ଓ ଭାଷାକୁ ସେ ପ୍ରାଣ ଭରି ଭଲ ପାଉଥିଲେ। ଆଇନ, ବ୍ୟବସାୟ, ରାଜନୀତି ଓ ସାମ୍ବାଦିକତା ପ୍ରତ୍ୟେକ କ୍ଷେତ୍ରରେ ସେ ନିଜର ସ୍ୱତନ୍ତ୍ର ପରିଚୟ ଛାଡ଼ି ଯାଇଛନ୍ତି। ମଧୁସୂଦନଙ୍କ ସମଗ୍ର ଜୀବନ ଓଡ଼ିଶା ପାଇଁ ଉତ୍ସର୍ଗୀକୃତ। ଆଇନ କ୍ଷେତ୍ରରୁ ଆରମ୍ଭ କରି ସମବାୟ ଆନ୍ଦୋଳନ, କୁଟୀର ଶିଳ୍ପ, ତାରକସୀ କାର୍ଯ୍ୟ, ଶିକ୍ଷା, ପୌରସଂସ୍କାର ଉନ୍ନତି, ଛାତ୍ର ଜାଗରଣ, ନାରୀ ଜାଗରଣ, ଏହିପରି ସବୁକ୍ଷେତ୍ରରେ ସେ ଥିଲେ ପ୍ରତିଟି ଓଡ଼ିଆଙ୍କ ପଥ ପ୍ରଦର୍ଶକ। ସେ ୧୮୪୮ ମସିହା ଏପ୍ରିଲ୍ ମାସ ୨୮ ତାରିଖରେ କଟକ ଜିଲ୍ଲାର ସତ୍ୟଭାମାପୁରଠାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଚୌଧୁରୀ ରଘୁନାଥ ଦାସ ଏବଂ ମାତାଙ୍କ ନାମ ପାର୍ବତୀ ଦେବୀ। ସେ ଗାଁ ଚାଟଶାଳୀରୁ ପାଠପଢ଼ା ସାରି ହାଇସ୍କୁଲ ପାଠ ପଢ଼ିବା ପାଇଁ କଟକ ଆସିଥିଲେ। ୧୮୬୪ରେ ମଧୁସୂଦନ ଅନ୍ୟ ଚାରିଜଣଙ୍କ ସହ କଟକ ସ୍କୁଲରୁ ଦ୍ୱିତୀୟ ଶ୍ରେଣୀରେ ଏଣ୍ଟ୍ରାନ୍ସ ପାସ କରିଥିଲେ। ଏହାପରେ ସେ ବାଲେଶ୍ୱରରେ କିରାଣି ଚାକିରିଟିଏ କଲେ। ୧୮୭୦ରେ ସେ ବି.ଏ. ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ମଧୁବାବୁ ଇଂରାଜୀ ସାହିତ୍ୟରେ ଏମ୍.ଏ. ପାସ୍ କଲାପରେ କଲିକତାରେ କେତେକ ସ୍କୁଲରେ ଶିକ୍ଷକତା କରିଥିଲେ। କଲିକତା ବିଶ୍ୱବିଦ୍ୟାଳୟରୁ ବି.ଏଲ୍. ପାସ୍ କରିବା ପରେ ମଧୁବାବୁ ପ୍ରଥମେ ଚବିଶ ପ୍ରଗଣା ଅନ୍ତର୍ଗତ ଆଲିପୁର କୋର୍ଟରେ ଓକିଲାତି ଆରମ୍ଭ କରିଥିଲେ। କଲିକତାରୁ ଆସି କଟକରେ ଓକିଲାତି କରିବା ପରେ ଲୋକେ ତାଙ୍କୁ 'ମଧୁ ବାରିଷ୍ଟର' ବୋଲି ସମ୍ବୋଧନ କଲେ। ସେ ଉତ୍କଳ ଟାନେରୀ ଓ ଓଡ଼ିଶା ତାରକସୀ ନାମକ ଦୁଇଟି ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରିଥିଲେ। ମଧୁବାବୁ ଥିଲେ ଓଡ଼ିଆ ଭାଷା ଆନ୍ଦୋଳନର ମୁଖ୍ୟ ପୁରୋଧା। ସେ ଥିଲେ ଓଡ଼ିଶାର ପ୍ରଥମ ବାରିଷ୍ଟର। ପ୍ରଥମ ଓଡ଼ିଆ ଗ୍ରାଜୁଏଟ୍, ପ୍ରଥମ ଓଡ଼ିଆ ଏମ୍‌ଏ, ପ୍ରଥମ ଓଡ଼ିଆ ବିଲାତ ଯାତ୍ରୀ, ପ୍ରଥମ ମନ୍ତ୍ରୀ, ପ୍ରଥମ ଓଡ଼ିଶା-ବିହାର ବିଧାନସଭା ସଦସ୍ୟ।



ଓଡ଼ିଶାର ବିଚ୍ଛିନ୍ନାଞ୍ଚଳର ଏକତ୍ରୀକରଣ ପାଇଁ ସାରା ଜୀବନ ସେ ସଂଗ୍ରାମ କରିଥିଲେ। ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ର କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବା ପାଇଁ ସେ ଆଜୀବନ ସଂଗ୍ରାମ କରିଥିଲେ। ତାଙ୍କର ପ୍ରତ୍ୟକ୍ଷ ପ୍ରେରଣା ଓ ନେତୃତ୍ୱରେ ଉତ୍କଳ ସମ୍ମିଳନୀ ଗଠନ ହୋଇଥିଲା। ସେହିପରି ଜଣେ ଲେଖକ ଓ କବି ଭାବରେ ମଧ୍ୟ ସେ ଅନେକ ଦେଶାତ୍ମବୋଧକ ଲେଖା ଲେଖିଛନ୍ତି। 'ଉତ୍କଳ ସନ୍ତାନ', 'ଜାତି ଇତିହାସ', 'ଜ୍ଞାନୀର ଉକ୍ତି', 'ଜାତୀୟ ଗୀତିକା' ଆଦି ଲେଖା ତାଙ୍କର ପ୍ରସିଦ୍ଧି ଲାଭ କରିଛି। ଏହି ବରପୁତ୍ରଙ୍କର ୧୯୩୪ ମସିହା ଆଜିର ଦିନରେ ପରଲୋକ ଘଟିଥିଲା। ତେବେ ଓଡ଼ିଶା ଓ ଓଡ଼ିଆ ଭାଷାର ସ୍ୱାଭିମାନକୁ ନେଇ ଯଦି କିଏ ସମଗ୍ର ଇତିହାସରେ ପ୍ରାଣପାତ କରି ଲଢ଼େଇ କରିଥିଲା ସେ ହେଉଛନ୍ତି କୁଳବୃଦ୍ଧ ମଧୁସୂଦନ ଦାସ। ସାହିତ୍ୟିକ ସୁରେନ୍ଦ୍ର ମହାନ୍ତିଙ୍କ ଭାଷାରେ ସେ ଶତାବ୍ଦୀର ସୂର୍ଯ୍ୟ।



# ଶଙ୍କରଙ୍କ ଫିଲ୍ମରେ ରଣବୀର

ବଲିଉଡ୍ ଅଭିନେତା ରଣବୀର ସିଂହଙ୍କ ଫିଲ୍ମ 'ଧୁରନ୍ଧର' ବକ୍ସ ଅଫିସ୍‌ରେ ହିଟ୍ ସାବ୍ୟସ୍ତ ହେବା ପରେ ଦର୍ଶକେ ଏବେ ଏହାର ସିକ୍ୱେଲକୁ ଅପେକ୍ଷା କରିଛନ୍ତି। ଇତିମଧ୍ୟରେ ରଣବୀରଙ୍କ ହାତକୁ ତାଙ୍କ କ୍ୟାରିୟରର ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ଆସିଥିବା ଚର୍ଚ୍ଚା ହେଉଛି। ଏହି ଫିଲ୍ମକୁ ସାଉଥ୍ ଇଣ୍ଡଷ୍ଟ୍ରୀର ଆଗଧାଡ଼ିର ନିର୍ଦ୍ଦେଶକ ଏସ୍. ଶଙ୍କର ନିର୍ମାଣ କରୁଛନ୍ତି। ଫିଲ୍ମର ଟାଇଟଲ୍ ରହିଛି 'ବେଲପାରି'। ଏହାପୂର୍ବରୁ ୨୦୦୧ରେ ଆସିଥିବା ଅନୀଲ କପୁରଙ୍କ 'ନାୟକ'ର ନିର୍ଦ୍ଦେଶନା ଶଙ୍କର ଦେଇଥିଲେ। ଏହା ତାଙ୍କ ନିର୍ଦ୍ଦେଶିତ ଏକମାତ୍ର ହିନ୍ଦୀ ଫିଲ୍ମ ଥିଲା। ଏବେ ଏହା ଶଙ୍କର ନିର୍ଦ୍ଦେଶିତ ଦ୍ୱିତୀୟ ହିନ୍ଦୀ ଫିଲ୍ମ ହେବ। ଏଥିରେ ରଣରବୀରଙ୍କ ସହ ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତା ବିକ୍ରମ ମଧ୍ୟ ଲିଡ୍ ରୋଲରେ ନଜର ଆସିପାରନ୍ତି। ତେବେ ଶଙ୍କର ଏହି ଫିଲ୍ମ ପାଇଁ ରଣବୀରଙ୍କ ସହ ଆଲୋଚନା କରିଛନ୍ତି। ଏଯାଏଁ ଏହି ଫିଲ୍ମକୁ ନେଇ ବିଧିବଦ୍ଧ ଭାବେ ରଣବୀର କି ଶଙ୍କର କୌଣସି ସୂଚନା ଦେଇ ନାହାନ୍ତି। ଫିଲ୍ମର କାହାଣୀ ତାମିଲ ଲୋକକଥା ଓ ଇତିହାସ ଉପରେ ଆଧାରିତ ହେବ।

# ବିଶ୍ୱ କର୍କଟ ଦିବସ



କ୍ୟାନସର୍ ବା କର୍କଟ, ଏକ ପ୍ରାଣଘାତୀ ରୋଗ। ପରିବର୍ତ୍ତିତ ଜୀବନଶୈଳୀ ଯୋଗୁଁ ଲକ୍ଷ ଲକ୍ଷ ଲୋକ ଏହି ଗମ୍ଭୀର ରୋଗର ଶିକାର ହେଉଛନ୍ତି। କର୍କଟ ରୋଗ ସମ୍ପର୍କରେ ଲୋକଙ୍କୁ ସଚେତନା କରାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଫେବୃଆରୀ ୪ ତାରିଖକୁ ବିଶ୍ୱ କର୍କଟ ଦିବସ ରୂପେ ପାଳନ କରାଯାଏ। କର୍କଟ ରୋଗ ସମ୍ପର୍କରେ ଜନସଚେତନା ସୃଷ୍ଟି କରିବା, ଶୀଘ୍ର ଚିହ୍ନଟ, ନିରାକରଣ ଏବଂ ରୋଗରେ ପୀଡ଼ିତ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ବର୍ତ୍ତମାନ ସମୟରେ ଏହି ମାରାତ୍ମକ ରୋଗ ବିରୋଧରେ ସମସ୍ତେ ମିଶି ଲଢ଼େଇ କରିବାର ଆବଶ୍ୟକତା ରହିଛି। ଏହା ଏମିତି ଏକ ରୋଗ ଯାହାର ଚିକିତ୍ସା ଠିକ୍ ସମୟରେ କରା ନ ଗଲେ ରୋଗୀ ମୃତ୍ୟୁମୁଖରେ ପଡ଼େ। କାରଣ କର୍କଟର ପ୍ରାରମ୍ଭିକ ଲକ୍ଷଣ କେହି ସହଜରେ ଜାଣିପାରି ନ ଥାନ୍ତି। ତେବେ ଅନ୍ୟ ରୋଗ ତୁଳନାରେ ପୃଥିବୀରେ କର୍କଟଜନିତ ମୃତ୍ୟୁ ଖୁବ୍ ଅଧିକ। ମହିଳାମାନେ ସ୍ତନ କର୍କଟରେ ଅଧିକ ପୀଡ଼ିତ ହେଉଥିବା ବେଳେ ପୁରୁଷମାନେ ଫୁସ୍‌ଫୁସ୍ କର୍କଟରେ ଅଧିକ ଆକ୍ରାନ୍ତ ହେଉଛନ୍ତି। ତେବେ ଏହି ଦିବସକୁ ପ୍ରଥମଥର ପାଇଁ ୧୯୯୩ ସ୍ୱିଜରଲ୍ୟାଣ୍ଡର ଜେନେଭାରେ ୟୁନିୟନ୍ ଫର୍ ଇଣ୍ଟରନ୍ୟାସନାଲ କ୍ୟାନ୍‌ସର୍ କଣ୍ଟ୍ରୋଲ (ୟୁଆଇସିସି) ଦ୍ୱାରା ଫେବୃଆରୀ ୪ରେ ପାଳନ କରାଯାଇଥିଲା। ଏହାର ଉଦ୍ଦେଶ୍ୟ କର୍କଟ ରୋଗୀଙ୍କ ସଂଖ୍ୟା ତଥା ଏହାର ମୃତ୍ୟୁହାରକୁ କମ୍ କରିବା। ଏହାବାଦ୍ କ୍ୟାନ୍‌ସର୍ ଲକ୍ଷଣକୁ ଠିକ୍ ସମୟରେ ଚିହ୍ନଟ କରିବା ତଥା ଏହା ବିରୋଧରେ ଯେଉଁ ଗୁଜବ ବା ଭୁଲ୍ ଚିନ୍ତାଧାରା ରହିଛି ତାହାକୁ ଦୂର କରିବା। ଏକ ସୁସ୍ଥ ଜୀବନଶୈଳୀ ଆପଣାଇ କ୍ୟାନ୍‌ସର୍ ଭଳି ମାରତ୍ମକ ରୋଗର ଆଶଙ୍କାକୁ କମ୍ କରାଯାଇପାରେ। ଏଥିପାଇଁ ସୁନିଦ୍ରା ସହ ସନ୍ତୁଳିତ ଆହାର ଗ୍ରହଣ, ପ୍ରତିଦିନ ବ୍ୟାୟାମ କରିବା ଜରୁରି। ଏଭଳି କରିବା ଦ୍ୱାରା କେବଳ ଆମର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ ନାହିଁ ବରଂ ସୁସ୍ଥ ଜୀବନ ଜୀଇଁବାରେ ମଧ୍ୟ ସହାୟକ ହୋଇଥାଏ। ସେହିପରି ଯଦି କୌଣସି ବ୍ୟକ୍ତିଙ୍କଠାରେ କ୍ୟାନ୍‌ସର୍‌ର ଲକ୍ଷଣ ଦେଖାଯାଏ, ତାହେଲେ ଅବିଳମ୍ବେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରି। ଠିକ୍ ସମୟରେ କ୍ୟାନ୍‌ସର୍ ଚିହ୍ନଟ ହୋଇପାରିଲେ, ଏହି ରୋଗକୁ ପରାସ୍ତ କରାଯାଇପାରିବ। ଏ ବାବଦରେ ଲୋକଙ୍କୁ ସଚେତନ କରିବା ପାଇଁ ଏହିଦିନ ସରକାରୀ ତଥା ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ପକ୍ଷରୁ ବହୁ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ପ୍ରତିବର୍ଷ ଏହାକୁ ଏକ ନିର୍ଦ୍ଦିଷ୍ଟ ଥିମ୍‌ରେ ପାଳନ କରାଯାଏ। ଚଳିତବର୍ଷର ଥିମ୍ ହେଉଛି 'ୟୁନାଇଟେଡ୍ ବାଏ ୟୁନିକ୍'।



# ଯୁବପିଢ଼ିଙ୍କଠାରେ ବଢ଼ୁଛି ଡିଜିଟାଲ ଆସକ୍ତି

**ଦିନ ତମାମ ଫୋନ, ଭିଡିଓ ତଥା ରିଲ୍ ଦେଖିବା ଏବେ ଅନେକଙ୍କ ଅଭ୍ୟାସ ପାଲଟିଛି। ବିଶେଷକରି ଯୁବପିଢ଼ିଙ୍କଠାରେ ଏହି ଅଭ୍ୟାସ ଟିକେ ବେଶି। ମୁଖ୍ୟତଃ ୧୫-୨୪ ବର୍ଷ ବୟସ୍କଙ୍କଠାରେ ଏହା ଅଧିକ ବୋଲି କୁହାଯାଉଛି। ଏଥିଯୋଗୁଁ ଯୁବପିଢ଼ିଙ୍କଠାରେ ଅନେକ ପ୍ରକାର ଶାରୀରିକ ଓ ମାନସିକ ସମସ୍ୟା ବଢ଼ିବାରେ ଲାଗିଛି। ତା'ସହ ଡିଜିଟାଲ ଆସକ୍ତି ଯୋଗୁଁ ସେମାନଙ୍କର ନିତିଦିନର କାମ ବି ପ୍ରଭାବିତ ହେଉଛି।**

ଆବଶ୍ୟକତାଠୁ ଅଧିକ ଡିଜିଟାଲ ଡିଭାଇସ୍ ବ୍ୟବହାର କରିବାକୁ ଡିଜିଟାଲ ଆସକ୍ତି ବୋଲି କୁହାଯାଏ। ମୁଖ୍ୟତଃ ସୋସିଆଲ ମିଡିଆ ବ୍ୟବହାର, ଗେମିଂ, ଅନଲାଇନ ନିଶା ଅବସାଦ, ଚିନ୍ତା, ମୋଟାପାର କାରଣ ପାଲଟିଛି। ଏପରିକି ସବୁବେଳେ ଚିନ୍ତାଗ୍ରସ୍ତ ରହିବା ଯୋଗୁଁ ସେମାନଙ୍କର ନିତିଦିନର କାମ ପ୍ରଭାବିତ ହେଉଛି। ଇକୋନମିକ ସର୍ଭେ ୨୦୨୫-୨୬ ରିପୋର୍ଟ ଅନୁସାରେ, ସୋସିଆଲ ମିଡିଆ ନିଶା କେବଳ ଯୁବପିଢ଼ିଙ୍କ ଜୀବନ ନଷ୍ଟ କରୁନାହିଁ, ବରଂ ଯେଉଁ ବୟସରେ ସେମାନଙ୍କୁ ପଢ଼ିବା ତଥା କ୍ୟାରିୟର ଗଢ଼ିବା ଦରକାର, ସେହି ବୟସରେ ସେମାନେ ଅବସାଦ, ମୋଟାପାର ଶିକାର ହେଉଛନ୍ତି। ଏହି ରିପୋର୍ଟ ଅନୁସାରେ, ଡିଜିଟାଲ ଆସକ୍ତି ଯୋଗୁଁ ଏହାର ସମ୍ବନ୍ଧ ବଢ଼ୁଥିବା ମାନସିକ ରୋଗ ସହିତ ଜଡ଼ିତ ବୋଲି କୁହାଯାଇଛି। କେବଳ ସେତିକି ନୁହେଁ, ଏହା ଯୋଗୁଁ ଯୁବପିଢ଼ି ସାଇବରବୁଲିଂର ବି ଶିକାର ହେଉଛନ୍ତି। ଅନ୍ୟପଟେ ସୋସିଆଲ ମିଡିଆ ନିଶା ବିଶେଷକରି ୧୫-୨୪ ବର୍ଷ ବୟସ୍କଙ୍କଠାରେ ଅଧିକ ବୋଲି କୁହାଯାଇଛି।

ସେହିପରି ସୋସିଆଲ ମିଡିଆରେ ବାରମ୍ବାର ସ୍କ୍ରଲ କରିବା ଏବଂ ସାମାଜିକ ତୁଳନା କରିବା ଚିନ୍ତା ଓ ଅବସାଦର ଲକ୍ଷଣ ସହିତ ଜଡ଼ିତ। ଏହାବାଦ୍ ଗେମ୍ ଖେଳିବା, ଲଗାତାର ଟିଭି ତଥା ଫୋନ୍ ଦେଖିବା ମାନସିକ ସ୍ୱାସ୍ଥ୍ୟ ପ୍ରତି ବିପଦ। ୨୦୨୪ର ଏକ ରିପୋର୍ଟ ଅନୁସାରେ, ଭାରତରେ ପ୍ରାୟ ଅଧା ଇଣ୍ଟରନେଟ୍ ବ୍ୟବହାରକାରୀ ଅନଲାଇନ ଭିଡିଓ ଦେଖିଥାନ୍ତି। ୪୩ ପ୍ରତିଶତ ସୋସିଆଲ ମିଡିଆ ବ୍ୟବହାର କରିଥାନ୍ତି, ୪୦ ପ୍ରତିଶତ ଇ-ମେଲ ତଥା ମ୍ୟୁଜିକ ଷ୍ଟ୍ରିମିଂ କରିଥାନ୍ତି। ୨୬ ପ୍ରତିଶତ ଡିଜିଟାଲ ପେମେଣ୍ଟ କରନ୍ତି। ତେଣୁ ପ୍ରାୟ ୪୦ କୋଟି ଲୋକ ଓଟିଟି ପ୍ଲାଟଫର୍ମ ଏବଂ ୩୫ କୋଟି ଲୋକ ସୋସିଆଲ ମିଡିଆ ସହିତ ଜଡ଼ିତ। ଅନ୍ୟପଟେ ସର୍ଭେରେ ସ୍ପଷ୍ଟ ଭାବେ କୁହାଯାଇଛି, ୧୫-୨୯ ବର୍ଷ ବୟସ୍କ ଯୁବପିଢ଼ିଙ୍କଠାରେ ଇଣ୍ଟରନେଟ୍ ଏବଂ ମୋବାଇଲର ପହଞ୍ଚ ପ୍ରତ୍ୟେକ ସ୍ଥାନରେ ଅଛି।

# ଟ୍ରେଣ୍ଡରେ ଏଆଇ ଟର୍କିଂ ଭେଜିଟେବୁଲ



**ଲୋକେ ଏବେ ସର୍ଟ ଭିଡିଓ ଦେଖିବାକୁ ବେଶି ପସନ୍ଦ କରୁଛନ୍ତି। ସେହିପରି ଇନଷ୍ଟାଗ୍ରାମ୍‌ରେ ଏବେ ଅଜବ ତଥା ଆକର୍ଷଣୀୟ ଟ୍ରେଣ୍ଡ ଖୁବ୍ ଚର୍ଚ୍ଚା ସାଉଁଟୁଛି। ଏହା ହେଉଛି ଏଆଇ ଟର୍କିଂ ଭେଜିଟେବୁଲ। ଏଥିରେ ଥ୍ରୀଡି ଅବତାରରେ ବ୍ରୋକଲି ଏବଂ ବନ୍ଧାକୋବି ଭଳି ଚରିତ୍ର ସ୍ୱାସ୍ଥ୍ୟ ପରାମର୍ଶ ଦେଉଛନ୍ତି। ଏହାକୁ କେବଳ ଲୋକେ ପସନ୍ଦ କରୁ ନାହାନ୍ତି, ବରଂ କ୍ରିଏଟରଙ୍କ ପାଇଁ ଏହା ଆୟର ଏକ ନୂଆ ମାଧ୍ୟମ ପାଲଟିଛି।**

ଏଆଇ ଭେଜିଟେବୁଲ ରିଲ୍ ହେଉଛି ଏମିତି ଏକ ସର୍ଟ ଭିଡିଓ, ଯେଉଁଥିରେ ବ୍ରୋକଲି, ବନ୍ଧାକୋବି, ଟମାଟୋ ଭଳି ପରିବାକୁ ଥ୍ରୀଡି ଆନିମେଟେଡ୍ ଚରିତ୍ରରେ ପ୍ରଦର୍ଶନ କରାଯାଉଛି। ଏହି ପନିପରିବା ମଣିଷ ଭଳି କଥା କହେ, ସ୍ୱାସ୍ଥ୍ୟ, ଜୀବନଶୈଳୀ ଏବଂ ମୋଟିଭେସନ ସହିତ ଜଡ଼ିତ କଥାକୁ ମଜାଦାର ଶୈଳୀରେ ବୁଝାଏ। ତେବେ ବିଶେଷଜ୍ଞଙ୍କ ଅନୁସାରେ, ଏହି ରିଲ୍‌ର ସଫଳତା ପଛରେ ଡୋପାମିନ୍-ଫ୍ରେଣ୍ଡଲି ଫର୍ମାଟ ଅଛି। ଯେତେବେଳେ ମଣିଷ ମୁହଁ ଭଳି ପରିବା ମଜାଦାର ସ୍ୱରରେ ସ୍ୱାସ୍ଥ୍ୟ ଉପକାରିତା ବିଷୟରେ କହେ, ସେତେବେଳେ ଲୋକଙ୍କ ଦୃଷ୍ଟିଆକର୍ଷଣ କରିବାର ସମୟ ସୀମା ବଢ଼ିଯାଏ। ବିରକ୍ତିକର ବ୍ଲଗ୍ ତୁଳନାରେ, ଏହି କଣ୍ଟେଣ୍ଟ କ୍ଷୁଦ୍ର, ଭିଜୁଆଲି ଅଲଗା ଏବଂ ତୁରନ୍ତ ମନୋରଞ୍ଜନ ପ୍ରଦାନ କରିଥାଏ। ଏବେ ଲୋକଙ୍କ ଧ୍ୟାନ ଶୀଘ୍ର ବିଚ୍ୟୁତ ହେଉଥିବା ବେଳେ ଏଭଳି ରିଲ୍ ବ୍ୟବହାରକାରୀଙ୍କୁ ପସନ୍ଦ ଆସୁଛି।

ଅନ୍ୟପଟେ ଏହା ଏକ ବ୍ୟବସାୟିକ ଟ୍ରେଣ୍ଡ ବି ପାଲଟିଛି। ଅନେକ କ୍ରିଏଟର ଏହି ଏଆଇ ଯାତ୍ରା ମାଧ୍ୟମରେ ଅନୁଗାମୀଙ୍କ ସଂଖ୍ୟା ବୃଦ୍ଧି କରିବା ସହ ଭଲ ଆୟ କରୁଛନ୍ତି।

## ସମ୍ଭାବନା



# କ୍ୟାମ୍ପସ୍ ପାଇଁ ପ୍ରସ୍ତୁତି

**ପଢ଼ା ଶେଷ ହେବା ପରେ ଚାକିରି ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି ଆରମ୍ଭ ହୋଇଥାଏ। ବିଶେଷକରି କ୍ୟାମ୍ପସ୍ ଚୟନ ସମୟ ଆସିଲେ ଛାତ୍ରଛାତ୍ରୀମାନେ ଏନେଇ ବିଶେଷ ପ୍ରକାର ପ୍ରସ୍ତୁତିରେ ଲାଗି ପଡ଼ନ୍ତି। ତେବେ କ୍ୟାମ୍ପସ ଚୟନ ପ୍ରକ୍ରିୟାରେ ଭଲ ପ୍ରଦର୍ଶନ ପାଇଁ କିଭଳି ପ୍ରସ୍ତୁତି କରିବେ, ଜାଣିବା ସେ ସମ୍ପର୍କରେ...।**

କ୍ୟାମ୍ପସ ସିଲେକସନ ସମୟରେ ଭଲ ମାର୍କ ରଖିବା ଯେତେକି ଜରୁରି, ତା'ଠୁ ବେଶି ଜରୁରି କଥାବାର୍ତ୍ତା କରିବାର ଉନ୍ନତ ଶୈଳୀ। ଉତ୍ତମ କମ୍ୟୁନିକେସନ ନ ଥିଲେ ଭଲ କମ୍ପାନିର ଚାକିରି ହରାଇବାର ଆଶଙ୍କା ବେଶି ଥାଏ। ଅବଶ୍ୟ ଅନେକ କମ୍ପାନି ଭଲ ମାର୍କ ସହ ପିଲାଙ୍କ କଥାବାର୍ତ୍ତା ଶୈଳୀ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହାବାଦ୍ ଏଥିପାଇଁ ଭଲ ବାୟୋଡାଟା ଗୁରୁତ୍ୱ ବହନ କରେ। ନିଜେ ନିଜ ବିଷୟରେ କିଛି କହିବା ପୂର୍ବରୁ ବାୟୋଡାଟା ସବୁ କିଛି କହିଥାଏ। ସେଥିପାଇଁ ଯେତେ ସମ୍ଭବ ନିଜ କାମ ଓ ନିଜ ବିଷୟରେ ଏଥିରେ ଉପସ୍ଥାପନ କରନ୍ତୁ।

ସେହିପରି ପୋଷାକ ମଧ୍ୟ ବ୍ୟକ୍ତିତ୍ୱକୁ ପରିପ୍ରକାଶ କରେ। ଏଣୁ ଭଲ ଡ୍ରେସ୍ ପିନ୍ଧିବା ଦରକାର। କେବଳ ଏତିକି ନୁହେଁ, ଏ ସବୁଠାରୁ ବେଶି ଜରୁରି ଆତ୍ମବିଶ୍ୱାସ। ବେଳେ ବେଳେ ଏମିତି ବି ହୁଏ, ସବୁ ଜାଣିଥିବେ, ଚାକିରି ଲାଗି ସମସ୍ତ ଗୁଣ ବି ଥିବ, ମାତ୍ର ଆତ୍ମବିଶ୍ୱାସ ଅଭାବରୁ ଚାକିରି ପାଇଁ ଯୋଗ୍ୟ ବିବେଚିତ ହୋଇ ନ ଥାନ୍ତି। ଏହି ସମୟରେ ଯାହା ବି ଯେତିକି କହିବେ, ଆତ୍ମବିଶ୍ୱାସର ସହ କହିବା ଜରୁରି।



# ଚାକିରି ଅନୁସାରେ ବାୟୋଡାଟା




**ଅନେକ ସମୟରେ ଲୋକେ ବାୟୋଡାଟାରେ ଅନେକ କିଛି ଲେଖି ଥାନ୍ତି। ଯାହାକି ଆଦୌ ଜରୁରି ନ ଥାଏ। ତେବେ ବାୟୋଡାଟା ତିଆରି କରିବା ବେଳେ ସବୁବେଳେ ଚାକିରିର କାର୍ଯ୍ୟ ଉପରେ ଦୃଷ୍ଟି ଦେବା ଉଚିତ।**

- ଚାକିରିକୁ ବୁଝି ବାୟୋଡାଟା ପ୍ରସ୍ତୁତ କରିବା ଦରକାର।
- ଚାକିରି ଡେସକ୍ରିପସନ ହିସାବରେ ନିଜ କୌଶଳ ଉପରେ ଗୁରୁତ୍ୱ ଦେବା ଉଚିତ।
- ଯେଭଳି ଜଣେ ସହଜରେ ବାୟୋଡାଟା ପଢ଼ିପାରିବେ, ତାହା ଉପରେ ଦୃଷ୍ଟି ଦେବା ଦରକାର। ତେଣୁ ବାୟୋଡାଟା ଅକ୍ଷର ଉପରେ ବି ଗୁରୁତ୍ୱ ଦେବାର ଆବଶ୍ୟକତା ଅଛି।
- ବାୟୋଡାଟାର ଭାଷା ବି ଖୁବ୍ ଗୁରୁତ୍ୱ ବହନ କରେ। ସରଳ ଭାଷା ବ୍ୟବହାର କରିବା ସହିତ ସ୍ପଷ୍ଟ ଭାବେ ଲେଖିବା ଦରକାର।
- ସେହିପରି ନିଜର କୌଶଳ, ଦକ୍ଷତା, ଅଭିଜ୍ଞତାକୁ ଅତି ସୁନ୍ଦର ଭାବେ ଉପସ୍ଥାପିତ କରିବା ଜରୁରି।
- ଅନ୍ୟପଟେ କରିଥିବା କାମର ଫଳାଫଳ ବା ପରିଣାମକୁ ହାଇଲାଇଟ୍ କରିବା ଆବଶ୍ୟକ।

ଟି-୨୦ ବିଶ୍ୱକପ୍ ପୂର୍ବରୁ ଶେଷ ପରୀକ୍ଷା

# ଆଜି ୱାର୍ମଅପ୍‌ରେ ଦକ୍ଷିଣ ଆଫ୍ରିକାକୁ ଭେଟିବ ଭାରତ




ନଭି ମୁମ୍ବାଇ, ୩।୨ (ଏଜେନ୍ସି):

ଆଇସିସି ଟି-୨୦ ବିଶ୍ୱକପ୍ ଚଳିତ ମାସ ୭ରୁ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆୟୋଜିତ ହେବାକୁଯାଉଛି। ସମସ୍ତ ଦଳର ପୂର୍ବପ୍ରସ୍ତୁତି ଲାଗି ୱାର୍ମଅପ୍ ମ୍ୟାଚ୍ ଜାରି ରହିଛି। ଏହିକ୍ରମରେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଡିଫେଣ୍ଡିଂ ଚାମ୍ପିଅନ ଭାରତ ଏହାର ଏକମାତ୍ର ୱାର୍ମଅପ୍ ମ୍ୟାଚରେ ବୁଧବାର ଦକ୍ଷିଣ ଆଫ୍ରିକାକୁ ଭେଟିବ। ସ୍ଥାନୀୟ ଡିୱାଇ ପାଟିଲ ଷ୍ଟାଡିୟମରେ ଏହି ଅଭ୍ୟାସ ମ୍ୟାଚ୍ ଖେଳାଯିବ। ୨୦୨୪ରେ ଅନୁଷ୍ଠିତ ଗତ ଟି-୨୦ ବିଶ୍ୱକପ୍ ଫାଇନାଲରେ ରୋମାଞ୍ଚକ ଭାବେ ୭ ରନରେ ଦକ୍ଷିଣ ଆଫ୍ରିକାକୁ ହରାଇ ଭାରତ ଚାମ୍ପିଅନ ହୋଇଥିଲା। ଏଥର ସେହି ସମାନ ଦଳ ବିପକ୍ଷରେ ଅଭ୍ୟାସମୂଳକ ମ୍ୟାଚ୍ ଖେଳି ଆୟୋଜକ ଭାରତ ଅଭିଯାନ ଆରମ୍ଭ କରିବ। ବିଶ୍ୱକପ୍ ଆରମ୍ଭ ପୂର୍ବରୁ ଗତ ସଂସ୍କରଣର ଫାଇନାଲିଷ୍ଟ ଭାରତ ଓ ଦକ୍ଷିଣ ଆଫ୍ରିକା ଲାଗି ଏହା ଶେଷ ସୁଯୋଗ। ଏହି ମ୍ୟାଚ୍ ଜରିଆରେ ଦୁଇ ଦଳ ନିଜର ଖେଳାଳିଙ୍କୁ ପରୀକ୍ଷାନୀରିକ୍ଷା କରାଇବେ। ଆୟୋଜକ ଭାରତ ଟାଇଟଲ୍ ଫେଭରାଇଟ୍ ଭାବେ ବିଶ୍ୱକପ୍ ଖେଳିବ। ୨୦୨୪ ବିଶ୍ୱକପ୍ ପରଠାରୁ ଭାରତ ଖେଳିଥିବା ସମସ୍ତ ଦ୍ୱିପାକ୍ଷିକ ଟି-୨୦ ସିରିଜ ବିଜୟୀ ହୋଇଛି। ଯେଉଁଥିରେ ଗତବର୍ଷ ପାକିସ୍ତାନକୁ ହରାଇ ଏସିଆ କପ୍ ଚାମ୍ପିଅନ ହୋଇଥିଲା। ସେହିଭଳି ନିକଟରେ ଘରୋଇ ମାଟିରେ ନ୍ୟୁଜିଲାଣ୍ଡକୁ ୪-୧ରେ ହରାଇ ଭାରତ ଟି-୨୦ ସିରିଜ ଜିତିଥିଲା। ଯାହାକି ଖେଳାଳିଙ୍କ ମନୋବଳ ବୃଦ୍ଧି କରିଛି। ବ୍ୟାଟିଂ ଓ ସ୍ପିନ ଆଟାକ୍ ଭାରତର ପ୍ରମୁଖ ଅସ୍ତ୍ର ରହିଛି। ନ୍ୟୁଜିଲାଣ୍ଡ ବିପକ୍ଷରେ ଦମ୍‌ଦାର ପ୍ରଦର୍ଶନ କରି ଅଧିନାୟକ ସୂର୍ଯ୍ୟକୁମାର ସିରିଜର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଏହା ଟିମ୍ ମ୍ୟାନେଜମେଣ୍ଟ ପାଇଁ ଆଶ୍ୱସ୍ତି ଆଣିଛି।

ଅପରପକ୍ଷରେ ଘରୋଇ ମାଟିରେ ଅନୁଷ୍ଠିତ ଟି-୨୦ ଲିଗ୍‌ର ଅଭିଜ୍ଞତା ସହ ଦକ୍ଷିଣ ଆଫ୍ରିକା ଖେଳାଳି ବିଶ୍ୱକପ୍ ଖେଳିବାକୁ ଆସିଛନ୍ତି। ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ନେଇ ଆଇଡେନ ମାର୍କରମଙ୍କ ନେତୃତ୍ୱାଧୀନ ଦକ୍ଷିଣ ଆଫ୍ରିକା ଦଳ ବେଶ୍ ସନ୍ତୁଳିତ ରହିଛି। ଗତ ସଂସ୍କରଣରେ ଅଳ୍ପକେ ଟାଇଟଲ୍ ଜିତିବାରୁ ବଞ୍ଚିତ ହୋଇଥିବା ଆଫ୍ରିକା ଦଳ ଏଥର କିନ୍ତୁ ପ୍ରଥମ ବିଶ୍ୱକପ୍ ଟ୍ରଫି ଆଶାରେ ରହିଛି।

## ବିପର୍ଯ୍ୟୟ: ଶ୍ରୀଲଙ୍କା-ଏ’କୁ ହରାଇଲା ଓମାନ

କଲମ୍ବୋ, ୩।୨ (ଏଜେନ୍ସି): ଆଇସିସି ଟି-୨୦ ବିଶ୍ୱକପ୍ ପୂର୍ବରୁ ଚାଲିଥିବା ୱାର୍ମଅପ୍ ମ୍ୟାଚରେ ମଙ୍ଗଳବାର ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। କଲମ୍ବୋରେ ଅନୁଷ୍ଠିତ ଏକ ମ୍ୟାଚରେ ଓମାନ ୫ ୱିକେଟରେ ଘରୋଇ ଶ୍ରୀଲଙ୍କା-ଏ ଦଳକୁ ହରାଇଦେଇଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା-ଏ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୪୫ ରନ କରିଥିଲା। ଦଳ ପକ୍ଷରୁ ଓ୍ୱନୁଜ ସହାନ ୨୯, ଚାମିନ୍ଦୁ ବିକ୍ରମାସିଂଘେ ଅପରାଜିତ ୨୪, ଦୁନିଥ ସିଗେରା ୨୧ ରନ କରିଥିଲେ। ଓମାନର ଶାହା ଫୈଜଲ, ସକିଲ ଅହମ୍ମଦ ଓ ଜୟ ଓଡେଡ୍ରା ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ଓମାନ ଓପନର୍ ଅମିର କଲିମ ୮୦ ରନର ଦ୍ରୁତ ଅର୍ଦ୍ଧଶତକ ବଳରେ ୧୮ ଓଭରରେ ୫ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଦିବସରେ ଅନୁଷ୍ଠିତ ଅନ୍ୟ ୨ଟି ୱାର୍ମ ଅପ୍ ମ୍ୟାଚରେ ଜିମ୍ବାୱେ ୨୯ ରନରେ ନେଦରଲାଣ୍ଡସକୁ



ଏବଂ ନେପାଳ ୭ ୱିକେଟ୍‌ରେ ୟୁଏଇକୁ ହରାଇ ଦେଇଥିଲା। ଜିମ୍ବାୱେର ର୍ୟାନ ବର୍ଲ ୩୧ ବଲରେ ୫୦ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ବୁଧବାର ୪ଟି ୱାର୍ମଅପ୍ ମ୍ୟାଚ୍ ଖେଳାଯିବ। ଯେଉଁଥିରେ ଭାରତ-ଦକ୍ଷିଣ ଆଫ୍ରିକା, ଆଫଗାନିସ୍ତାନ-ୱେଷ୍ଟଇଣ୍ଡିଜ, ପାକିସ୍ତାନ-ଆୟର୍ଲାଣ୍ଡ ଓ ନାମିବ୍ୟା-ସ୍କଟଲାଣ୍ଡ ପରସ୍ପରକୁ ଭେଟିବେ।




## ଅନୁରାଧାଙ୍କୁ ସମ୍ମାନସୂଚକ ଡକ୍ଟରେଟ

ଭୁବନେଶ୍ୱର, ୩।୨ (ସମିସ): ଅଲିମ୍ପିଆନ ଅନୁରାଧା ବିଶ୍ୱାଳଙ୍କୁ ସମ୍ମାନସୂଚକ ଡକ୍ଟରେଟ ଉପାଧି ମିଳିଛି। ବାଲେଶ୍ୱର ଫକିର ମୋହନ ବିଶ୍ୱବିଦ୍ୟାଳୟ ତରଫରୁ ଅନୁରାଧାଙ୍କୁ ମଙ୍ଗଳବାର ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଅନୁରାଧାଙ୍କୁ ଏହି ଉପାଧି ପ୍ରଦାନ କରିଥିଲେ। ‘ବାଲେଶ୍ୱର ଝିଅ ହୋଇଥିବାରୁ ନିଜ ମାଟିରେ ଏଭଳି ଶ୍ରେଷ୍ଠ ସମ୍ମାନ ପାଇଥିବାରୁ ନିଜକୁ ଧନ୍ୟମନେ କରୁଛି। ବିଶେଷ କରି ମହାମହିମ ରାଷ୍ଟ୍ରପତିଙ୍କ ହାତରୁ ଏହି ସମ୍ମାନ ଗ୍ରହଣ କରିଥିବାରୁ ବହୁତ ଖୁସି ରହିଛି। ଏହି ସମ୍ମାନ ଲାଗି କୁଳପତି ସନ୍ତୋଷ ତ୍ରିପାଠୀ ସାରଙ୍କ ସମେତ ମୋର ପରିବାର, ସ୍ୱାମୀ ପରମାନନ୍ଦ, ମା ନିବେଦିତା, କର୍ମକ୍ଷେତ୍ର ନାଲକୋ ଓ ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଦେବି’ ବୋଲି ଅନୁରାଧା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

ଟି-୨୦ ବିଶ୍ୱକପ୍

## ଅନ୍ୟ ଦେଶରୁ ଖେଳିବେ ୪୦ ଭାରତୀୟ

ନୂଆଦିଲ୍ଲୀ, ୩।୨ (ଏଜେନ୍ସି): ଆଇସିସି ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ଆରମ୍ଭ ହେବାକୁ ଆଉ ଦିନ କେଇଟା ବାକି ରହିଛି। ସାରା ବିଶ୍ୱର କ୍ରିକେଟପ୍ରେମୀ ଏହାକୁ ଉତ୍ସାହର ସହ ଚାହିଁ ରହିଛନ୍ତି। ଏଥର ବିଶ୍ୱକପ୍‌ରେ ଆୟୋଜକ ଭାରତ ଓ ଶ୍ରୀଲଙ୍କା ସମେତ ୨୦ଟି ଦଳ ଭାଗନେଉଛନ୍ତି। ଏହି ବିଶ୍ୱକପ୍‌ରେ ଭାରତକୁ ଛାଡ଼ି ବିଭିନ୍ନ ଦଳରୁ ୪୦ଜଣ ଭାରତୀୟ ଖେଳାଳି ପ୍ରତିନିଧିତ୍ୱ କରୁଥିବାର ଜଣାପଡ଼ିଛି। ବିଶେଷ କରି ଆମେରିକା, ୟୁଏଇ, କାନାଡା ଓ ଓମାନ ଦଳରେ ଅଧିକାଂଶ ଭାରତୀୟ ବଂଶୋଦ୍ଭବ ଖେଳାଳିମାନେ ସ୍ଥାନ ପାଇଛନ୍ତି। କେବଳ ଏହି ୪ଟି ଦଳରେ ୩୪ଜଣ ଭାରତୀୟ ବଂଶୋଦ୍ଭବ ଖେଳାଳି ରହିଥିବା ଜଣାପଡ଼ିଛି। କାନାଡା ଦଳରେ ସର୍ବାଧିକ ୧୧ଜଣ, ଆମେରିକା ଦଳରେ ୯ଜଣ, ୟୁଏଇ ଓ ଓମାନ ଟିମରେ ୭ଜଣ ଲେଖାଏ ଖେଳାଳି ରହିଛନ୍ତି। ସେମାନଙ୍କ ମଧ୍ୟରୁ ଗୁଜରାଟରୁ ଖେଳିଥିବା ମୋନାକ ପଟେଲ ଆମେରିକା ଦଳର ନେତୃତ୍ୱ ନେଉଛନ୍ତି।

## ପ୍ରତିଶାଙ୍କୁ ଡବ୍ଲ୍ୟୁଆଇଏମ୍ ଟାଇଟଲ୍

ଭୁବନେଶ୍ୱର, ୩।୨ (ସମିସ): ଓଡ଼ିଶାର ଯୁବ ଚେସ୍ ଖେଳାଳି ପ୍ରିତିଶା ଗୁପ୍ତା ମାତ୍ର ୧୪ ବର୍ଷ ବୟସରେ ସମସ୍ତ ଆବଶ୍ୟକ ନର୍ମ ପୂରଣ କରି ଇଣ୍ଟରନ୍ୟାସନାଲ୍ ମାଷ୍ଟର (ଡବ୍ଲ୍ୟୁଆଇଏମ୍) ଟାଇଟଲ୍ ହାସଲ କରିଛନ୍ତି। ଏଥିସହ ଡବ୍ଲ୍ୟୁଆଇଏମ୍ ଟାଇଟଲ୍ ପାଇବାରେ ସେ ଓଡ଼ିଶାର ଚତୁର୍ଥ ମହିଳା ଚେସ୍ ଖେଳାଳି ହୋଇଛନ୍ତି। ପ୍ରିତିଶା ତାଙ୍କର ପ୍ରଥମ ଡବ୍ଲ୍ୟୁଆଇଏମ ନର୍ମ ଜୁଲାଇ ୨୦୨୫ରେ ଅନୁଷ୍ଠିତ ଟ୍ରୋଫି ଡୋଲ୍ ପାସିନୋ ଗ୍ରାଣ୍ଡ ଓପନ୍ ପ୍ରତିଯୋଗିତାରେ ହାସଲ କରିଥିଲେ। ତାଙ୍କର ଦ୍ୱିତୀୟ ନର୍ମ ସର୍ବିଆରେ ଆୟୋଜିତ ଗ୍ରାଣ୍ଡମାଷ୍ଟର୍ସ ମିକ୍ସ ୨୨ ଫାଣ୍ଟାଷ୍ଟିକୋ ପ୍ରତିଯୋଗିତାରେ ଏବଂ



ଶେଷ ତଥା ତୃତୀୟ ନର୍ମ ସେହି ସ୍ଥାନରେ ଆୟୋଜିତ ଗ୍ରାଣ୍ଡମାଷ୍ଟର୍ସ ମିକ୍ସ ୧୩ ଫାଣ୍ଟାଷ୍ଟିକୋ ପ୍ରତିଯୋଗିତାରେ ହାସଲ କରିଥିଲେ। ପ୍ରିତିଶା ନିଜ ବୟସ ଶ୍ରେଣୀରେ ବିଶ୍ୱ ସ୍ତରରେ ସଦା ସର୍ବୋତ୍ତମ ପ୍ରଦର୍ଶନ କରିଆସୁଛନ୍ତି ଏବଂ ଜାନୁଆରୀ ମାସର ରେଟିଂ ଅନୁଯାୟୀ ସେ ନିଜ ବୟସ ଶ୍ରେଣୀରେ ବିଶ୍ୱ ର୍ୟାଙ୍କିଙ୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହାସହ ଗତ ନଭେମ୍ବରରେ ମାଲେସିଆର କୁଆଲାଲମ୍ପୁରରେ ଆୟୋଜିତ କମନ୍‌ୱେଲ୍ଥ ଚେସ୍ ଚାମ୍ପିଅନ୍‌ସିପ୍‌ର ୧୬ ବର୍ଷରୁ କମ୍ ବର୍ଗରେ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହି ସଫଳତା ପାଇଁ ପ୍ରିତିଶାଙ୍କୁ ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ୍ (ଏଓସିଏ)ର ସମ୍ପାଦକ ଦେବବ୍ରତ ଭଟ୍ଟ ଅଭିନନ୍ଦନ ଜଣାଇଛନ୍ତି।

## ସନ୍ତୋଷ ଟ୍ରଫି: ପଶ୍ଚିମବଙ୍ଗ ବିଦା

ଗୌହାଟୀ, ୩।୨ (ଏଜେନ୍ସି): ଦେଶର ସର୍ବଶ୍ରେଷ୍ଠ ଘରୋଇ ଫୁଟବଲ ଟୁର୍ଣ୍ଣାମେଣ୍ଟ ସନ୍ତୋଷ ଟ୍ରଫିର ୭୯ତମ ସଂସ୍କରଣର ସେମିଫାଇନାଲ ଲାଇନଅପ୍ ସ୍ପଷ୍ଟ ହୋଇଛି। ଗୁରୁବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ସର୍ଭିସେସ ଓ ପଞ୍ଜାବ ସାମ୍ନାସାମ୍ନି ହେବେ। ସେହିଦିନ କେରଳ ଓ ରେଳବାଇ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଡିଫେଣ୍ଡିଂ ତଥା ରେକର୍ଡ ୩୩ଥରର ବିଜେତା ପଶ୍ଚିମବଙ୍ଗ ପେନାଲ୍ଟି ସୁଟଆଉଟ୍‌ରେ ୨-୩ ଗୋଲରେ ସର୍ଭିସେସ ନିକଟରୁ ହାରିଯାଇଥିଲା। ସେହିଭଳି ଅନ୍ୟ ଏକ କ୍ୱାର୍ଟରରେ କେରଳ ୩-୦ ଗୋଲରେ ଘରୋଇ ଆସାମକୁ ହରାଇ ସେମିକୁ ଉଠିଥିଲା। ତୃତୀୟ କ୍ୱାର୍ଟରରେ ପଞ୍ଜାବ ପେନାଲ୍ଟି ସୁଟ୍‌ଆଉଟ୍‌ରେ ୪-୧ ଗୋରେ ତାମିଲନାଡ଼ୁକୁ ଏବଂ ରେଳବାଇ ୨-୦ ଗୋଲରେ ୩ଥରର ବିଜେତା ରାଜସ୍ଥାନକୁ ହରାଇ ଅଗ୍ରଗତି କରିଛି।

## ଏସିଆନ ଇଣ୍ଡୋର ଆଥ୍‌ଲେଟିକ୍ସରେ କିଟ୍‌ର ୯ କ୍ରୀଡ଼ାବିତ

ଭୁବନେଶ୍ୱର, ୩।୨ (ସମିସ): ଚଳିତ ମାସ ୬ରୁ ୮ ତାରିଖ ପର୍ଯ୍ୟନ୍ତ ଚାଇନାର ତିଆନଜିନରେ ୧୨ତମ ଏସିଆନ ଇଣ୍ଡୋର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଏଥିରେ ୧୭ଜଣିଆ ଭାରତୀୟ ଦୌଡ଼କୁଦ ଦଳରୁ ପ୍ରତିନିଧିତ୍ୱ କରିବାକୁ କିଟ୍ ବିଶ୍ୱବିଦ୍ୟାଳୟର ୯ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି। ସେମାନେ ହେଲେ ମଣିକାନ୍ତ ହୋବ୍ଲିଦାର (୬୦ ମିଟର ରେସ), ତେଜାସ ଶିର୍ଷେ (୬୦ ମିଟର ହର୍ଡଲ୍ସ), ପ୍ରବୀଣ ଚିତ୍ରାଭେଲ (ଲଙ୍ଗଜମ୍ପ), ସମରଦୀପ୍ ସିଂହ ଗିଲ୍ (ଶଟପୁଟ), ତାଜିନ୍ଦରପାଲ ସିଂହ ତୁର (ଶଟପୁଟ), ମୌମିତା ମଣ୍ଡଳ (ଲଙ୍ଗଜମ୍ପ ଓ ୬୦ ମିଟର ହର୍ଡଲ୍ସ), ପ୍ରଜ୍ଞାପ୍ରଶାନ୍ତି ସାହୁ (୬୦ ମିଟର ହର୍ଡଲ୍ସ) ସୋଜନା ଏଡାପିଲୀ (ଲଙ୍ଗଜମ୍ପ)। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲ

## କରୁଣ ଫେରିଲେ; ପଡ଼ିକଲ୍ ନେତୃତ୍ୱ ବଜାୟ ରଖିଲେ

ବେଙ୍ଗାଲୁରୁ, ୩।୨ (ଏଜେନ୍ସି): ଚଳିତ ରଣଜୀ ଟ୍ରଫିର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଫେବୃଆରୀ ୬ରୁ ଆରମ୍ଭ ହେବ। ଏଥିରେ ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସରେ ଘରୋଇ ମୁମ୍ବାଇକୁ ଭେଟିବ କର୍ଣ୍ଣାଟକ। ଏହି ଗୁରୁତ୍ୱପୂର୍ଣ୍ଣ ମୁକାବିଲା ଲାଗି ମଙ୍ଗଳବାର ୧୫ ଜଣିଆ ଶକ୍ତିଶାଳୀ କର୍ଣ୍ଣାଟକ ଦଳ ଘୋଷଣା କରାଯାଇଛି। ଦେବଦତ୍ତ ପଡ଼ିକଲ ପୂର୍ବଭଳି ଦଳର ନେତୃତ୍ୱ ଭାର ସମ୍ଭାଳିବେ। ସେହିଭଳି ଅଭିଜ୍ଞ ବ୍ୟାଟର୍ କରୁଣ ନାୟାର ଘୋଷିତ ଦଳକୁ ଫେରିଛନ୍ତି। ଚଳିତ ସିଜନରେ ୬୧୪ ରନ ସଂଗ୍ରହ କରିସାରିଥିବା କରୁଣ ପଞ୍ଜାବ ବିପକ୍ଷ ଶେଷ ମ୍ୟାଚ୍ ଖେଳି ନ ଥିଲେ।

**କର୍ଣ୍ଣାଟକ ଦଳ**

ଦେବଦତ୍ତ ପଡ଼ିକଲ (ଅଧିନାୟକ), ମୟଙ୍କ ଅଗରୱାଲ, ଲୋକେଶ ରାହୁଲ, କରୁଣ ନାୟାର, କେଭି ଅନିଶ, ଆର୍ ସ୍ମରଣ, ଶ୍ରେୟସ ଗୋପାଳ, କୃଥିକା କ୍ରିଷ୍ଣା, ଏମ୍ ଭେଙ୍କଟେଶ, ବିଦ୍ୟାଧର ପାଟିଲ, ବିଦ୍ୱାଥ କାଭିରପ୍ପା, ପ୍ରସିଦ୍ଧ କ୍ରିଷ୍ଣା, ମୋହଶିନ ଖାନ, ଶିଖର ସେଟ୍ଟୀ, କେଏଲ୍ ଶ୍ରୀଜିତ୍।

## ପାରା ତୀରନ୍ଦାଜୀରେ ପାୟଲଙ୍କୁ ଡବଲ୍ ପଦକ

ଭୁବନେଶ୍ୱର, ୩।୨ (ସମିସ): ପଞ୍ଜାବର ପଟିଆଲାରେ ଅନୁଷ୍ଠିତ ୭ମ ଏନଟିପିସି ପାରା ତୀରନ୍ଦାଜୀ ଚାମ୍ପିଅନସିପ୍‌ରେ ଓଡ଼ିଶାର ପାୟଲ ନାଗ ଦମ୍‌ଦାର ପ୍ରଦର୍ଶନ କରି ଡବଲ ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ସେ ଗୋଟିଏ ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ଜିତି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ପାୟଲ ୫୦ ମିଟର ର୍ୟାଙ୍କିଙ୍ଗ ରାଉଣ୍ଡରେ ରୌପ୍ୟ ପଦକ ଜିତିଥିଲେ। ସେହିଭଳି ୫୦ ମିଟର କମ୍ପାଉଣ୍ଡ ଅଲିମ୍ପିକ ରାଉଣ୍ଡରେ କାଂସ୍ୟ ପଦକ ହାସଲ



କରିଥିଲେ। ଏହି ସଫଳତା ଲାଗି ପାୟଲଙ୍କୁ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିଛି। ପାୟଲଙ୍କ ଏହି ସଫଳତା ଯାତ୍ରା ବେଶ୍ ସଂଘର୍ଷମୟ ରହିଥିଲା। ବଲାଙ୍ଗିରର ମୁରିବାହାଲରେ ଜନ୍ମିତ ପାୟଲ ପିଲାବେଳେ ଏକ ବିଦ୍ୟୁତ ଆଘାତରେ ଗୁରୁତର ଆହତ ପାଇଥିଲେ। ଯେଉଁଥିରେ ସେ ତାଙ୍କର ଦୁଇ ହାତ ଓ ଗୋଡ଼ ହରାଇଥିଲେ। ଚ୍ୟାଲେଞ୍ଜିଂ ଶାରୀରିକ ସମସ୍ୟାର ସମ୍ମୁଖୀନ ହେବାସତ୍ତ୍ୱେ ପାୟଲ ହାର ମାନି ନ ଥିଲେ। କଠୋର ତାଲିମ ମାଧ୍ୟମରେ ଅସାଧାରଣ ସନ୍ତୁଳନ ଓ ମାନସିକ ଧ୍ୟାନ ରକ୍ଷା କରି ପାୟଲ ତୀରନ୍ଦାଜୀରେ ପାରାଅଲିମ୍ପିକ ପଦକ ବିଜୟିନୀ ଶୀତଲ ଦେବୀଙ୍କ ସମକକ୍ଷ ହୋଇପାରିଛନ୍ତି। ପାୟଲଙ୍କ ଏହି ସଫଳତା ପଛରେ ପ୍ରଶିକ୍ଷକ କୁଲଦୀପ ଭେଦୱାନଙ୍କ ଅବଦାନ ଯଥେଷ୍ଟ ରହିଛି। ଏଠାରେ ପ୍ରକାଶଯୋଗ୍ୟ, କ୍ରୀଡ଼ା ବିଭାଗ ପକ୍ଷରୁ ପାୟଲଙ୍କୁ ଧନୁତୀର ପାଇଁ ୩.୫ ଲକ୍ଷ ଟଙ୍କା ସହାୟତା ରାଶି ମଞ୍ଜୁର କରାଯାଇଛି।

ଡବ୍ଲ୍ୟୁପିଏଲ୍

## କ୍ରମାଗତ ୪ର୍ଥ ଥର ଫାଇନାଲରେ ଦିଲ୍ଲୀ

ଭଦୋଦରା, ୩।୨ (ଏଜେନ୍ସି): ଚଳିତ ମହିଳା ପ୍ରିମିଅର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଫାଇନାଲ ଲାଇନଅପ୍ ସ୍ପଷ୍ଟ ହୋଇଛି। ଟାଇଟଲ୍ ପାଇଁ ଗୁରୁବାର ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ସହ ଦିଲ୍ଲୀ କ୍ୟାପିଟାଲ୍ସର ମୁକାବିଲା ହେବ। ମଙ୍ଗଳବାର ଅନୁଷ୍ଠିତ ଏକମାତ୍ର ଏଲିମିନେଟର ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୭ ୱିକେଟ୍‌ରେ ଗୁଜରାଟ ଜାଏଣ୍ଟ୍‌ସକୁ ପରାସ୍ତ କରିଥିଲା। ଏଥିସହ ଦିଲ୍ଲୀ କ୍ରମାଗତ ୪ର୍ଥଥର ଲାଗି ଫାଇନାଲ ଖେଳିବାର ସୌଭାଗ୍ୟ ଲାଭ କରିଛି। ପୂର୍ବ ୩ଟି ସଂସ୍କରଣରେ ରନର୍ସଅପ୍ ରହିଥିବା ଦିଲ୍ଲୀ ଏଥର ପ୍ରଥମ ଟାଇଟଲ୍ ଜିତିବା ଆଶାରେ ରହିଛି।

ଏହି ଏକମାତ୍ର ଏଲିମିନେଟର୍ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଗୁଜରାଟ ୭ ୱିକେଟରେ ୧୬୮ ରନର ସମ୍ମାନଜନକ ସ୍କୋର କରିପାରିଛି। ଓପନର୍ ବେଥ୍ ମୁନୀ ୫୧ଟି ବଲରେ ୬୨ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ସୋଫି ଡିଭାଇନ (୬), ଅଧିନାୟିକା ଆସଲେ ଗାର୍ଡନର (୦)ଙ୍କ ବ୍ୟାଟିଂ ବିଫଳତା ଯୋଗୁ ଗୁଜରାଟ ବଡ଼ ସ୍କୋର କରିପାରି ନ ଥିଲା।




ଦିଲ୍ଲୀ ପକ୍ଷରୁ ଚିନଲୀ ହେନରୀ ୩ଟି ଓ ନନ୍ଦିନୀ ଶର୍ମା ୨ଟି ୱିକେଟ୍ ନେଇଥିଲେ। ଜବାବରେ ଆଗଧାଡ଼ିର ବ୍ୟାଟରଙ୍କ ମିଳିତ ସଫଳତା ବଳରେ ଦିଲ୍ଲୀ କ୍ୟାପିଟାଲ୍ସ ୧୫.୪ ଓଭରରେ ୩ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ଓପନର୍ ଲିଜେଲ ଲି ୪୩, ଶେଫାଳି ବର୍ମା ୩୧, ଅଧିନାୟିକା ଜେମିମା ରୋଡ୍ରିଗ୍ସ ୪୧, ଲୌରା ୱଲଭାର୍ଡଟ ଅପରାଜିତ ୩୨ ରନ କରିଥିଲେ। ବ୍ୟାଟିଂରେ ୩୫ ରନ କରିଥିବା ଜର୍ଜିଆ ୱେରହାମ ବୋଲିଂରେ ୨ଟି ୱିକେଟ୍ ନେଇ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିଲେ ମଧ୍ୟ ଗୁଜରାଟକୁ ଜିତାଇପାରି ନ ଥିଲେ।

୧୯ ବର୍ଷରୁ କମ୍ ବିଶ୍ୱକପ୍

# ଆଜି ଭାରତ-ଆଫଗାନିସ୍ତାନ ସେମି ଲଢ଼େଇ

ହରାରେ, ୩।୨ (ଏଜେନ୍ସି)

ଜିମ୍ବାୱେରେ ଚାଲିଥିବା ୧୯ ବର୍ଷରୁ କମ୍ ଆଇସିସି ଦିନିକିଆ ବିଶ୍ୱକପ୍‌ର ଦ୍ୱିତୀୟ ସେମିଫାଇନାଲ ବୁଧବାର ଖେଳାଯିବ। ଏଥିରେ ପାଞ୍ଚଥରର ବିଜେତା ଭାରତ ସହ ଆଫଗାନିସ୍ତାନର ମୁକାବିଲା ହେବ। ହରାରେ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚରେ ଅପରାଜେୟ ଭାରତ ଫେଭରାଇଟ୍ ରହିଛି। ଲିଗ୍ ପର୍ଯ୍ୟାୟରେ ୩ଟି ଏବଂ ସୁପର୍-୬ରେ ଦୁଇଟିଯାକ ମ୍ୟାଚ୍ ଜିତି ଭାରତ ଅପରାଜେୟ ସହ ସେମିଫାଇନାଲରେ ପ୍ରବେଶ କରିଛି। ଆୟୁଷ ମହାତ୍ରେଙ୍କ ନେତୃତ୍ୱାଧୀନ ଭାରତ ଏହାର ଶେଷ ମ୍ୟାଚରେ ପାକିସ୍ତାନକୁ ମାତ୍ ଦେଇଥିଲା। ଉଭୟ ବ୍ୟାଟିଂ ଓ ବୋଲିଂରେ ବେଶ୍ ସନ୍ତୁଳିତ ଥିବା ଭାରତର ପଲା ଏହି ମ୍ୟାଚରେ ଭାରି ରହିଛି। ୱିକେଟ୍‌କିପର ଅଭିଜ୍ଞାନ କୁଣ୍ଡୁ ୫ଟି ମ୍ୟାଚରୁ ୧୯୯ ରନ ସଂଗ୍ରହ କରି ଭଲ ଫର୍ମରେ ରହିଛନ୍ତି। ସେହିଭଳି ଅଲ୍‌ରାଉଣ୍ଡର ବିହାନ ମାଲହୋତ୍ରା ମଧ୍ୟ ୧୭୨ ରନ କରି ଲୟରେ ରହିଛନ୍ତି। ଯଦି ଆଫଗାନିସ୍ତାନ ବିପକ୍ଷ ମ୍ୟାଚରେ ଅଧିନାୟକ ମହାତ୍ରେଙ୍କ ସମେତ ବିସ୍ଫୋରକ ଓପନର୍ ବୈଭବ ସୂର୍ଯ୍ୟବଂଶୀ ଓ ଆରୋନ ଜର୍ଜଙ୍କ ବ୍ୟାଟରୁ ଭଲ ସ୍କୋର ବାହାରେ ତାହାଲେ ଭାରତ ସହଜରେ ବିଜୟୀ ହେବ ବୋଲି କୁହାଯାଉଛି। ବ୍ୟାଟିଂରେ ପ୍ରଭାବୀ ହୋଇପାରି ନ ଥିବା ମହାତ୍ରେ କିନ୍ତୁ ବୋଲିଂରେ ୫ଟି ୱିକେଟ୍ ଦଳ ପାଇଁ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଦ୍ରୁତ ବୋଲର ହେନିଲ ପଟେଲ ଓ ଆର୍‌ଏସ୍ ଆମ୍ବ୍ରିଶ ଓ ବାମହାତୀ ସ୍ପିନର ଖିଲାନ ପଟେଲ ଆଫଗାନ ବ୍ୟାଟରଙ୍କୁ ଅଡୁଆରେ ପକାଇବେ ବୋଲି ଆଶା କରାଯାଇଛି। ଅପରପକ୍ଷରେ ଆଫଗାନିସ୍ତାନ ସୁପର୍-୬’କୁ ମିଶାଇ ୫ ମ୍ୟାଚରୁ ୪ଟି ବିଜୟୀ ହୋଇଛି। ଏକମାତ୍ର ପରାଜୟ ଦଳ ଶ୍ରୀଲଙ୍କା ନିକଟରୁ ବରଣ କରିଥିଲା। ତେବେ ଦୁଇ ପୂର୍ବତନ ବିଜେତା ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜକୁ ହରାଇ ଆଫଗାନିସ୍ତାନ ଲିଗ୍ ପର୍ଯ୍ୟାୟରେ ବିପର୍ଯ୍ୟୟ ସୃଷ୍ଟି କରିଥିଲା। ତେଣୁ ମେହବୁବ ଖାନଙ୍କ ନେତୃତ୍ୱାଧୀନ ଆଫଗାନିସ୍ତାନ ଆଉ ଏକ ବିପର୍ଯ୍ୟୟ ଲକ୍ଷ୍ୟରେ ରହିଛି। ଭାରତ ବିଜୟୀ ହେଲେ ୧୦ମଥର ଲାଗି ଫାଇନାଲ ଖେଳିବ।

**ମ୍ୟାଚ୍ ଆରମ୍ଭ: ଅପରାହ୍ଣ ୧ଟା**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ**

## ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ବିଦା; ଫାଇନାଲରେ ଇଂଲଣ୍ଡ

ବୁଲାୱାୟୋ, ୩।୨ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆକୁ ୨୭ ରନରେ ପରାସ୍ତ କରି ଇଂଲଣ୍ଡ ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ଆଇସିସି ଦିନିକିଆ ବିଶ୍ୱକପ୍‌ର ଫାଇନାଲରେ ପ୍ରବେଶ କରିଛି। ଇଂଲଣ୍ଡ ଅଧିନାୟକ ଥୋମାସ ରିଓ ୧୧୦ ରନର ଶତକୀୟ ପାଳି ଖେଳି ଏହି ମ୍ୟାଚରେ ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଟସ୍ ଜିତି ବ୍ୟାଟିଂ କରିଥିବା ଇଂଲଣ୍ଡ ଯୁବ ଦଳ ୫୦ ଓଭରରେ ୭ ୱିକେଟ୍ ହରାଇ ୨୭୭ ରନ କରିଥିଲା। ଥୋମାସ ୧୦୭ ବଲର ଶତକୀୟ ପାଳିରେ ୧୪ଟି ଚୌକା ଓ ଗୋଟିଏ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଲେବ ଫାଲକନର ୪୦ ଓ ଜୋସେଫ ମୋରସ ୨୫ ରନ କରିଥିଲେ। ଅଷ୍ଟ୍ରେଲିଆର ହେଡେନ ଶ୍ଳିଲର ଓ ନାଦେନ କୋରେ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ଅଧିନାୟକ ଓଲିଭର ପିକ୍ (୧୦୦ ରନ, ୮୮ ବଲ)ଙ୍କ ଦ୍ରୁତ ଶତକ ସତ୍ତ୍ୱେ ଅଷ୍ଟ୍ରେଲିଆ ଯୁବ ଦଳ ୪୭.୩ ଓଭରରେ ୨୫୦ ରନ କରି ଅଲଆଉଟ୍ ହୋଇଯାଇଥିଲା। ଓପନର୍ ନୀତେଶ ସାମୁଏଲ ୪୭ ଓ ଆର୍ଯ୍ୟାନ ଶର୍ମା ୩୪ ରନ କରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ଇଂଲଣ୍ଡର ଜେମ୍ସ ମିଣ୍ଟୋ, ସେବାଷ୍ଟିଆନ ମୋର୍ଗାନ, ରାଲଫି ଆଲବର୍ଟ ୨ଟି ଲେଖାଏ ୱିକେଟ ସଫଳତା ପାଇଥିଲେ। ବୁଧବାର ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଏହାର ବିଜେତା ସହ ଇଂଲଣ୍ଡ ଫେବୃଆରୀ ୬ ତାରିଖରେ ଫାଇନାଲ ଖେଳିବ।



PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS